ଓ୩ମ୍

# ସୁଖୀ ଗୃହସ୍ଥ




ମହାତ୍ମା ଆନନ୍ଦ ସ୍ୱାମୀ

॥ ଓ୩ମ୍ ॥

# ସୁଖୀ ଗୃହସ୍ଥ

-: ମୂଳରଚନା :-

ମହାତ୍ମା ଆନନ୍ଦ ସ୍ୱାମୀ

-: ଅନୁବାଦ :-

ଶ୍ରୀ ଦେବଦତ୍ତ ଦାସ

-: ପ୍ରକାଶକ :-

ଉତ୍କଳ ସାହିତ୍ୟ ସଂସ୍ଥାନ

ଗୁରୁକୁଳ ଆଶ୍ରମ ଆମସେନା

ଖଡ଼ିଆର ରୋଡ, ଜି - ନୂଆପଡା

ଚତୁର୍ଥ ସଂସ୍କରଣ

ବି.ସ.୨୦୬୬ ,ସନ୍ -୨୦୦୯

ମୂଲ୍ୟ - ୨୦.୦୦

ଓ୩ମ୍

# ଭୂମିକା

ରାଜର୍ଷି ମନୁ ମହାରାଜ ମନୁସ୍ମୃତିରେ ନିବେଦନ କରି କହିଛନ୍ତି.........

ଯଥା ନଦୀ-ନଦାଃ ସର୍ବେ ସାଗରଂ ଯାନ୍ତି ସଂସ୍ଥିତିମ୍ ।

ତଥୈବାଶ୍ରମିଣଃ ସର୍ବେ ଗୃହସ୍ଥେ ଯାନ୍ତି ସଂସ୍ଥିତିମ୍ ॥

ଅର୍ଥାତ୍- ସଂସାରର ସମସ୍ତ ନଦନଦୀଗୁଡ଼ିକ ଯେପରି ସମୁଦ୍ରକୁ ଆଶ୍ରୟ କରନ୍ତି, ଠିକ୍ ସେହିପରି ବ୍ରହ୍ମଚାରୀ, ବାନପ୍ରସ୍ଥୀ, ସନ୍ନ୍ୟାସୀ ଏ ତିନୋଟି ଆଶ୍ରମର ବ୍ୟକ୍ତିମାନେ ଗୃହସ୍ଥ ଆଶ୍ରମର ସାହାଯ୍ୟରେ ହିଁ ପରିଚାଳିତ ହୋଇଥାନ୍ତି । ଏଣୁ ବିଚାରିବାକୁ ଗଲେ ଗୃହସ୍ଥ ଆଶ୍ରମ କେବଳ ଭୋଗବିଳାସ ନିମିତ୍ତ ଉଦ୍ଦିଷ୍ଟ ନୁହେଁ । ବିବାହ ବନ୍ଧନରେ ଆବଦ୍ଧ ହେବା ଅର୍ଥ ଭୋଗ ବିଳାସରେ ବୁଡ଼ିରହିବା ଏହାର ଏକମାତ୍ର ଉଦ୍ଦେଶ୍ୟ ନୁହେଁ, ଏହାମଧ୍ୟ ହେଉଛି ତପସ୍ୟା ଓ ପରିଶ୍ରମର ଆଶ୍ରମ । ସନ୍ତାନସନ୍ତତି ଉତ୍ପତ୍ତି ପାଇଁ କେବଳ ସ୍ତ୍ରୀସହିତ ସଂପର୍କ ସ୍ଥାପନ କରିବାପାଇଁ ସଦ୍‌ଗୃହସ୍ଥଙ୍କୁ ଆଦେଶ ଦିଆଯାଇଛି । ସେପରି ଗୃହସ୍ଥମାନଙ୍କୁ ବ୍ରହ୍ମଚାରୀ ବୋଲି କୁହାଯାଇଥାଏ । ଗୃହସ୍ଥାଶ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସନ୍ତାନୋତ୍ପତ୍ତି ତଥା ସଂସାରର ପାଳନପୋଷଣ । ସେପରି ଗୃହସ୍ଥୀ ହେଲେ କଣ ସବୁ ବିଧିବିଧାନ ପାଳନ କରିବାକୁ ହେବ ? ଗୃହସ୍ଥାଶ୍ରମୀ ସୁଖ ଶାନ୍ତି ପୂର୍ବକ କିପରି ଈଶ୍ୱରଙ୍କ ସାନ୍ନିଧ୍ୟ

ଲାଭ କରିପାରିବ , ଏପରି ଅନେକ ମହତ୍ତ୍ୱପୂର୍ଣ୍ଣ ବିଷୟ ଆର୍ଯ୍ୟ ସମାଜର ଲୋକପ୍ରିୟ ଆଦର୍ଶ ସନ୍ନ୍ୟାସୀ ମହାତ୍ମା ଆନନ୍ଦ ସ୍ୱାମୀ ସୁଖୀଗୃହସ୍ଥ ନାମକ ପୁସ୍ତକକୁ ପ୍ରଣୟନ କରିଛନ୍ତି । ଓଡ଼ିଆ ପାଠକ -ପାଠିକାମାନଙ୍କପାଇଁ ଭବାନୀପାଟଣା ନିବାସୀ ଶ୍ରୀଯୁକ୍ତ ଦେବଦତ୍ତ ଦାସ ଏହାକୁ ଅନୁବାଦ କରିଛନ୍ତି । ମୋର ଅନୁରୋଧକୁ ରକ୍ଷାକର ପଣ୍ଡିତ ବିଶିକେସନ ଶାସ୍ତ୍ରୀ ଦ୍ୱିତୀୟ ସଂସ୍କରଣ ସଂଶୋଧନ କରିଥିଲେ । ସେହି ଦ୍ୱିତୀୟ ଏବଂ ତୃତୀୟ ସଂସ୍କରଣ ଶେଷ ହୋଇଥିବାରୁ ଉତ୍କଳ ସାହିତ୍ୟ ସଂସ୍ଥାନ ଆନୁକୂଲ୍ୟରେ ବର୍ତ୍ତମାନ ଚତୁର୍ଥ ସଂସ୍କରଣ ଲୋକ ଲୋଚନକୁ ଆସିବାରେ ସମର୍ଥ ହୋଇଛି ।

ଧର୍ମପ୍ରେମୀ ସଜ୍ଜନଗଣ ଏହାଦ୍ୱାରା ଲାଭାନ୍ୱିତ ଓ ଉପକୃତ ହେବେ ବୋଲି ଆଶା କରିବା ସଙ୍ଗେ ସଙ୍ଗେ ଗୁରୁକୁଳ ଆଶ୍ରମ ଆମସେନାର ଆଚାର୍ଯ୍ୟ ସ୍ୱାମୀ ବ୍ରତାନନ୍ଦ ସରସ୍ୱତୀ , ଗୁରୁକୁଳର ଉପାଚାର୍ଯ୍ୟ ବ୍ର.କୁଞ୍ଜଦେବ ମନୀଷୀ ପ୍ରକାଶନର ବ୍ୟବସ୍ଥା କରିଥିବାରୁ ତଥା ଅନୁବାଦକୁ ସଂଶୋଧନ କରି ପୁସ୍ତକର ଗୌରବକୁ ପଢାଇଥିବାରୁ ପଣ୍ଡିତ ବିଶିକେସନ ଶାସ୍ତ୍ରୀଙ୍କୁ ସହୃଦୟତାର ସହିତ ଧନ୍ୟବାଦ ଅର୍ପଣ କରୁଅଛି । ଇତ୍ୟୋମ୍ ।

**ସ୍ୱାମୀ ଧର୍ମାନନ୍ଦ ସରସ୍ୱତୀ**

ସଂସ୍ଥାପକ / ସଞ୍ଚାଳକ

ଗୁରୁକୁଳ ଆଶ୍ରମ ,ଆମସେନା

# ଅଧ୍ୟାୟ ୧

# ସୁଖୀ ଗୃହସ୍ଥ

ଗୃହସ୍ଥ ଓ ସୁଖୀ ? ଏହା ଏକ ଆଶ୍ଚର୍ଯ୍ୟ କଥା ଭଳି ପ୍ରତୀତ ହୁଏ । ଆମ ସହରର ଜଣେ ବୃଦ୍ଧ ବ୍ୟକ୍ତି (ଯାହାଙ୍କ ପରିବାର ବହୁତ ବଡ଼) ଭ୍ରମଣ ଅବସରରେ ବାଟରେ ଜଣେ ମିତ୍ରଙ୍କ ସହ ସାକ୍ଷାତ କଲେ । ପ୍ରତି ନମସ୍କାର କରିବା ବଦଳରେ ମିତ୍ର ଜଣକ ପ୍ରଶ୍ନ କଲେ ' ଘରେ ସମସ୍ତ କୁଶଳତ ? ' ଏହା ଶୁଣି ବୃଦ୍ଧ ଉତ୍ତର ଦେଲେ ସୁଖ ଶାନ୍ତି କୌଣସି ପୁତ୍ରବଧୂ ହୀନ ଗୃହରେ ଥାଇପାରେ ପରନ୍ତୁ ମୋର ଗୃହତ ୨୫, ୩୦ ଜଣଙ୍କ ପରିବାର । ଏତେ ବଡ଼ ପରିବାରରେ କାହାରି କାନରେ ବ୍ୟଥା ତ କାହାରି ପେଟରେ, କାହାରି କେଉଁ କଷ୍ଟ କେଉଁ ଦୁଃଖ । ପରିବାର ଭିତରେ ଜଣକର ଅନ୍ୟ ସହିତ କଳହ ତପୁଣି ମତଭେଦ । ଏମାନଙ୍କ ଆପତ୍ତି ଅଭିଯୋଗ ଶୁଣିବାରେ କେବଳ ଅନେକ ସମୟ ବିତି ଯାଉଛି । ଗୃହସ୍ଥ ଜୀବନରେ କଣ କେବେ ସୁଖ ଅଛି ? ଆଧୁନିକ ଯୁଗରେ କଥା ସତ୍ୟବୋଲି ମନେ ହୁଏ । କିନ୍ତୁ ଗୃହସ୍ଥ ଆଶ୍ରମକୁ ମହର୍ଷି ମନୁ ' **ଜ୍ୟେଷ୍ଠ ଓ ଶ୍ରେଷ୍ଠ** ' ବୋଲି ଲେଖିଛନ୍ତି । ଯଦି ଏହି ଆଶ୍ରମ ସବୁଠାରୁ ଉତ୍ତମ ଶ୍ରେଷ୍ଠ ଅଟେ ତେବେ ଏଥିରେ ଦୁଃଖ କାହିଁକି ? ପୁନଶ୍ଚ ଏହାକୁ ଦୁଃଖ ସାଗର କାହିଁକି କୁହା ଯାଉଅଛି ? କଣ ଆରମ୍ଭରୁ ଏହାକୁ ପ୍ରକୃତରେ ଦୁଃଖର ଗୃହ ବୋଲି କୁହାଯାଉ ଅଛି ।

ନୁହେଁ ଏପରି କଥା ନୁହେଁ । ଗୃହସ୍ଥାଶ୍ରମ ଇହଲୋକ ଓ ପରଲୋକ ଉଭୟକୁ ସୁଧାରିବା ପାଇଁ ଗୋଟିଏ ପ୍ରକୃଷ୍ଟ ଉପାୟ ଅଟେ । ଏହି ଉପାୟକୁ ମନୁଷ୍ୟ ନିଜ ନିଜର ସ୍ୱାର୍ଥ, ଆଳସ୍ୟ, ଅତିଶୟ ବାସନା, ଲୋଭ

ତଥା ମୂର୍ଖତାପାଇଁ ବିନଷ୍ଟ କରିଅଛି । ଆମେ ନିଜେ ସିକୁଳି ତିଆରି କରି ନିଜ ହାତରେ ଗୋଡ଼କୁ ବାନ୍ଧି ଅଛୁ ଏବଂ କହୁଛୁ ଆମକୁ ବାନ୍ଧି ଦିଆଯାଇ ଅଛି । ଲମ୍ବା ଜୀବନ ଯାତ୍ରାରେ ମନୁଷ୍ୟ ଥକି ଯିବ ନାହିଁ ଅଳସୁଆ ହେବ ନାହିଁ । ଏଥିପାଇଁ ଗୃହସ୍ଥାଶ୍ରମର ସୃଷ୍ଟିଯାତ୍ରା ଯେତେ ଲମ୍ବା ହେଲେ ବି ସାଙ୍ଗରେ ସାଥି ଥିଲେ ଯାତ୍ରା ସରଳ ହୋଇଯାଏ । ପୁରୁଷ ଏବଂ ସ୍ତ୍ରୀ ଏହି ପ୍ରକାର ସାଥି ଅଟନ୍ତି ଯେଉଁଠି ଆକର୍ଷଣ ଅଛି । ପୁରୁଷ ଓ ସ୍ତ୍ରୀ ଉଭୟଙ୍କ ପରସ୍ପର ମଧ୍ୟରେ ଆତ୍ମ ସମର୍ପଣ ସ୍ୱାଭାବିକ ଅଟେ ।

ସ୍ତ୍ରୀ ଓ ପୁରୁଷଙ୍କ ମଧ୍ୟରେ ଯେଉଁ ସ୍ୱାଭାବିକ ସ୍ନେହ ବିଦ୍ୟମାନ ତାକୁ କାମ କୁହାଯାଏ ।

**ସ୍ତ୍ରୀଷୁ ଜାତୋ ମନୁଷ୍ୟାଣାଂ ସ୍ତ୍ରୀଣାଂଚ ପୁରୁଷେଷୁ ।**
**ପରସ୍ପର କୃତ ସ୍ନେହଃ କାମ ଇତ୍ୟଭିଧିୟତେ ॥ ( ଶାର୍ଙ୍ଗଧର ୧୧୬)**

କାମ, କ୍ରୋଧ, ଲୋଭ, ମୋହ, ଅହଂକାର ଏହି ପାଞ୍ଚଟିକୁ ମର୍ଯ୍ୟାଦାର ସହ ରଖିବାର ସୁନ୍ଦର ବାଟ ଗୃହସ୍ଥାଶ୍ରମ ଅଟେ । ବଲ୍ୟାବସ୍ଥାରୁ ମୃତ୍ୟୁ ପର୍ଯ୍ୟନ୍ତ ବ୍ରହ୍ମଚର୍ଯ୍ୟ ପାଳନ କରିବା ବ୍ୟକ୍ତି ବିରଳ ଅଟନ୍ତି । ସର୍ବ ସାଧାରଣଙ୍କ କଲ୍ୟାଣ ଦୃଷ୍ଟିରୁ ଗୃହସ୍ଥାଶ୍ରମ ଶ୍ରେୟ ଅଟେ । ପ୍ରାଚିନ ଇତିହାସ କହେଯେ ଋଷି ମୁନି ମାନେ ଗୃହସ୍ଥାଶ୍ରମରେ ରହି ସମସ୍ତଙ୍କୁ ପଥ ପ୍ରଦର୍ଶନ କରୁଥିଲେ । ଆମର ପୂର୍ବ ପୁରୁଷ ନାରୀ ଜାତିକୁ ଅତ୍ୟଧିକ ସମ୍ମାନ ପ୍ରଦର୍ଶନ କରୁଥିଲେ । ବେଦରେ ବର୍ଣ୍ଣିତ ଅଛି ଯେ ନାରୀ ହିଁ ଗୃହ ଅଟେ । ଯେଉଁ ଗୃହରେ ଗୃହଣୀ ନାହିଁ ସେ ଗୃହ ଗୃହ ନୁହେଁ, ପାନ୍ଥଶାଳା ଅଟେ ।

ମନୁ ମହର୍ଷି ଏ ବିଷୟରେ କହିଛନ୍ତି- ହେ ଗୃହସ୍ଥମାନେ ସ୍ତ୍ରୀ ସନ୍ତାନ ଉତ୍ପତ୍ତି କରୁଥିବାରୁ ବଡ଼ ଭାଗ୍ୟବତୀ ଅଟେ, ଘରର ଶୋଭା ଅଟେ । ସ୍ତ୍ରୀ ଘରର ଶ୍ରୀ ଅଟେ । ସ୍ତ୍ରୀ ଏବଂ ଶ୍ରୀ (ଲକ୍ଷ୍ମୀ) ମଧ୍ୟରେ କିଛି

ପ୍ରଭେଦ ନାହିଁ ॥ ମନୁ ୯-୨୬ ॥

ସନ୍ତାନ ଉତ୍ପାଦନ ଓ ପାଳନ ପୋଷଣ ତଥା ପ୍ରତିଦିନ ଆଗନ୍ତୁକ ଅତିଥିଙ୍କ ସେବାକାର୍ଯ୍ୟ ସ୍ତ୍ରୀଙ୍କର ଅଟେ ॥ ୨୭ ॥ ସନ୍ତାନ, ଧର୍ମକାର୍ଯ୍ୟ ସେବା ନିଜର ଓ ପିତା ମାତାଙ୍କର ସମସ୍ତ ସୁଖ ଏସବୁ ସ୍ତ୍ରୀଙ୍କ ଅଧୀନ ଅଟେ ॥ ୨୮ ॥ ଧନକୁଂ ରକ୍ଷାକରି ଖର୍ଚ୍ଚ କରିବାରେ, ଧର୍ମକାର୍ଯ୍ୟ, ଅଗ୍ନିହୋତ୍ର, ସତ୍‌ସଙ୍ଗ ସ୍ୱାଧ୍ୟାୟ ଆଦିରେ ରୋଷେଇ କାର୍ଯ୍ୟ ଏବଂ ଘରର ସକଳ ପ୍ରକାର ସାମଗ୍ରୀର ଯତ୍ନ ନେବାରେ ସ୍ତ୍ରୀଙ୍କୁ ବିନିଯୋଗ କରନ୍ତୁ ।

ମନୁ ୯. ୧୧ ॥

ଗୃହିଣୀର ମର୍ଯ୍ୟାଦା ହେଉଛି- ସବୁବେଳେ ପ୍ରସନ୍ନ ରହି, ଗୃହ କାର୍ଯ୍ୟ ଦକ୍ଷତାର ସହ ସଂପନ୍ନ କରି, ଗୃହକୁ ନିର୍ମଳ ରଖି, ମିତ ବ୍ୟୟ କରିବା ॥ ମନୁ, ୫. ୧୫୦ ॥

**ଉତ୍ପାଦନ ମତାତ୍ୟସ୍ୟ ଜାତସ୍ୟ ପରି ପାଳନମ୍ ।**

**ପ୍ରତ୍ୟହଂ ଲୋକଯାତ୍ରାୟାଃ ପ୍ରତ୍ୟକ୍ଷଂ ସ୍ତ୍ରୀନିବନ୍ଧନମ୍ ॥**

ମନୁ. ୯-୨୭ ॥

**ଅପତ୍ୟଂ ଧର୍ମକାର୍ଯ୍ୟାଣି ଶୁଶ୍ରୂଷ୍ୟ ପତିରିତ୍ତମା ।**

**ଦାରାଧୀନ ସ୍ତଥା ସ୍ୱର୍ଗଃ ପିତୃଣାମାତ୍ମନଶ୍ୱହ** ॥ ମନୁ. ୯-୨୮ ॥

**ଅର୍ଥସ୍ୟ ସଂଗ୍ରହେ ଚୈନଂ ବ୍ୟୟେ ଚୈବ ନିୟୋଜୟେତ୍ ।**

**ଶୌତେ ଧର୍ମେଽନ୍ନପକ୍ତ୍ୱାଂ ଚ ପରିଣାହାସ୍ୟ ଚେକ୍ଷଣେ** ॥ ମନୁ. ୯-୧୧ ॥

**ପ୍ରଜନାର୍ଥଂ ମହାଭାଗାଃ ପୂଜାର୍ହା ଗୃହଦିପ୍ତୟଃ**

**ସ୍ତ୍ରିୟଃ ଶ୍ରିୟଶ୍ଚ ଗେହେଷୁ ନବୀଶେଷୋ କଶ୍ଚନ** ॥ ମନୁ ୬-୨୬

ମନୁ ମହର୍ଷି ଗୃହସ୍ଥାଶ୍ରମକୁ କିପରି ପ୍ରଶଂସା କରିଛନ୍ତି ତାହା ଦେଖିବା କଥା । ମନୁ ଲେଖିଛନ୍ତି-

" ଯେପରି ସମସ୍ତ ପ୍ରାଣୀ ବାୟୁର ସହାୟତାରେ ବଞ୍ଚି ରହିଛନ୍ତି ସେପରି ସମସ୍ତ ଆଶ୍ରମ ଗୃହସ୍ଥାଶ୍ରମର ଆଶ୍ରୟ ନେଇ ରହନ୍ତି । ମନୁ ୩-୭୭ ।

**ଯଥା ବାୟୁ ସମାଶ୍ରିତ୍ୟ ବର୍ତ୍ତନ୍ତେ ସର୍ବଜନ୍ତବଃ ।**

**ତଥା ଗୃହସ୍ଥମାଶ୍ରିତ୍ୟ ବର୍ତ୍ତନ୍ତେ ସର୍ବ ଆଶ୍ରମଃ ॥ ॥ ମନୁ. ୩-୭୭ ॥**

ଦେବୀ ଶବ୍ଦ କେତେ ବଡ଼ ଗୌରବ ଶବ୍ଦ ଅଟେ । ନିଃସନ୍ଦେହରେ ନାରୀ ଜାତି ମାନବର ମାଧୁର୍ଯ୍ୟ ଅଟେ । ଉପନିଷଦ୍‌ରେ କୁହା ଯାଇଅଛି ଯେ ଉମା ଆତ୍ମାକୁ ପରମାତ୍ମାଙ୍କ ପଥ ପ୍ରଦର୍ଶନ କରିଥିଲେ । ଜର୍ମାନୀର ବିଶିଷ୍ଟ କବି ' ଡେଣ୍ଟେ ' ନିଜ ପୁସ୍ତକ ଫାଷ୍‌ଟ ' (Faust) ରେ ବର୍ଣ୍ଣନା କରିଛନ୍ତି ଯେ ପୁରୁଷକୁ ପାପ ଓ ଦୁଃଖ ରୂପକ କୂପ ମଧ୍ୟରୁ ସ୍ତ୍ରୀ କେବଳ ରକ୍ଷା କରିପାରେ ।

ଏହା କେବଳ କବିଙ୍କର କଳ୍ପନା ନୁହେଁ, ଇତିହାସ ମଧ୍ୟ ସ୍ତ୍ରୀ ପୁରୁଷଙ୍କର ପ୍ରତି କ୍ଷେତ୍ରରେ ପଥ ପ୍ରଦର୍ଶକ କଥା ସ୍ୱୀକାର କରିଛି । ସିନ୍ଧୁ ଦେଶର ସୌବୀରଙ୍କ ରାଣୀ ବିଦୁଲାଙ୍କ ଉପରେ ଶତ୍ରୁର ଆକ୍ରମଣ ଯେତେବେଳେ ହେଲା ବିଦୁଲାଙ୍କ ପୁତ୍ର ସଂଜୟ ଭୟଭୀତ ହୋଇ ଗୃହ କୋଣରେ ଲୁଚିଲା । ମାତା ପୁତ୍ରକୁ ନିକଟକୁ ଡ଼ାକି କହିଲେ- ତୁ ମୋର ପୁତ୍ର ଅଟୁ ? ଯଦି ପ୍ରକୃତରେ ମୋର ପୁତ୍ର ଅଟୁ ତେବେ ଯୁଦ୍ଧକୁ ଯାଇ ଶତ୍ରୁର ସମ୍ମୁଖୀନ ହୁଅ । ସଂଜୟ କହିଲା- ମାଆ ତୁ କଣ ମୋର ମୃତ୍ୟୁ ଚାହୁଁ ? ବିଦୁଲା ଉତ୍ତର ଦେଲେ ' ଶୁଣ ପୁତ୍ର, " କୌଣସି ମାତା ନିଜ ପୁତ୍ରର ମୃତ୍ୟୁ ଚାହେଁ ନାହିଁ । ପରନ୍ତୁ ମାତା ଏହା ମଧ୍ୟ ସହ୍ୟ କରିପାରେନା ଯେ ତାହାର ପୁତ୍ର ଭୀରୁ ଭାବରେ ବଞ୍ଚି ରହୁ । " ଏହା ଶ୍ରବଣ କରୁକରୁ ସଂଜୟଙ୍କ ଭିତରେ ନୂତନ ଜୀବନର ସଂଚାର ହେଲା ।

କୁନ୍ତି ନିଜ ପୁତ୍ର ନିକଟକୁ କୃଷ୍ଣଙ୍କ ହାତରେ ସନ୍ଦେଶ ଦେଲେ ଯେ ମାତା ପୁତ୍ରକୁ ଯେଉଁଥି ପାଇଁ ଜନ୍ମ ଦେଇଥାଏ ସେହି କ୍ଷଣ (ସମୟ)

ପହଞ୍ଚି ଯାଇଛି । ଶତ୍ରୁର ବିନାଶ କରିଦିଅ ।

ରାଜପୁତନା ଇତିହାସର ପ୍ରତି ପୃଷ୍ଠା ନାରୀ ରକ୍ତରେ ରଞ୍ଜିତ କେବେ ପତ୍ନୀ ରୂପରେ ମହାମାୟା ରାଜା ଯୋଶୋବନ୍ତଙ୍କୁ ରଣ କ୍ଷେତ୍ରରେ ପରାସ୍ତ କରିଥିଲେ, କେବେ ସେବିକା ରୁପେ ପନ୍ନାଧାୟୀ ନିଜ ପୁତ୍ରକୁ ବଳୀଦାନ ଦେଇ ରାଜକୁମାରଙ୍କ ଜୀବନ ରକ୍ଷା କରିଥିଲେ । ପୁରାତନ ୟୁନାନ (ଯୁଗ) ଯୁଗର ମାତାମାନେ ନିଜ ହସ୍ତରେ ମୁକ୍ତ ତରବାରୀ ନିଜ ପୁତ୍ର ମାନଙ୍କୁ ଦେଇ ଯୁଦ୍ଧ କ୍ଷେତ୍ରକୁ ପଠାଇ କହୁଥିଲେ " ଏହି ତରକାରୀ ଦ୍ୱାରା ଶତ୍ରୁକୁ ନାଶ କରିବୁ ନତୁବା ନିଜେ ମରିବୁ " । ସ୍ତ୍ରୀର ହୃଦୟକୁ ଭଗବାନ କୋମଳରୁ କୋମଳ ଏବଂ କଠୋରରୁ କଠୋର କରିଛନ୍ତି । ଏଥିପାଇଁ ମନୁ ମଧ୍ୟ ସ୍ତ୍ରୀ ମାନଙ୍କୁ ବିଶେଷ ମାନ୍ୟ କରିବା ପାଇଁ ଆଜ୍ଞା ଦେଇଛନ୍ତି ।

ମନୁସ୍ମୃତି'ର ତୃତୀୟ ଅଧ୍ୟାୟରେ, ସୁଖୀ ଓ ଦୁଃଖୀ ପରିବାରର ସୁନ୍ଦର ବର୍ଣ୍ଣନା କରାଯାଇ ଅଛି । ମହର୍ଷି ମନୁ ଲେଖିଛନ୍ତି-

ପିତା, ଭାଇ, ପତି ଏବଂ ଦିଅର ଯେଉଁମାନେ ନିଜ କୁଳର କଲ୍ୟାଣ ଚାହାନ୍ତି ସେମାନେ ସ୍ତ୍ରୀମାନଙ୍କର (କନ୍ୟା, ଭଉଣୀ, ସ୍ତ୍ରୀ, ଭାଉଜ ଆଦିଙ୍କୁ) ମାନ୍ୟ କରନ୍ତୁ । ୫୫ । ଯେଉଁ କୁଳରେ ସ୍ତ୍ରୀର ମାନ୍ୟ ହୁଏ ସେଠାରେ ଦେବତା ଆନନ୍ଦ ଦିଅନ୍ତି ଏବଂ ଯେଉଁଠାରେ ଏମାନଙ୍କର ମାନ୍ୟ ହୁଏ ନାହିଁ ସେଠାରେ ସମସ୍ତ କାର୍ଯ୍ୟ ନିଷ୍ଫଳ ହୁଏ । ୫୬ । ଯେଉଁଠାରେ ସ୍ତ୍ରୀ କୁଳର ଅପମାନ ବା ସମ୍ମାନ ଅଭାବରୁ ସ୍ତ୍ରୀ ଶୋକାତୁର ରହେ ସେହି କୁଳ ଶୀଘ୍ର ନଷ୍ଟ ହୋଇଯାଏ । ଯେଉଁଠାରେ ସ୍ତ୍ରୀମାନେ ଆଦର ଓ ମାନ୍ୟତା ପ୍ରାପ୍ତ କରନ୍ତି ତଥା ପତିର ହାର୍ଦ୍ଦିକ ପ୍ରେମରେ ପ୍ରସନ୍ନ ରହନ୍ତି ସେହି କୁଳର ସର୍ବଦା ଉନ୍ନତି ହୁଏ । ୫୭ । ଯେଉଁ କୁଳରେ ସ୍ତ୍ରୀ ଓ ପୁରୁଷ ଉଭୟେ ପ୍ରସନ୍ନ ରହନ୍ତି ସେହି କୁଳର ଅନେକ କଲ୍ୟାଣ ସାଧିତ ହୁଏ ।

ଯେତେବେଳେ ଭାରତ ବର୍ଷରେ ବୈଦିକ ସଂସ୍କୃତିର ଉତ୍ତାଳ ତରଙ୍ଗ ପ୍ରବାହିତ ହେଉଥିଲା ସେତେବେଳେ ଭାରତରେ ସୁବର୍ଣ୍ଣ ଯୁଗ ଥିଲା । ସେତେବେଳେ ଗୃହସ୍ଥାଶ୍ରମ ସବୁ ଆଶ୍ରମଠାରୁ ଉତ୍କୃଷ୍ଟ ଥିଲା । ସେତେବେଳେ ବିବାହ ସମ୍ବନ୍ଧରେ ହୀନ ଭାବନା ନ ଥିଲା ଯେ ବିବାହ ଗୋଟାଏ କଣ ? ମିଥ୍ୟା, ଅର୍ଦ୍ଧ ବୈରାଗ୍ୟ ତଥା ବେଦ ମର୍ଯ୍ୟାଦାର ବିଲୋପ ହେତୁ ଅଧୁନା ଗୃହସ୍ଥାଶ୍ରମକୁ ଦୁଃଖ ସାଗର ବୋଲି କୁହାଯାଉଛି । ପରନ୍ତୁ ବୈଦିକ କାଳରେ ଗୃହସ୍ଥାଶ୍ରମର ଅତ୍ୟନ୍ତ ମହତ୍ୱ ଥିଲା । ଗୃହସ୍ଥକୁ ବ୍ରହ୍ମ ପ୍ରାପ୍ତିର ବାଧକ ନ କହି ସାଧକ ବୁଝାଯାଉଥିଲା । ବ୍ରହ୍ମବିଦ୍ୟାର ଆଚାର୍ଯ୍ୟ ବଡ ବଡ଼ ଋଷି ମହର୍ଷି ଗୃହସ୍ଥୀ ଥିଲେ । ରାଜା ଜନକ, ରାଜା ଅଶ୍ୱପତି, ଯୋଗୀ ଯାଜ୍ଞ୍ୟବଲ୍କ୍ୟ, ସମସ୍ତେ ଗୃହସ୍ଥୀ ଥିଲେ । ତଥାପି ଗୃହସ୍ଥୀ ସମ୍ବନ୍ଧରେ ମିଥ୍ୟା ଭାବନା କିପରି ଜାଗ୍ରତ ହେଲା ?

୧- ସର୍ବ ପ୍ରଥମ କାରଣ ହେଲା- ଜଗତ୍ ମିଥ୍ୟାର ହୀନ ବିଚାର । ଯଦି ମିଥ୍ୟା ବୋଲି ବିଚାର କରା ଯାଉଥିଲା ତେବେ ମିଥ୍ୟାର ସଂଗ୍ରହ କରିବା ଉଚିତ ନ ଥିଲା ।

୨- ଦ୍ୱିତୀୟ କାରଣ- ମାନବ ଜୀବନର ପ୍ରକୃତ ଉଦ୍ଦେଶ୍ୟକୁ ଭୁଲାଇ ଦିଆଯାଇ ଖାଅ, ପିଅ ଓ ମଜା ମଜଲିସ୍ କର ବୋଲି ବାମ ମାର୍ଗୀଙ୍କ ପ୍ରଚାର ହେଲା ।

୩- ଗୃହସ୍ଥୀ ଜୀବନକୁ ଭୋଗ ବିଳାସର ଆଶ୍ରମ ବୁଝାଗଲା ।

୪- ଧନକୁ ସୁଖ (ସର୍ବସ୍ୱ) ସ୍ଥାନ ଦିଆଗଲା ।

୫- କନ୍ୟା ଜାତ ହେବାପରେ ଦୁଃଖ ପ୍ରକାଶ କରାଗଲା । ଜଣେ ମିତ୍ର ଅନ୍ୟକୁ ପ୍ରଶ୍ନ କଲେ- କହନ୍ତୁ: ଖବର କଣ ? ମିତ୍ର ଉତ୍ତର ଦେଲେ- ଭାଇ ପଚାରୁଛ କଣ ? ପଚିଶି ହଜାର ଟଙ୍କାର ଡିଗ୍ରୀ ମୋ ଉପରେ

ହୋଇଯାଇଛି । ମିତ୍ର ପ୍ରଶ୍ନକଲେ- ' କିପରି ' ? ଉତ୍ତର ମିଳିଲା- " ଘରେ କନ୍ୟା ଜାତ ହୋଇଅଛି । "

୬- ସର୍ବ ଶ୍ରେଷ୍ଠ କାରଣ ହେଲା ଦୃଷ୍ଟିକୋଣର ପରିବର୍ତ୍ତନ ।

ବର୍ତ୍ତମାନ ଆଖି ଆଗରେ କେବଳ ଧନ ସଂପଦ ଏକତ୍ରକରିବାର ଏକମାତ୍ର ଚିନ୍ତା । କୌଣସି ଯୁବକକୁ ଯଦି ପ୍ରଶ୍ନ ହୁଏ ଏତେ କଷ୍ଟ ସହ୍ୟ କରି ପଢ଼ା-ପଢ଼ିରେ କାହିଁକି ଲାଗିଛ ? ଉତ୍ତର ମିଳିବ- " ଭଲ ଚାକିରୀ ମିଳିବ, ବ୍ୟବସାୟରେ ସାହାଯ୍ୟ ମିଳିବ, କୌଣସି ଭଲ ପରିବାରରୁ ସୁନ୍ଦର କନ୍ୟା ମିଳିବ ।

କୌଣସି ଯୁବତୀକୁ ଯଦି ପ୍ରଶ୍ନ ହୁଏ- " ସ୍ୱାସ୍ଥ୍ୟ ଖରାପ କରି ଦିନ ରାତି କାହିକି ପଢୁଛ " ?

ଉତ୍ତର ହେବ- ଅର୍ଥ ପାଇଁ ପର ମୁଖ ଦେଖିବା ଉଚିତ ନୁହେଁ । ମୁଁ ନିଉଜିଲେଣ୍ଡରେ ଥିବାବେଳେ ସେଠାକାର ସମ୍ବାଦ ପତ୍ରରେ ଏହି ପ୍ରଶ୍ନର ବହୁତ ଚର୍ଚ୍ଚା ହେଲା ଏବଂ ବହୁତ୍ ଯୁବତୀଙ୍କ ଉତ୍ତର ଥିଲା ଯେ ଭଲ ପତି ପାଇବା ପାଇଁ, ଧନ ଓ ପ୍ରେମ ଥିଲେ ମଧ୍ୟ ପଢ଼ା ଆବଶ୍ୟକ ।

ଭାରତର ଅନେକ ପରିବାରକୁ ମୁଁ ପ୍ରଶ୍ନ କରିଛି ଯେ ତୁମେ କନ୍ୟାମାନଙ୍କୁ ଖ୍ରୀଷ୍ଟିୟାନ୍ ସ୍କୁଲ୍‌ରେ କାହିଁକି ପଢାଉଛ ? ଉତ୍ତର ମିଳିଲା କନ୍‌ଭେଣ୍ଟରେ ପଢ଼ିଥିବା କନ୍ୟାକୁ ବଡ଼ ଘର ଲୋକେ ପସନ୍ଦ କରୁଛନ୍ତି ଏବଂ ଭଲ ପତି ମିଳୁଅଛି । ହିନ୍ଦୁଙ୍କ ଭିତରେ ଧନର ପ୍ରାଧାନ୍ୟ ବଢ଼ି ଚାଲିଛି । କନ୍ୟା ପିତା ଚିନ୍ତାଶୀଳ ଯେ ଏତେ ଟଙ୍କା ଖର୍ଚ୍ଚ କରି କନ୍ୟାକୁ ଉଚ୍ଚ ଶିକ୍ଷା ଦେଲେ ମଧ୍ୟ ବିବାହ ପାଇଁ ପୁଣି ବରପକ୍ଷ ହଜାର-ହଜାର ଟଙ୍କା ଦାବି କରୁଛନ୍ତି । ଶିକ୍ଷିତ କନ୍ୟା ଗୃହରେ ଚିନ୍ତାର ବାତାବରଣ ଦେଖି ନିଜେ ଚିନ୍ତିତ ହୋଇ ପଡୁଛି । ପ୍ରଥମେ ୨ ବହୁ କନ୍ୟା ଆତ୍ମହତ୍ୟା ବରଣ କରିବା ସଙ୍ଗେ ସଙ୍ଗେ

ଅନେକ ଆଜୀବନ ଅବିବାହିତା ରହିବାପାଇଁ ସଂକଳ୍ପ ମଧ୍ୟ କରି ପକାଇଲେ । ପରନ୍ତୁ ବର୍ତ୍ତମାନ ବାତାବରଣ ପରିବର୍ତ୍ତନ ହେଉଛି କିମ୍ବା ହୋଇ ଯାଇଅଛି, ଯେପରି ସହଶିକ୍ଷା ତଥା ପୁଅମାନେ ଝିଅସାଥି ଏବଂ ଝିଅମାନେ ପୁଅ ସାଥି ଖୋଜିବା ଆରମ୍ଭ କରି ଦେଲେଣି । ଏହି ମିତ୍ରତା ମୂଳରେ କାମ ବାସନା ବିଦ୍ୟମାନ । ବାସ୍ତବିକ୍ ଏହା ଶୁଦ୍ଧ ପ୍ରେମ ଓ ମିତ୍ରତା ନେଇ ହେଉ ନାହିଁ । ଏହି ହେତୁ ବିବାହ ଅନୁଷ୍ଠିତ ହୋଇଯାଏ । ଯେଉଁ ପ୍ରେମର ପରିଣାମ ବିବାହ ଅଟେ ତାକୁ ପ୍ରେମ ନ କହି କାମବାସନା କୁହାଯାଇପାରେ କିମ୍ବା ଧନ ଭୟରେ ବିବାହ କୁହାଯାଇପାରେ । ଏପରି ବିବାହ ଅନୁଷ୍ଠାନ ପରେ କେତେକ ଯଥା କଥା ଅଗତ୍ୟା ଭାବେ ଚଳାଇ ନିଅନ୍ତି ଏବଂ ଅନ୍ୟ କେତେକ ଅନୁତାପ କରି ରହନ୍ତି । କାମ ବାସନାର ତୃପ୍ତିପରେ ପତି ପତ୍ନୀ ଜଣେ ଅନ୍ୟର କଥାରେ ଅସହିଷ୍ଣୁ ହୋଇ ପଡ଼ନ୍ତି । ଏପରିକି ଦୁହେଁ ଖୁସିରେ ବସି ଥିବା ବେଳେ ସତରେ ହେଉ ବା ମଛାରେ ହେଉ ପତ୍ନୀ କହନ୍ତି " ମନେ ଅଛି— ଯେତେବେଳେ ତମେ ମୋ ପାଇଁ ପାଗଳ ହୋଇ ବୁଲୁ ଥିଲ ? " ପତି ଉତ୍ତର ଦିଅନ୍ତି " ମନେ ପଡ଼ିବା କଥା ପଗୁରୁଛ, ବର୍ତ୍ତମାନତ କାର୍ଯ୍ୟ ସିଦ୍ଧ ହୋଇଯାଇଛି ମୁଁ ଯଦି ପାଗଳ ହୋଇ ନଥାନ୍ତି ତେବେ ତୁମ ସହ ବିବାହ କାହିଁକି ହୁଅନ୍ତା ? "

ଏହି ପରିସ୍ଥିତିରେ ଗୃହସ୍ଥ ଜୀବନକୁ ଦୁଃଖ ସାଗର କୁହାଯାଉ ଅଛି  ପାଶ୍ଚାତ୍ୟ ସଭ୍ୟତା କୁହୁକ ଆମକୁ ଗ୍ରାସ କରି ରଖିଛି ।ଯେ ହେତୁ ପାଶ୍ଚାତ୍ୟ ସଭ୍ୟତାରେ ବିବାହର ପୂର୍ବରୁ ମିତ୍ର ଖୋଜିବା ତଥା ଠିକ୍ କରିବାକାର୍ଯ୍ୟ ସମ୍ପନ୍ନ ହୋଇଥାଏ । ବର୍ତ୍ତମାନ ଭାରତରେ ମଧ୍ୟ ଏପରି ଅବସ୍ଥା ପ୍ରଚଳନର  ସୂତ୍ର ଜାତ ହେଉଅଛି । ଏହା ହେତୁ ଭାରତର ଶିକ୍ଷିତଯୁବକ ଯୁବତୀ ତାହାର ନକଲ କରୁଛନ୍ତି । ଭାରତୀୟ ପରମ୍ପରା ଅନୁଯାୟୀ ବିବାହ

ପ୍ରଥମେ ହୋଇ ମିତ୍ରତା ଧିରେ ଧିରେ ମୃତ୍ୟୁ ପର୍ଯ୍ୟନ୍ତ ବଢ଼ି ବଢ଼ି ଯାଇଥାଏ କିନ୍ତୁ ପାଶ୍ଚାତ୍ୟ ଲୋକେ ପ୍ରଥମେ ମିତ୍ରତା କରନ୍ତି ପରେ ବିବାହ କରନ୍ତି ଏବଂ ସେମାନଙ୍କ ମିତ୍ରତା ଧିରେ ଧିରେ କମି କମି ଯାଏ ।

ବିଲାତର ଏକ ମାସିକ ପତ୍ରିକା ' ସାଇକୋଲଜୀ ' ରେ ପ୍ରକାଶିତ ସମ୍ବାଦରେ କୁହା ଯାଇଥିଲା ଯେ ଗତବର୍ଷ ବିଲାତ ଓ ବେଲ୍‌ଜରେ ନିଜ ପସନ୍ଦ ମୁତାବିକ ତିନି ଲକ୍ଷ ପଚାଶ ହଜାର ବିବାହ ହୋଇ ଅଳ୍ପ ସମୟ ଭିତରେ ଏକ ଲକ୍ଷ ଷୋଳ ହଜାର ଦାମ୍ପତ୍ୟ ସଂପର୍କ ଛିନ୍ନ ହେଲା । ମିତ୍ର ସୃଷ୍ଟି ରେ ହୋଇଥିବା ବିବାହର ନଗ୍ନ ଚିତ୍ର ଦେଖିଲେ ସୁଦ୍ଧା ଭାରତୀୟ ମାନେ ଶିକ୍ଷା ପାଉ ନାହାନ୍ତି ।

ବିବାହ ପୂର୍ବରୁ ମିତ୍ରତା ସ୍ଥାପିତ ପ୍ରଥା ଆହୁରି ଖରାପ ପରିଣାମ ସୃଷ୍ଟି କରୁଅଛି । ସେହି ' ସାଇକୋଲଜୀ ' ପତ୍ରିକାରେ ଲେଖାଅଛି ଯେ ବିଗତ ବର୍ଷ ବିଲାତ ତଥା ବେଲ୍‌ଜରେ ସଇଁତିରିଶ ହଜାର କୁମାରୀଙ୍କ ଗର୍ଭରୁ ସନ୍ତାନ ଜାତ ହୋଇଅଛି । ଏପରି ଘଟଣା ଗୃହସ୍ଥୀ ଜୀବନରେ କି ଦୁଃଖ ବଢ଼ାଉ ନାହିଁ । ଦୁନିଆ ବହୁତ ବଦଳିଯାଇଛି । ଭାରତ ବର୍ଷକୁ ମଧ୍ୟ ବଦଳାଇବାକୁ ହେବ ? ପରନ୍ତୁ ହାନିକାରକ କଥାର ଅନୁକରଣରେ ଦୁଃଖରେ ଦୁଃଖର ମାତ୍ରା ବଢ଼ିଯିବ । ବୈଦିକ ବିବାହର ମର୍ଯ୍ୟାନୁଯାୟୀ ମାତା ପିତା କନ୍ୟା ଓ ବରଙ୍କୁ ଭଲ ଭାବେ ଦେଖି ନେବେ ଏବଂ କନ୍ୟା ଓ ବର ମଧ୍ୟ ପରସ୍ପରକୁ ଦେଖି ନିଜର ସମ୍ମତି ପ୍ରଦାନ କରିବେ । ତେବେ ବିବାହ ହେବା ଉଚିତ । ଯୁବକ ଯୁବତୀଙ୍କ ସମ୍ମତି ବିବାହର ମୁଖ୍ୟ ଭୂମିକା ହେବା କଥା ଆମ ଇତିହାସ ମଧ୍ୟ କହେ ।

* * * * * * * * *

## ଅଧ୍ୟାୟ ୨

# ବିବାହର ଅଧିକାର

**ଯେ**ପରି ମେଡ଼ିକେଲ୍ କଲେଜ୍, ଇଞ୍ଜିନିଇରିଂ କଲେଜ୍ ତଥା ଆଇନ କଲେଜ୍‌ରେ ପ୍ରଥମ କିମ୍ବା ଦ୍ୱିତୀୟ ଶ୍ରେଣୀର ଛାତ୍ର ପ୍ରବେଶ କରି ପାରନ୍ତି ନାହିଁ । ସେମାନଙ୍କୁ ବିଜ୍ଞାନ କିମ୍ବା କଳାରେ ସ୍ନାତକ (ଗ୍ରାଜୁଏଟ) ହେବା ଆବଶ୍ୟକ, ଠିକ୍ ସେହିପରି ଗୃହସ୍ଥାଶ୍ରମରେ ପ୍ରବେଶ କରିବାର ଅଧିକାର ସମସ୍ତଙ୍କର ନାହିଁ । ଏ ସମ୍ବନ୍ଧରେ ବେଦ ଆଦେଶ ଦେଇଛନ୍ତି ଯେ ଯାହାଙ୍କର (୧) ଶରୀରେ ପରାକ୍ରମ (୨) ବୁଦ୍ଧିରେ ଗଭୀରତା (୩) ମନରେ ପ୍ରସନ୍ନତା ଏବଂ (୪) ହୃଦୟରେ ବିଶାଳତା ଅଛି ଗୃହସ୍ଥାଶ୍ରମରେ ପ୍ରବେଶ କରିବାର ଅଧିକାରୀ ସେ ଅଟନ୍ତି । ଯଜୁର୍ବେଦର ମନ୍ତ୍ରକୁ ଦେଖନ୍ତୁ-

**ଗୃହା ମା ବିଭୀତି, ମା ବେପଧମ୍ପିମୂର୍ଜଂ ବିଭ୍ରତଏମସି ।**
**ଉର୍ଜ୍ଜଂ ବିଭଭ୍ରା ସୁମନାଃ ସୁମେଧା ଗୃହାନୈମି ମନସା ମୋଦମାନଃ ॥**

**ଯଜୁଃ ୩:୪୧ ॥**

ହେ ଗୃହସ୍ଥ ! ଡର ନାହିଁ, ଥରନାହିଁ, । ମୁ ଯେତେବେଳେ ପରାକ୍ରମକୁ ଧାରଣ କରିଥିବା ବ୍ୟକ୍ତିଙ୍କ ନିକଟକୁ ଆସିଅଛି, ସ୍ୱୟଂ ପରାକ୍ରମକୁ ଧାରଣ କରି ଉଦାର ହୃଦୟ ତଥା ଗମ୍ଭୀର ବୁଦ୍ଧିରେ ଯୁକ୍ତ ହୋଇ ସହର୍ଷ ମନରେ ଗୃହସ୍ଥଙ୍କ ପାଖକୁ ଆସିଅଛି ।

ଏହି ବେଦ ଉପଦେଶ ଅନୁଯାୟୀ ଗୃହସ୍ଥୀ ହେବାପାଇଁ ଚାରୋଟି ଗୁଣରେ ଗୁଣୀ ହେବା ଅନିବାର୍ଯ୍ୟ ଅଟେ । ଶରୀର ସଂପୂର୍ଣ୍ଣ ହୃଷ୍ଟ ପୁଷ୍ଟ ସୁନ୍ଦର ଏବଂ ଚଞ୍ଚଳ ହେବା ଦରକାର । ଯୁବକ କିମ୍ବା ଯୁବତୀ ଯାହାର

କୌଣସି କାରଣରୁ ଶରୀର ଖରାପ ଅଛି, ଯାହାର ମୁଖମଣ୍ଡଳରେ ତେଜ ନାହିଁ, ଯେ ନିସ୍ତେଜ ହୋଇ ପଡ଼ିଛି ଅଳ୍ପ ଗରମ କିମ୍ବା ଥଣ୍ଡା ସହ୍ୟ କରି ପାରେନା, ଏହିପରି ବ୍ୟକ୍ତି ଗୃହସ୍ଥାଶ୍ରମରେ ପ୍ରବେଶ କଲେ ଗୃହସ୍ଥାଶ୍ରମ ଦୁଃଖରେ ପରିଣତ ହୋଇଯାଏ ।

ଗଭୀର ବୁଦ୍ଧି ଗୃହସ୍ଥର ଦ୍ୱିତୀୟ ଗୁଣ ଅଟେ । ଯଦି କେହି ପ୍ରତି ମୁହୂର୍ତ୍ତ ଦ୍ୱିଧାରେ ପଡ଼ି ରହେ । ସଂଶୟରେ ପଡ଼ି କୌଣସି ନିର୍ଣ୍ଣୟ କରିପାରେ ନାହିଁ । କ୍ଷଣେ ରୁଷ୍ଟ ଓ କ୍ଷଣେ ତୁଷ୍ଟ ହୁଏ, ବିରକ୍ତି ସ୍ୱଭାବ ହୁଏ, ସେହିପରି ବ୍ୟକ୍ତି ଯଦି ବିବାହ ନକରନ୍ତି ତେବେ ଗୃହସ୍ଥାଶ୍ରମ ଦୁଃଖର କେନ୍ଦ୍ର ହେବ ନାହିଁ, ସୌମ୍ୟ ସ୍ୱଭାବ, ଶୀତଳ ମସ୍ତିଷ୍କ ଶାନ୍ତ, ନିଶ୍ଛଳତା, ସହନଶୀଳତା ଆଦି ଗୁଣବାନ୍ ବ୍ୟକ୍ତି ମାନେ କେବଳ ଗୃହସ୍ଥାଶ୍ରମକୁ ସୁଖୀ କରିପାରିବେ ।

ମନର ପ୍ରସନ୍ନତା ଗୃହସ୍ଥୀର ତୃତୀୟ ଗୁଣ ଅଟେ । ସର୍ବଦା ପ୍ରସନ୍ନ ରହିବା ବ୍ୟକ୍ତିର ଦୁଃଖ କଷ୍ଟ ଆପେ ଆପେ ଦୂର ହୋଇଯାଏ । ତାର ବଞ୍ଚିବାର ଶ୍ରେୟ ଅଟେ ଯେ ହସି ହସି ବଞ୍ଚେ । ଚିନ୍ତିତ ବ୍ୟକ୍ତି ଗୃହସ୍ଥ ଜୀବନକୁ ନର୍କରେ ପରିଣତ କରିଦିଏ । ଏହି ପରି ନିରାଶାବାଦୀ ବ୍ୟକ୍ତି ରୁଗ୍ଣ ରହନ୍ତି ।

ହୃଦୟର ବିଶାଳତା ଗୃହସ୍ଥିର ଚତୁର୍ଥ ଗୁଣ ଅଟେ, ଯାହା ଅତ୍ୟନ୍ତ ଆବଶ୍ୟକ । କେବଳ ନିଜ ବନ୍ଧୁ ବାନ୍ଧବ ଓ ଆତ୍ମୀୟଙ୍କ ପାଖରେ ଉଦାର ବ୍ୟବହାର ଗୃହସ୍ଥର କାମ ନୁହେଁ ଅପିତୁ ଅନ୍ୟ ତିନି ଆଶ୍ରମର ବ୍ୟକ୍ତି ଯଥା ବ୍ରହ୍ମଚର୍ଯ୍ୟ, ବାନପ୍ରସ୍ଥ ଓ ସନ୍ନ୍ୟାସଙ୍କୁ ମଧ୍ୟ ପାଳନ କରିବା ଉଚିତ । ହୃଦୟ ବିଶାଳ ନହେଲେ ପତି ପତ୍ନୀ, ପିତା, ପୁତ୍ର, ଶାଶୁ ବୋହୂ, ଛୋଟ ଛୋଟ କଥାରେ ଗୃହକୁ ଯୁଦ୍ଧ ସ୍ଥଳୀରେ ପରିଣତ କରିବେ ।

ଯେଉଁ ବ୍ୟକ୍ତିଙ୍କ ନିକଟରେ ଏହି ଗୃହିଗୁଣ ରହେ ଧନ ଆପେ

ଆପେ ତାଙ୍କ ନିକଟକୁ ଆସିଯାଏ । ସେଥିପାଇଁ ଏହି ବେଦ ମନ୍ତ୍ରରେ ଧନର ବର୍ଣ୍ଣନା ନାହିଁ । କିନ୍ତୁ ଆଜି ଯୁଗରେ ଏହି ଗୃରୋଟି ଗୁଣକୁ ନ ଦେଖି କେବଳ ସୁଖ ଓ ଧନକୁ ଦେଖାଯାଉଅଛି ।

ଅଥର୍ବ ବେଦର କେତୋଟି ମନ୍ତ୍ରକୁ ଦୃଷ୍ଟି ଦିଅନ୍ତୁ—

**ଊର୍ଜ ବିଭ୍ରଦ୍ ବସୁବନିଃ ସୁମେଧା, ଅଘୋରେଣ ଚକ୍ଷୁଷା ମିତ୍ରିୟେଣ ।**

**ଗୃହାନୈମି ସୁମନା ବନ୍ଦମାନୋ, ରାମଧ୍ୱଂ ମା ବିଭିତ ମତ୍ ॥**

(ଅଥର୍ବ, ୭-୭୦-୧) ॥

ପରାକ୍ରମଶାଳୀ ହୋଇ, ଐଶ୍ୱର୍ଯ୍ୟ ଏବଂ ପରୋପକାର ପ୍ରେମୀ ହୋଇ ଉତ୍ତମ ବୁଦ୍ଧି ଓ ଉଦାର ମନରେ, ଆଦର ସହକାରେ, ପ୍ରତିକୂଳ ହେଉ ନ ଥିବ । ମିତ୍ରଙ୍କୁ ଉତ୍ତମ ଦୃଷ୍ଟିରେ ଦେଖି ମୁଁ ଗୃହସ୍ଥାଶ୍ରମରେ ପ୍ରବେଶ କରୁଛି । ହେ ଗୃହସ୍ଥମାନେ ! ମୋ ସହ ଆନନ୍ଦ କର, ମୋତେ ଡର ନାହିଁ । ୧ ।

**ଇମେ ଗୃହା ମୟୋଭୁବ ଊର୍ଜ ସ୍ୱନ୍ତଃ ପୟସ୍ୱନ୍ତଃ ।**

**ପୂର୍ଣ୍ଣ ବାମେନ ତିଷ୍ଠନ୍ତସେ ନୋ ଜାନନ୍ତ୍ୱାୟତଃ ॥**

**ଅଥର୍ବ ୭-୬୦-୨**

ସେ ହିଁ ଗୃହସ୍ଥ, ଯେ ସୁଖ ଉତ୍ପନ୍ନକାରୀ, ଶକ୍ତିଶାଳୀ ଓ ପରାକ୍ରମୀ, ଉତ୍ତମ ଆହାର ଓ ଦୁଗ୍‌ଧ ଆଦିରେ ପୂର୍ଣ୍ଣ, ପ୍ରତ୍ୟେକ ଉତ୍ତମ ପଦାର୍ଥରେ ପୂର୍ଣ୍ଣ ଓ ସ୍ଥିର ଅଟନ୍ତି, ସେମାନେ ମୋ ଭଳି ଆସନ୍ନ ଆଗନ୍ତୁକଙ୍କୁ ସ୍ୱୀକାର କରନ୍ତୁ ।

**ସୁନୃତାବନ୍ତଃ ସୁଭଗା ଇରାବନ୍ତୋ ହସାମୁଦାଃ ।**

**ଅତୃଷ୍ୟା ଅକ୍ଷୁଧ୍ୟାସ୍ତ ଗୃହା ମାସ୍ମାଦ୍ ବିଭୀତନ ॥ ଅଥର୍ବ ୭-୬୦-୬**

ହେ ଗୃହସ୍ଥମାନେ ! ଯେଉଁମାନେ ସତ୍ୟ ଓ ମଧୁର ଭାଷୀ,

ସୌଭାଗ୍ୟବାନ୍, ଅନ୍ନ ଓ ଜଳର ମାଲିକ, ହସ ଆନନ୍ଦରେ କ୍ଷୁଧା ଓ ତୃଷ୍ଣାର ଅଭାବକୁ ଭୁଲି ଯାଆନ୍ତି, ସେମାନେ, ଆମ୍ଭମାନଙ୍କୁ ଭୟ କରନ୍ତି ନାହିଁ ।

କେତେ ସୁନ୍ଦର ଭାବନା ଏହି ମନ୍ତ୍ର ମଧ୍ୟରେ ସନ୍ନିବେଶିତ । ଏପରି ଗୁଣ ଯୁକ୍ତ ଗୃହସ୍ଥି ହେଲେ ଦୁଃଖ ପୁଣି କଣ ? ଯେଉଁମାନେ ପରାକ୍ରମୀ, ଉଦାର, ବୁଦ୍ଧିମାନ୍, ଐଶ୍ୱର୍ଯ୍ୟବାନ୍, ପରୋପକାରୀ, ଆତ୍ମବିଶ୍ୱାସୀ, ଆତ୍ମନିର୍ଭରଶୀଳ, ଉଚ୍ଚାଭିଳାଷୀ, ଗୃହସ୍ଥଙ୍କୁ ଆଦର ଦୃଷ୍ଟିରେ ଦେଖିବା ବ୍ୟକ୍ତି, ଗୃହସ୍ଥାଶ୍ରମ ଭାରବହନ କରିବା ଯୋଗ୍ୟ, ସାର୍ବଜନିକ କାର୍ଯ୍ୟରେ ପ୍ରେମ ରଖିବା ବ୍ୟକ୍ତି, ଦୁର୍ଭିକ୍ଷ ପୀଡ଼ିତଙ୍କ ସହାୟକ ଏବଂ ସଦା ପ୍ରସନ୍ନ ରହି ଅନ୍ୟଙ୍କୁ ପ୍ରସନ୍ନ ରଖନ୍ତି, ଏହି ମନ୍ତ୍ରରେ ଗୃହସ୍ଥାଶ୍ରମରେ ପ୍ରବେଶ ଅଧିକାର ସେମାନଙ୍କୁ ଦିଆଯାଇଛି ।

ମହର୍ଷି ଦୟାନନ୍ଦ " ଋଗ୍‌ବେଦାଦି ଭାଷ୍ୟଭୂମିକା " ରେ ବିବାହ ବିଷୟ ସଂକ୍ଷେପରେ ବର୍ଣ୍ଣନା କରିଅଛନ୍ତି ଏବଂ " ସଂସ୍କାର ବିଧିରେ " ପ୍ରାଞ୍ଜଳ ଭାବେ ବର୍ଣ୍ଣନା କରିଅଛନ୍ତି । ଏଥି ମଧ୍ୟରେ ଯେଉଁ ଦୁଇଟି ମନ୍ତ୍ର ସ୍ୱାମିଜୀ ବ୍ୟାଖ୍ୟା କରିଛନ୍ତି ତାହା ହେଉଛି-

**ଗୃଭ୍ଣାମିତେ ସୌଭଗତ୍ୱାୟ ମୟା ପତ୍ୟା**
**ଜରଦଷ୍ଟିର୍ଯଥାସଃ । ଭଗୋ ଅର୍ଯ୍ୟମା ସବିତା ପୁରନ୍ଧିର୍ମହ୍ୟଂ**
**ତ୍ୱାଦୁର୍ଗାର୍ହପତ୍ୟାୟ ଦେବା । ଋ ୧୦-୮୫-୫-୭ ॥**
**ଇହୈବସ୍ତଂ ମା ବିଯୌଷ୍ଟଂ ବିଶ୍ୱମାୟୁର୍ବ୍ୟ ଶ୍ନୁତମ୍**
**କ୍ରୀଡ଼ନ୍ତୌ ପୁତ୍ରୈର୍ନପ୍ତୃଭିର୍ମୋଦମାନୌ ସ୍ୱେ ଗୃହେ ॥ ଋ ୧୦-୮୫-୨**

ଏହି ମନ୍ତ୍ରରେ ଭାଷାର୍ଥ ମହର୍ଷି ନିମ୍ନକ୍ରମରେ କରିଛନ୍ତି-

" ହେ ସ୍ତ୍ରୀ ! ମୁଁ ସୌଭାଗ୍ୟ ଅର୍ଥାତ୍ ଗୃହସ୍ଥାଶ୍ରମରେ ସୁଖ ଭୋଗ ପାଇଁ ତୁମର ହାତ ଧରୁଅଛି ଏବଂ ପ୍ରତିଜ୍ଞା କରୁଛି ଯେ ଯେଉଁ କାର୍ଯ୍ୟ

ତୁମକୁ ଅପ୍ରିୟ ଅଟେ ତାହାକୁ ମୁଁ କେବେ ହେଲେ କରିବି ନାହିଁ। ଅନୁରୂପରେ ସ୍ତ୍ରୀ ମଧ୍ୟ ପୁରୁଷକୁ କହେ ଯେ ଯେଉଁ ବ୍ୟବହାର ତୁମକୁ ଅପ୍ରିୟ ହେବ ତାହା ମୁଁ କେବେହେଁ କରିବି ନାହିଁ । ଆମ୍ଭେ ଦୁହେଁ ବ୍ୟଭିଚାରାଦି ଦୋଷ ମୁକ୍ତ ହୋଇ ବୃଦ୍ଧାବସ୍ଥା ପର୍ଯ୍ୟନ୍ତ ପରସ୍ପର ଆନନ୍ଦର ସହ ଉତ୍ତମ ବ୍ୟବହାର କରିବା । ଆମ୍ଭର ଏହି ପ୍ରତିଜ୍ଞାକୁ ସମସ୍ତେ ସତ୍ୟ ମନେ କରନ୍ତୁ ଯେ ଏହାର ବିପରୀତ କାର୍ଯ୍ୟ ଆମ୍ଭେ କେବେ କରିବୁ ନାହିଁ । ଯେ ଐଶ୍ୱର୍ଯ୍ୟବାନ୍, ସମସ୍ତ ଜୀବଙ୍କ ପାପପୁଣ୍ୟର ଯଥାବିଧି ଫଳଦାତା, ସମସ୍ତ ଜଗତର ଉତ୍ପନ୍ନ କର୍ତ୍ତା ଏବଂ ସମସ୍ତ ଐଶ୍ୱର୍ଯ୍ୟ ଦାତା ପରମେଶ୍ୱର ଅଟନ୍ତି ସେ ଆମ୍ଭ ଦୁହଁଙ୍କ ମଧ୍ୟରେ ସାକ୍ଷୀ ଅଟନ୍ତି । ପରମେଶ୍ୱର ତଥା ବିଦ୍ୱାନ୍‌ବର୍ଗ ମୋତେ ତୁମ୍ଭ ପାଇଁ ଏବଂ ତୁମ୍ଭଙ୍କୁ ମୋ ପାଇଁ ଦେଇ ଅଛନ୍ତି । ଆମ୍ଭେ ଦୁହେଁ ପରସ୍ପର ପ୍ରେମ ପୂର୍ବକ ଉଦ୍‌ଯୋଗୀ ହୋଇ ଗୃହକାର୍ଯ୍ୟ ଉତ୍ତମ ରୂପେ କରିବା ଏବଂ ମିଥ୍ୟା କଥାରୁ ନିବୃତ୍ତ ହୋଇ ସର୍ବଦା ଧର୍ମ ମାର୍ଗରେ ଚାଲିବା । ଜଗତର ଉପକାର ପାଇଁ ସତ୍ୟ ବିଦ୍ୟାର ପ୍ରଚାର କରିବୁ । ଅନ୍ୟ ସ୍ତ୍ରୀ କିମ୍ବା ପୁରୁଷଙ୍କୁ ମନ ଭିତରେ ପାପ ଭାବନା ଆଣିବୁ ନାହିଁ। ହେ ବିଦ୍ୱାନ୍ ବ୍ୟକ୍ତି ତୁମ୍ଭେ ମଧ୍ୟ ଆମ୍ଭର ସାକ୍ଷୀ ରହ, ଆମ୍ଭେ ଦୁହେଁ ଗୃହସ୍ଥାଶ୍ରମ ପାଇଁ ବିବାହ କରୁଅଛୁ । ପୁଣି ସ୍ତ୍ରୀ କହନ୍ତି ମୁଁ ଏହି ପତିଙ୍କୁ ଛାଡ଼ି ମନ, ବଚନ ଏବଂ କର୍ମରେ ମଧ୍ୟ ଅନ୍ୟ ପୁରୁଷଙ୍କୁ ପତି ରୂପେ ଗ୍ରହଣ କରିବି ନାହିଁ। ପୁରୁଷ ମଧ୍ୟ ପ୍ରତିଜ୍ଞା କରେ- ମୁଁ ଏହି ସ୍ତ୍ରୀଙ୍କ ବିନୁ ଅନ୍ୟ ସ୍ତ୍ରୀକୁ ମନ, ବଚନ ଏବଂ କର୍ମରେ ଚାହିଁବି ନାହିଁ ।

ବିବାହିତା ସ୍ତ୍ରୀ ଓ ପୁରୁଷଙ୍କ ପାଇଁ ପ୍ରଭୁଙ୍କ ଆଦେଶ " ତୁମେ ଦୁହେଁ ଗୃହସ୍ଥାଶ୍ରମରେ ଉତ୍ତମ ବ୍ୟବହାର ସହ ରହ ଅର୍ଥାତ୍ ବିରୁଦ୍ଧାଚରଣ କରି ବା ମତଭେଦ ଯୋଗୁଁ କେବେ ଭିନ୍ନ ହୁଅ ନାହିଁ । ପୁନଶ୍ଚ କୌଣସି ପ୍ରକାର ବ୍ୟଭିଚାର କର ନାହିଁ। ଋତୁଗାମୀ ହୋଇ ସନ୍ତାନ ଉତ୍ପତ୍ତି, ପାଳନ

ଏବଂ ସୁ ଶିକ୍ଷା ଇତ୍ୟାଦି ଶ୍ରେଷ୍ଠ ବ୍ୟବହାର କରି ଶତ ବର୍ଷ କିମ୍ବା ଏକଶତ ପଚିଶ ବର୍ଷ ପର୍ଯ୍ୟନ୍ତ ସୁଖ ଭୋଗ କରି ବଞ୍ଚି ରହ । ନିଜ ଗୃହରେ ଆନନ୍ଦ ସହକାରେ ପୁତ୍ର କନ୍ୟା ଓ ନାତି ନାତୁଣିଙ୍କ ଗହଣରେ ନିତ୍ୟ ଧର୍ମାଚରଣ ପୂର୍ବକ ଖେଳ ।

ଏହି ନଷ୍ଟ ଦୁନିଆଁରେ ମଧ୍ୟ ଗୃହସ୍ଥିକୁ ସୁଖ ପୂର୍ବକ ବଞ୍ଚିବାପାଇଁ ବେଦ କେତେ ସୁନ୍ଦର ଆଦେଶ ପ୍ରଦାନ କରୁଅଛି । ତଥାପି ଏହି ଆଶ୍ରମକୁ କାହିଁକି ଦୁଃଖ-ସାଗର କୁହା ଯାଉଛି ବୁଝା ଯାଉ ନାହିଁ ।

' ସଂସ୍କାର ବିଧି ' ଗ୍ରନ୍ଥରେ ସ୍ୱାମୀ ଦୟାନନ୍ଦ ଗୃହସ୍ଥାଶ୍ରମ ସଂସ୍କାରର ପ୍ରାରମ୍ଭରେ ଲେଖିଛନ୍ତି- " ଗୃହସ୍ଥାଶ୍ରମ ସଂସ୍କାର ତାହାକୁ କୁହାଯାଏ ଯେଉଁଠି ଇହଲୋକ ଓ ପରଲୋକ ସୁଖ ପ୍ରାପ୍ତି ପାଇଁ ବିବାହ କରି ନିଜ ସାମର୍ଥ୍ୟ ଅନୁସାରେ ପର ଉପକାର କରି ଯଥାବିଧି ଈଶ୍ୱର ଉପାସନା, ଗୃହକାର୍ଯ୍ୟ, ସତ୍ୟ ଧର୍ମରେ ନିଜ ତନୁ, ମନକୁ, ଲଗାଇ ତଥା ଧର୍ମାନୁସାରେ ସନ୍ତାନୋପୃତ୍ତି କରନ୍ତି । ଏହା ଗୃହସ୍ଥାଶ୍ରମ ସଂସ୍କାର ଅଟେ ।

ଗୃହସ୍ଥାଶ୍ରମ ପ୍ରକରଣର ଶେଷରେ ପତି ପତ୍ନୀ କିପରିଭାବେ ରହିବେ ମହର୍ଷି ଦୟାନନ୍ଦ କହିଛନ୍ତି- " ଆମ୍ଭେ ପରସ୍ପର କେବେ ବିଦ୍ୱେଷ କିମ୍ବା ବିରୁଦ୍ଧାଚରଣ କରିବୁ ନାହିଁ, ସର୍ବଦା ମିତ୍ର ଭାବ ଓ ପରସ୍ପର ପ୍ରୀତି ପୂର୍ବକ ସତ୍ୟ ପ୍ରେମରେ ରହି ଗୃହସ୍ଥ ମାନଙ୍କ ଉତ୍ତମ ବ୍ୟବହାର ବୃଦ୍ଧି କରାଇ ସର୍ବଦା ଆନନ୍ଦ ବୃଦ୍ଧି କରିବୁ । ଯେଉଁ ପରମାତ୍ମାଙ୍କ ଓଁ ନାମ ଅଟେ, ତାହାଙ୍କ କୃପା ଏବଂ ନିଜ ପୁରୁଷାର୍ଥ ଦ୍ୱାରା ଆମ୍ଭର ଶରୀର, ମନ ଏବଂ ଆତ୍ମାର ବିବିଧ ଦୁଃଖ ଯାହାକି ଅନ୍ୟ ଯୋଗୁଁ ନିଜକୁ ହୁଏ ତାହା ନଷ୍ଟ ହେଉ ଏବଂ ଆମ୍ଭେ ପରସ୍ପର ପ୍ରୀତି ପୂର୍ବକ ବଞ୍ଚିରହି ଧର୍ମ, ଅର୍ଥ, କାମ ଓ ମୋକ୍ଷର ସିଦ୍ଧିରେ ସଫଳ ହୋଇ ସର୍ବଦା ଆନନ୍ଦରେ ରହିବୁ ।

ଶାସ୍ତ୍ର ଏବଂ ଋଷି ଗୃହସ୍ଥିଙ୍କୁ ସୁଖ, ଓ ଆନନ୍ଦ ଦେବା ବ୍ୟକ୍ତି ବୋଲି କହିଛନ୍ତି, ପରନ୍ତୁ ଆଧୁନିକ ଯୁଗରେ ଏହାର ବିପରୀତ କାହିଁକି ଦେଖାଯାଉଛି । ଏହାର ବିବେଚନା କରିବା ଉଚିତ ।

ମହର୍ଷି " ସଂସ୍କାର ବିଧି " ରେ କହିଛନ୍ତି ଯେ ବିବାହ ପୂର୍ବରୁ ବର କନ୍ୟାଙ୍କ ପରୀକ୍ଷା କରିବା ଉଚିତ । ଏହା ନୁହେଁ ଯେ ଗୋଟିଏ ପାଳକ ଦୃଷ୍ଟିରେ ସ୍ତ୍ରୀ ପୁରୁଷ ହୋଇଯିବେ । ଏହିପରି ସ୍ତ୍ରୀ ପୁରୁଷ ବହୁତ ଦୁଃଖି ହେବା ଦେଖାଯାଉଛି । ସଂସ୍କାର ବିଧିରେ ' ଅଶ୍ୱଲାୟନ ଗୃହସୂତ୍ର' ର ଆଧାର ଉପରେ ଲେଖା ଯାଇଅଛି-

ପରୀକ୍ଷା- ବର ବଧୂ ପରସ୍ପରର ଗୁଣ, କର୍ମ ଓ ସ୍ୱଭାବର ପରୀକ୍ଷା ଏହି ପ୍ରକାର କରିବେ- " ଦୁହିଁଙ୍କର ସମାନ ବୁଦ୍ଧି, ସମାନ ଆଗ୍ରହ, ସମାନ ରୂପ, ଆଦି ଗୁଣ, ଅହିଂସକତା, ସତ୍ୟ-ମଧୁର ଭାଷଣ, କୃତଜ୍ଞତା, ଦୟାଳୁତା ଅହଂକାର, ଈର୍ଷା, କାମ, କ୍ରୋଧ, ହୀନତା, ନିର୍ଲୋଭତା, ବିଦ୍ୟା ଗ୍ରହଣ, ସତ୍ୟୋପଦେଶ କରିବାରେ ନିର୍ଭୟତା, ଉତ୍ସାହ, କପଟ, ଚୋରି, ମଦ୍ୟ ମାଂସାଦି ତ୍ୟାଗ, ଗୃହକାର୍ଯ୍ୟରେ ଚତୁରତା ଆଦି ହୋଇଥିବ । ଏହି ସବୁ ଗୁଣ ଓ ଦୁର୍ଗୁଣର ପରୀକ୍ଷା କଲେ ଗୁଣ, କର୍ମ, ସ୍ୱଭାବର ପୂର୍ଣ୍ଣଜ୍ଞାନ ହୋଇପାରିବ । ପରୀକ୍ଷା ନ ହେବା ହେତୁ ଗୃହସ୍ଥି ଜୀବନ ଦୁଃଖମୟ ହୋଇ ଯାଇଅଛି ।

* * * * * * * * *

## ଅଧ୍ୟାୟ ୩

# ଗୃହସ୍ଥ ଦୁଃଖର ମୂଳ କାରଣ

ବଡ ଭାରି ଭୟଙ୍କର ତୋଫାନ୍ ଆସି ଯାଇଛି, ଯେଉଁଥିରେ ପ୍ରାଚୀନ ମର୍ଯ୍ୟାଦା ସବୁ ଉଡ଼ି ଯାଉଛି । ତୋଫାନର ଆରମ୍ଭ ହଜାରେ ବର୍ଷ ପୂର୍ବେ ହୋଇଥିଲା, ଯେତେବେଳେ ବିଦେଶୀ ମାନେ ଭାରତ ଆକ୍ରମଣ କରିଥିଲେ । ଆକ୍ରମଣର ପ୍ରତିରୋଧ ହେଲା କିନ୍ତୁ ଅନିଚ୍ଛା ସତ୍ତ୍ୱେ । ସେତେବେଳେ ବାରମ୍ବାର ଆକ୍ରମଣ ହେଲା । କେତେବେଳେ ସୋମନାଥ ମନ୍ଦିର ଲୁଟା ଯାଇଥିଲା, କେତେବେଳେ ଭାରତର ନାରୀମାନେ ବିଦେଶରେ ନିଲାମ ହେଲେ । ବିଦେଶୀଙ୍କ ଅତ୍ୟାଚାରରୁ ନାରୀମାନଙ୍କୁ ରକ୍ଷା କରିବାପାଇଁ ବାଲ୍ୟ ବିବାହର ଆରମ୍ଭ ହେଲା । ଗଜନୀ, ତୈମୁର, ନାଦିର, ଚେଙ୍ଗିଜଖାର ଲୁଟ ତରାକ ଓ ହତ୍ୟାକାଣ୍ଡ ନିରନ୍ତର ଲାଗି ରହିଲା । ବିଦେଶୀ ପ୍ରଭାବରୁ ରକ୍ଷା ପାଇବା-ପାଇଁ ଛୁଆଁ ଅଛୁଆଁ ଏବଂ ଅନେକ ବେଦ ବିରୁଦ୍ଧ କଥା ପ୍ରଚଳନ କରାଗଲା । ହଜାର ବର୍ଷର ଦାସତ୍ୱ ଭାରତର ପରମ୍ପରା ଓ ଐତିହ୍ୟକୁ ସମ୍ପୂର୍ଣ୍ଣ ଭାବରେ ବଦଳାଇ ଦେଲା । ଯଦି ଆଜିଠାରୁ ପାଞ୍ଚ ହଜାର ବର୍ଷ ପୂର୍ବର କୌଣସି ଭାରତବାସୀ ଏଠାକୁ ଆସିଯାଏ ତାହାହେଲେ ସେ ଭାବିବ ଯେ ମୁଁ ସ୍ୱର୍ଗଠାରୁ ବଳି ପବିତ୍ର ସେହି ଭାରତ ବର୍ଷରେ ନାହିଁ, ପରନ୍ତୁ ନର୍କ ପୁରୀକୁ ଆସିଯାଇ ଅଛି । ଏହି ଭୟଙ୍କର ତୋଫାନ ଗତ ଦୁଇ ଶତ ବର୍ଷରେ ଯେଉଁ କ୍ଷତି କରିଛି- ସେଥିରେ ଆର୍ଯ୍ୟ ସଂସ୍କୃତି ଭାରତୀୟ ସଭ୍ୟତା, ପକୃତ ମାନବତ୍ୱର ବୃକ୍ଷ ଭଙ୍ଗି ପଡ଼ିଛି,ପତ୍ର ସବୁ ଝଡ଼ି ଯାଇଛି, ସେହି ଭାଷା ନାହିଁ କିମ୍ବା ସେହି ବେଶ ବି ନାହିଁ, ପ୍ରଥମର ସେହି ଆହାର ନାହିଁ କି ଶିଖା ନାହିଁ, ଯଜ୍ଞୋପବୀତ

ନାହିଁ । ମାତା ସ୍ଥାନରେ ମମ୍ମି ଏବଂ ପିତା ସ୍ଥାନରେ ଡଡ଼୍ଡୀ ଆସି ଯାଇଛି । ପବିତ୍ରତା, ଧର୍ମ ଏବଂ ପିତୃ ଭକ୍ତିର ପରାକାଷ୍ଠା ଉଡ଼ି ଯାଇଛି । ସତ୍‌ସଙ୍ଗ, ସ୍ୱାଧ୍ୟାୟ ଓ ସନ୍ଧ୍ୟାକୁ ଅସ୍ୱାଭାବିକ **(Unnatural)** କୁହାଯାଉ ଅଛି । କ୍ଷୁଧା ଓ କାମବାସନାର ତୃପ୍ତିକୁ କେବଳ ଆବଶ୍ୟକ ଓ ସ୍ୱାଭାବିକ ବୁଝାଯାଉ ଅଛି ।

ବିବାହର କଥା ବିଗ୍ରର କରାଯାଉ- ଏହା ଏକ ଅତ୍ୟନ୍ତ ପବିତ୍ର, ଇହଲୋକ- ପରଲୋକକୁ ସୁଧାରିବା ଓ ପାରିବାରିକ ଜୀବନରେ ଏକ ମଧୁରତା ଉତ୍ପନ୍ନ କରିବା ସଂସ୍ଥା ଥିଲା । ସୁଖ ତଥା ଆନନ୍ଦର ମାତ୍ରା ବୃଦ୍ଧି କରିବାର ଏକ ସାଧନ ଥିଲା । ବର୍ତ୍ତମାନ ମଧ୍ୟ କେତେକ ପରିବାର ଏହାର ସ୍ୱାଦୁ ଭୋଗ କରୁଛନ୍ତି ଏବଂ ପ୍ରାଚୀନ ଋଷିଙ୍କର ଏହି ପ୍ରଣାଳୀର ଗୁଣଗାନ କରୁଅଛନ୍ତି । କିନ୍ତୁ ପାଶ୍ଚାତ୍ୟ ସଭ୍ୟତା ଏହାର ଗୌରବକୁ ନଷ୍ଟ କରିଦେଇଛି । ବର୍ତ୍ତମାନ ପାଶ୍ଚାତ୍ୟ ସଭ୍ୟତା ଅନୁକରଣି ମାନେ ବିବାହକୁ ବ୍ୟବସାୟ ମନେ କରୁ ଅଛନ୍ତି । ବିବାହ ବାହାନାରେ ଏକା ସାଥିରେ ଧନ ଅର୍ଜନ ଏବଂ କାମବାସନାର ତୃପ୍ତି କରିବା ଲକ୍ଷ୍ୟ ହୋଇ ଯାଇ ଛି । ଏହାର ପରିଣାମ ହେଉଅଛି-

୧- ଶିକ୍ଷିତା କନ୍ୟାଙ୍କ ପାଇଁ ମଧ୍ୟ ବିନା ଯୌତୁକରେ ବର ମିଳୁ ନାହାନ୍ତି ।

୨- ଯେହେତୁ ଧନକୁ ମୁଖ୍ୟ ବୁଝା ଯାଉଛି କନ୍ୟା ମାନେ ମଧ୍ୟ ଅର୍ଥ ଉପାର୍ଜନରେ ବିଶେଷ ଧ୍ୟାନ ଦେଉଛନ୍ତି । ଅଧିକ ଧନ ଆବଶ୍ୟକ ହେତୁ କନ୍ୟାମାନେ ବିଭିନ୍ନ ଅନୁଷ୍ଠାନରେ ପ୍ରବେଶ କରୁଛନ୍ତି ।

୩- ଏହି ଅବସ୍ଥାକୁ ଦେଖି ସହଶିକ୍ଷା ଓ ଅଧିକ ମିଳା ମିଶା ଏବଂ ସିନେମା ଇତ୍ୟାଦିର ପ୍ରଭାବ ଯୋଗୁଁ ଆଜି ଯୁବବନ୍ଧୁ **(Boy friend)**

ଏବଂ ଯୁବତୀ ବନ୍ଧୁ (Girl Friend) ଖୋଜିବାର ରୁଚି ବଢୁଅଛି ।

୪- ମିତ୍ର ବାଛିବାରେ ଗୋଟିଏ ମାତ୍ର କଥା ଦେଖାଯାଇଛି- ତାହେଲା ସୌନ୍ଦର୍ଯ୍ୟର ଆକର୍ଷଣ ସହ ବିନା ଧନ ବ୍ୟୟରେ ବିବାହ । ଆଉ କିଛି ଦେଖାଯାଉ ନାହିଁ, କୁଳ, ସ୍ୱଭାବ, ଗୁଣ, କର୍ମ ବା ଚରିତ୍ର । ଏପରି ବିବାହ ଶେଷରେ ଦୁଃଖର କାରଣ ହୋଇ ପଡୁଛି । ସ୍ୱାମୀ ଦୟାନନ୍ଦ ସରସ୍ୱତୀ ଏ ଗୁଡ଼ିକର ପ୍ରମାଣ ଦେଇ " ସଂସ୍କାର ବିଧି " ରେ ଲେଖିଛନ୍ତି—

" ବର ଏବଂ ବଧୁଙ୍କ ଆୟୁ, କୁଳ, ବାସସ୍ଥାନ, ଶରୀର ଓ ସ୍ୱଭାବର ପରୀକ୍ଷା ନିଶ୍ଚିତ ରୂପେ କରିବା ଆବଶ୍ୟକ ଏବଂ ଦୁହେଁ ବିବାହ ପାଇଁ ଇଚ୍ଛା କରିବା ଦରକାର । ସ୍ତ୍ରୀର ଆୟୁଠାରୁ ପୁରୁଷର ଆୟୁ ଦେଢ଼ରୁ ଦୁଇ ଗୁଣ ଭିତରେ ହେବା ଉଚିତ । ପରସ୍ପର କୁଳର ପରୀକ୍ଷା କରିବା ମଧ୍ୟ ଆବଶ୍ୟକ " । ମହର୍ଷି ମନୁ ' ମନୁସ୍ମୃତି'ର ନବମ ଅଧ୍ୟାୟରେ କହିଛନ୍ତି "ବରଂ ପୁତ୍ର କନ୍ୟା ମରଣ ପର୍ଯ୍ୟନ୍ତ ଅବିବାହିତ ରହନ୍ତୁ ପରନ୍ତୁ ପରସ୍ପର ବିରୁଦ୍ଧ ଗୁଣ, କର୍ମ, ସ୍ୱଭାବର ହେବା ଆଦୌ ଉଚିତ ନୁହେ " । ଆଜି କାଲି ଗୁଣ କର୍ମ ସ୍ୱଭାବ ନଦେଖି କେବଳ ଧନ ଏବଂ ରୂପକୁ ଦେଖା ଯାଉଛି । ଏଥିପାଇଁ ଅଧିକ ମାତ୍ରାରେ ଗୃହସ୍ଥାଶ୍ରମରେ ଦୁଃଖ ଦେଖା ଦେଉଅଛି । ବେଦ କହେ- ଗୃହସ୍ଥାଶ୍ରମ ସୁଖ ଆନନ୍ଦ, ପରୋପକାର ଏବଂ ଇହଲୋକ ଓ ପରଲୋକକୁ ସୁଧାରିବା ପାଇଁ ଉଦ୍ଦିଷ୍ଟ ଅଟେ । ମାନବ ଜୀବନ-ଯାତ୍ରା ଲମ୍ବା ଅଟେ । ଏଣୁ ଦୁଇଟି ସାଥି ମିଶିଗଲେ ଯାତ୍ରା ସରଳ ହୋଇଯାଏ । ବର୍ତ୍ତମାନ ଏହି ଆଶ୍ରମର ଉଦ୍ଦେଶ୍ୟ ଅନ୍ୟ ପ୍ରକାର ହୋଇ ଯାଇଛି । ଆଜି ଗୃହସ୍ଥିର ଦୁଃଖର କାରଣ ଗୁଣ, କର୍ମ ଓ ସ୍ୱଭାବ ନଦେଖି ବିବାହ ଯୋଗୁଁ ହୋଇଅଛି ।

**ଦୁଃଖର ଦ୍ୱିତୀୟ କାରଣ-** ବିଗତ ଏକ ହଜାର ବର୍ଷ ବୈଦିକ

ମର୍ଯ୍ୟାଦାର ବିସ୍ମରଣ ହେତୁ ଭାରତରେ ସ୍ତ୍ରୀ ଜାତି ପ୍ରତି ଘୃଣାଭାବ ଜାଗ୍ରତ । ନାରୀ ଜାତିକୁ ବଳପୂର୍ବକ ଦମନ କରାଯାଇ ଥିଲା, ପରନ୍ତୁ ଏହି ଅବସ୍ଥା ସର୍ବଦା ରହିପାରେ ନାହିଁ । ଚକ୍ ଘୁରିଗଲେ- ଦିନ ବଦଳେ । ନାରୀର ଆଖି ଖୋଲିଗଲା । ନାରୀ ଶାସ୍ତ୍ରଜ୍ଞାନାନୁସାରେ ପୁରୁଷ ସହ ସମକକ୍ଷ ହୋଇ ଠିଆହେଲା । ବୈଦିକ ସଂସ୍କାରରେ ସ୍ପଷ୍ଟ ଆଜ୍ଞା ଅଛି ପତି-ପତ୍ନୀ ଜଳ ସଦୃଶ ଏକ ହୋଇ ମିଳି ଯିବେ । ବିବାହ ସଂସ୍କାରରେ ' ସପ୍ତପଦୀ ' କ୍ରିୟା ଅନୁସାରେ ପତ୍ନୀ ପତି ସହ ସାତ ପାଦ ଚାଲନ୍ତି । ଠିକ୍ ସାତ ପାଦଠାରେ ପତି ପତ୍ନୀଙ୍କୁ "ସଖେ" ଶବ୍ଦରେ ସମ୍ବୋଧନ କରନ୍ତି । ଦୁହେଁ ବର୍ତ୍ତମାନ ସଖା ତଥାମିତ୍ର ହୋଇଯାଆନ୍ତି । ଏହି ଗୃହସ୍ଥାଶ୍ରମରେ ପରସ୍ପରର ବ୍ୟବହାର ମିତ୍ର ଭଳି ହେବା ଉଚିତ ।

**ପୁଅ ଝିଅଙ୍କର ମିତ୍ରତା-** ଏହିଠାରୁ ହିଁ ଆରମ୍ଭ ହୁଏ, କଲେଜ୍ ପଢ଼ାରୁ କିମ୍ବା ସିନେମା ଦେଖାରୁ ନୁହେଁ । ଗୃହସ୍ଥାଶ୍ରମରେ ପ୍ରବେଶ ପରେ ପତ୍ନୀକୁ ଯଦି ପ୍ରକୃତ ବ୍ୟବହାର ନମିଳେ ତେବେ ଦ୍ୱେଷ ଓ ଦୁଃଖର ବହ୍ନି ଜଳି ଉଠେ । ନିଜ ପିତା, ମାତା, ଭାଇ ତଥା ସମସ୍ତ ଆତ୍ମୀୟ ମାନଙ୍କୁ ଛାଡ଼ି ନାରୀ ପତି ଗୃହକୁ ଆସେ ଗୋଟିଏ ମିତ୍ର ପାଇଁ । ଯେତେବେଳେ ମିତ୍ରତା ସ୍ଥଳରେ ସେ କ୍ରୁରତା ଓ ଦୁର୍ବ୍ୟବହାର ଦେଖେ ସେତେବେଳେ ସେ ଉଦାସୀ ହୋଇଯାଏ ।

**ଦୁଃଖର ତୃତୀୟ କାରଣ-** ସ୍ୱାର୍ଥ ଅଟେ ଯାହାକି ଗୃହସ୍ଥାଶ୍ରମକୁ ନିଃସନ୍ଦେହରେ ନର୍କରେ ପରିଣତ କରେ । ଯେହେତୁ ନିଜ ପ୍ରଭୁତ୍ୱ ବଢ଼ାଇବା ଓ ନିଜକୁ ଉଚ୍ଚରେ ରଖିବା କେବଳ ଏହି ଯୁଗର ଅଭ୍ୟାସ । ମୋତେ ସୁଖ ମିଳିବା ଉଚିତ, ମୁଁ କାହାରି ଅଧୀନରେ ନ ରହେ, ଅନ୍ୟ କେହି ସୁଖୀ ବା ଦୁଃଖୀ ହେଉ ମୋର କଣ ଅଛି, ଦୁଃଖୀ କରି ଦେଇଅଛି । Individulism

ଅର୍ଥାତ୍ ବ୍ୟକ୍ତ ନିଜ ସ୍ୱାର୍ଥ ସିଦ୍ଧିରେ ଦେଶ, ଜାତି, ପରିବାରକୁ ଦୁଃଖି କରି ରଖିଅଛି । ଶାଶୁ-ବୋହୂ, ପତି-ପତ୍ନୀ, ପିତା-ପୁତ୍ର, ଭାଇ-ଭାଇଙ୍କ ଝଗଡ଼ା ଓ ମନୋମାଲିନ୍ୟର ମୂଳରେ ନିକୃଷ୍ଟ ସ୍ୱାର୍ଥ ଲୁଚି ରହିଛି । ବର୍ତ୍ତମାନ କେତେକ ସାତ୍ତ୍ୱିକ ବୃତ୍ତିର ପରିବାର ମିଳିମିଶି ରହିବା ଦେଖା ଯାଉଅଛି ପରନ୍ତୁ ଏହି ପରିବାର ଭିତରେ କଳହ ସୃଷ୍ଟି କରାଇବା ପାଇଁ କେତେକ ବ୍ୟକ୍ତି ନିରନ୍ତର ଚେଷ୍ଟିତ ରହି ସୁଯୋଗ ଦେଖୁଛନ୍ତି- କଳହର ସୂତ୍ରପାତ କେବେ ହେବ । ସ୍ୱାର୍ଥ ଦୁଇପ୍ରକାରର ଅଟେ - ଗୋଟିଏ ଶରୀରର ସୁଖ ପାଇଁ ସମ୍ବନ୍ଧ ରଖୁଅଛି । ଏହାକୁ ଛାଡ଼ିଦିଆ ଯାଇପାରେ କିନ୍ତୁ ଦ୍ୱିତୀୟ ପ୍ରକାର ମନ ସହ ସମ୍ବନ୍ଧ ରଖୁଅଛି । ଏହି ମାନସିକ ସ୍ୱାର୍ଥ କଳହର ସୂତ୍ରପାତ କରେ । ପିତା କହନ୍ତି ସତ୍‌ସଙ୍ଗକୁ ଚାଲ, ସନ୍ତାନ କହେ ମୋର ଇଚ୍ଛା, ସତ୍‌ସଙ୍ଗକୁ ନୁହେ ସିନେମା ଦେଖି ଯିବାପାଇଁ ହେଉଅଛି, ପିତା କହନ୍ତି ‘ ଲବ ’ ପିକ୍‌ଚର ଦେଖ ନାହିଁ। ସନ୍ତାନ କହେ ମନ ସେହି ପିକ୍‌ଚର ଦେଖିବାକୁ ଇଚ୍ଛା କରୁଛି । ପିତା କହନ୍ତି ପଢ଼-ଲେଖ, ସନ୍ତାନ କହେ ମନ ଲାଗୁ ନାହିଁ । ଆଚ୍ଛା, ବିବାହ କରି ପକାଅ । ନାହିଁ, ମନ ମୋଟେ ହେଉ ନାହିଁ ।

ଗୃହସ୍ଥ ଜୀବନରେ ସୁଖ ପାଇଁ ମନକୁ ମାରିବାକୁ ପଡ଼ିବ । ପରିବାର ଭିତରେ ଯେ ଯାହାର ମନ ମୁତାବକ କାମ କଲେ ଘରର ଅବସ୍ଥା କଣ ଯେ ହେବ ? ସ୍ୱାର୍ଥାନ୍ଧ, ସୁନ୍ଦରତା, ସୁଖକୁ ଭସ୍ମ କରିଦିଅ । ଏହିସ୍ୱାର୍ଥ ଖାଲି ପରିବାର ନୁହେଁ, ଦୁନିଆକୁ ମଧ୍ୟ ଦୁଃଖୀ କରି ରଖିଅଛି । ପ୍ରତ୍ୟେକ ସ୍ଥାନ ପ୍ରତ୍ୟେକ ଦେଶରେ ଯେଉଁ କଳହ, ଯୁଦ୍ଧ, ଗୃହ ଯୁଦ୍ଧ ତଥା ବିବାଦ ଦେଖା ଯାଉଅଛି ଏହା କେବଳ ସ୍ୱାର୍ଥ କାରଣରୁ ହେଉଛି । ଚିନ ଦେଶରେ ଗୋଟିଏ ଦଳ ଅନ୍ୟ ଦଳକୁ ନାଶ କରିବାକୁ ବ୍ୟସ୍ତ । ଏହି ସ୍ୱାର୍ଥ ଆମେରିକାର ଦେବତୁଲ୍ୟ ଡ: କେନେଡ଼ିଙ୍କୁ ବଧ କରିଦେଲା । ଇଣ୍ଡୋନେସିଆରେ ସ୍ୱାର୍ଥ

ଯୋଗୁଁ ନାଚଲାଗି ରହିଛି । ଭାରତ ଖଣ୍ଡ ଖଣ୍ଡ ହେବା ମୂଳରେ ସ୍ୱାର୍ଥ ହିଁ ଜଡ଼ିତ । ସ୍ୱାଧୀନତା ପରେ ଏହି ସ୍ୱାର୍ଥ ପ୍ରବଳ ହୋଇ ଉଠିଛି । ପଂଜାବ ଭଳି ଛୋଟ ଭୂଖଣ୍ଡ ଭାଗ ଭାଗ ହୋଇଗଲା । କମ୍ୟୁନିଷ୍ଟ ମାନେ ପରସ୍ପର ଲଢୁଛନ୍ତି । ଗୋଟିଏ ଦଳ ଅନ୍ୟ ଦଳକୁ ଭାଙ୍ଗିବାରେ ଲାଗିଛି । କଂଗ୍ରେସର ରଙ୍ଗ ଘନ ଘନ ବଦଳୁଛି ଆର୍ଯ୍ୟ ସମାଜ ଭିତରେ କଳହ, ହିନ୍ଦୁ ସଂଗଠନରେ କଳହ, ମୁସଲମାନ୍ ମାନଙ୍କ ମଧ୍ୟରେ କଳହ, ସବୁସ୍ଥାନରେ କଳହ । ଏହା ସବୁ ସ୍ୱାର୍ଥର କୃପାରୁ ସଂଭବ । ପରିବାର, ସୋସାଇଟି, ମନ୍ଦିର ସମସ୍ତଙ୍କୁ ସ୍ୱାର୍ଥ ଘେରାଉ କରି ରହିଅଛି । ଖାଦ୍ୟ ପଦାର୍ଥରେ ଅପମିଶ୍ରଣ ଓ ଲାଞ୍ଚ ମିଛ ଗ୍ରଲିଛି । ଏହା ମଧ୍ୟ ସ୍ୱାର୍ଥ ବଳରୁ ସଂଭବ ହେଉଛି । ସ୍ୱାର୍ଥକୁ ଯଦି ବଳି ଦିଆଯାଆନ୍ତା ତା ହେଲେଭାରତ ବର୍ଷରୁ ଆଜି ଦରବୃଦ୍ଧି ଉଭେଇ ଯାଆନ୍ତା । ସାରା ଦୁନିଆର ଓ ପରିବାର ଦୁଃଖର ଏହା ଏକ ବଡ଼ କାରଣ ଅଟେ ।

**ଦୁଃଖର ଚତୁର୍ଥ କାରଣ ହେଲା ସହନଶୀଳତାର ଅଭାବ ।**

ଗୃହସ୍ଥାଶ୍ରମ, ପରିବାର ମଧ୍ୟରେ ପ୍ରେମ, ଓ ସଂଗଠନ ବଜାୟ ରଖିବାକୁ ହେଲେ ସହନଶୀଳତା ଅତ୍ୟନ୍ତ ଆବଶ୍ୟକ ଅଟେ । ଅନେକ କଳହ ଏଇଥି ପାଇଁ ସୃଷ୍ଟି ହୁଏ ଯେତେବେଳେ ପରିବାର ମଧ୍ୟରେ ଜଣେ ଅନ୍ୟର କଥାକୁ ସହ୍ୟ କରିପାରେ ନାହିଁ । ମହାଭାରତ ଯୁଦ୍ଧର ସୂତ୍ରପାତ ଏହି କାରଣରୁ । ଯଦି ଦୁର୍ଯ୍ୟୋଧନ ଦ୍ରୌପଦୀଙ୍କ ବସ୍ତ୍ର ହରଣକୁ ସହନ କରି ଦେଇଥାନ୍ତେ ତେବେ ଭାରତକୁ ସର୍ବନାଶ କରିବାର ଏହି ଯୁଦ୍ଧ ହୋଇ ନଥାନ୍ତା । ପରିବାର ମଧ୍ୟରେ ପ୍ରେମ ରଖିବାକୁ ହେଲେ କାହାରି ମନକୁ କଷ୍ଟ ହେବାଭଳି କଥା କହିବା ଉଚିତ୍ ନୁହେଁ, ପରନ୍ତୁ ସମସ୍ତେ ଦେବତା ହୋଇ ନପାରନ୍ତି । କେତେକ ଏପରି ସ୍ୱଭାବର ଅଛନ୍ତି ଯେଉଁମାନେ ଅନ୍ୟକୁ ଚିଡ଼ାଇ ଆନନ୍ଦ ପାଆନ୍ତି । ଏହି ଭଳି ବ୍ୟକ୍ତିଙ୍କ ସ୍ୱଭାବକୁ ବଦଳାଇବାର ମାର୍ଗ ଇଟାର ଜବାବ ପଥରରେ

ଦେବାଭଳି ନୁହେଁ । ଏହାର ଢଙ୍ଗ ଏହା ଯେ ତାହାଙ୍କ କଡ଼ା କଥାକୁ ସହ୍ୟ କରାଯାଇ ତାହାଙ୍କୁ କହିବା କଥା ଯେ ତୁମର ଶର ମୋ ଦେହରେ ଘାଆ ସୃଷ୍ଟି କରିପାରିବ ନାହିଁ । ଥରେ, ଦୁଇଥର, ତିନିଥର ଏପରି କେତେଥର କଡ଼ା କଥାର ଶର ମରା ଯାଇପାରେ ? ଏହାର ସମାପ୍ତି ନିଶ୍ଚୟ ହେବ । ଗୋଟିଏ ସୁନ୍ଦର ଘଟଣା ଅଛି– ନବ ବିବାହିତା ବୋହୂ ଘରକୁ ଯେତେବେଳେ ଆସିଲା ଶାଶୂ ଖୁସି ମାନିଲେ । କିନ୍ତୁ କିଛି ଦିନ ପରେ ଗାଳି ଆରମ୍ଭ କରିଦେଲେ " ତୋର ମା ତୋତେ ବି: ଏ ତ ପାସ୍ କରାଇ ଦେଲା କିନ୍ତୁ ଘର ସମ୍ଭାଳିବା ପାଇଁ ଶିକ୍ଷା ଦେଲା ନାହିଁ । ତୁ କେଡ଼େ ମୂର୍ଖ ! ସୂର୍ଯ୍ୟ ଉଦୟ ହୋଇ ମୁଣ୍ଡ ଉପରକୁ ଆସିଲେଣି ଆଉ ତୁ ଶୋଇ ରହିଛୁ । ଏହିପରି କଡ଼ା କଥା ଶୁଣି ବୋହୂ ମଧ୍ୟ ତୁନି ହୋଇ ରହିପାରିଲା ନାହିଁ। ସେ ତ କନ୍‌ଭେଣ୍ଟ ପଢ଼ା ଝିଅ । ବର୍ତ୍ତମାନ ଘରେ କଳହ ବଢ଼ିବାକୁ ଲାଗିଲା । ପତି ବିଚରା ତୁନି ହୋଇ ରହିଲା । ପତ୍ନୀର କଥା ଶୁଣିଲେ ମାଆ କହୁଛି ସ୍ତ୍ରୀ ତୋତେ ଯାଦୁ କରି ଦେଇଛି ତୁ ବା ଆଗରେ ପାଟି ଫିଟାଇ ପାରୁ ନାହୁଁ ? ଏଣେ ମାଆ କଥା ଶୁଣିଲେ ପତ୍ନୀ କହୁଛି " ମୋତେ କାହିଁକି ବିବାହ କରି ଆଣିଲ, ମୋତେ ନେଇ ନଦୀରେ ଫୋପାଡ଼ି ଦିଅ " । ଦିନେ ଜଣେ ବୃଦ୍ଧ ସାଧୁ ସେଠାରେ ଆସି ପହଞ୍ଚିଲେ । ପୁରୁଷଟି ତାଙ୍କ ଆଗରେ କାନ୍ଦିବାକୁ ଲାଗିଲା । ସାଧୁ ମହାରାଜ କହିଲେ " ଚିନ୍ତା କରନାହିଁ, ସବୁଠିକ୍ ହୋଇଯିବ । " ତାହାର ପତ୍ନୀକୁ ନିକଟକୁ ଡ଼ାକି ସାଧୁ ମହାରାଜ ଉପଦେଶ ଦେଇ କହିଲେ " ଶୁଣ ଝିଅ " ! ମାଆ ବାପାଙ୍କୁ ଛାଡ଼ି ଏହି ପରିବାରକୁ ଆସିଲୁ । ବର୍ତ୍ତମାନ ଏପରି ବ୍ୟବହାର କର ଯେପରି ପରିବାର ମଧ୍ୟରେ ସୁଖ, ଶାନ୍ତି ରହିବ । ଯେତେବେଳେ ଶାଶୂ ଗାଳିଦେବେ କିମ୍ବା କଠୋର ବ୍ୟବହାର କରିବେ ତେବେ ଶାନ୍ତି ରହି, ଯେତେବେଳେ ଶାଶୂଙ୍କ କ୍ରୋଧ କମିଯିବ ସେତେବେଳେ ଶାଶୂଙ୍କ ପାଦ ଧରି

କହ, ବର୍ତ୍ତମାନ ତ ତୁମେ ମୋର ମାଆ, ମୁଁ ତୁମର ତୁମେ ମୋତେ ବର୍ତ୍ତମାନ ଠିକ୍ ରାସ୍ତା ବୁଝାଇବା କଥା । ତୁମ୍ଭ ଚରଣ ତଳେ ମୁଁ ରହିବି । ଯାହାହେଲେ ମଧ୍ୟ ମୁଁ ତୁମ୍ଭର ଅଟେ । ବର୍ତ୍ତମାନ ମୋତେ ସମ୍ଭାଳନ୍ତୁ । " ବୋହୂ ହୃଦୟ ଖୋଲି ଏହା ସ୍ୱୀକାର କଲେ ଏବଂ ଶାଶୁଙ୍କ ନିଆଁ ରୂପକ କଠୋର ବଚନରେ ଏହି ଅମୃତ ବାଣୀ ସିଞ୍ଚନ କଲା । ପରନ୍ତୁ ବହୁତ ଦିନ ପର୍ଯ୍ୟନ୍ତ ଶାଶୁଙ୍କ ସ୍ୱଭାବରେ ସେହିପରି ରାଗର ବହ୍ନି ଜଳି ଉଠିବାକୁ ଲାଗିଲା । ଦିନେ ଶାଶୁ ଗାଳି ରୂପକ ନିଆଁକୁ ବର୍ଷଣ କରିବାକୁ ଆରମ୍ଭ କଲେ । ବୋହୂ ଶାନ୍ତିରେ ବସି ସବୁ ଶୁଣିବାକୁ ଲାଗିଲା । ଆଉ ପାଖର ସ୍ତ୍ରୀ ଲୋକେ ଏକତ୍ର ହୋଇଗଲେ । ଶାଶୁଙ୍କ ରେକର୍ଡ ଗୁଳିଥାଏ — ଜଣେ ସ୍ତ୍ରୀ କହିବାକୁ ଲାଗିଲେ— " ଯେତେବେଳେ ତୁମର ବୋହୂ କିଛି ଉତ୍ତର ଦେଉନାହିଁ, ନିଜେ ମଧ୍ୟ କାହିଁକି ତୁନି ହେଉ ନାହଁ । " ଏତିକି ବେଳେ ଶାଶୁ ବୋହୂର ଏପରି ବ୍ୟବହାର ଶୁଣିଲେ ତାଙ୍କ ହୃଦୟ ବଦଳି ଗଲା । ସେହି ପରିବାରରେ ଆଉ କଳହ ହେଲା ନାହିଁ ସହନ ଶୀଳତା ଜାଦୁ ଅଟେ । ଯେଉଁ ପରିବାରରେ ଏହି ଗୁଣ ବିଦ୍ୟମାନ ସେଠାରେ ଦୁଃଖ କେଉଁଠି ?

**ଦୁଃଖର ପଞ୍ଚମ କାରଣ " ଅତ୍ୟଧିକ କାମ ବାସନା " ।**

ସ୍ୱାଭାବିକ କାମ ବାସନାକୁ ମର୍ଯ୍ୟାଦାର ସହ ରଖିବା ପାଇଁ ଗୃହସ୍ଥାଶ୍ରମ ଏକ ଉତ୍ତମ ପନ୍ଥା ଅଟେ । ବିବାହର ଅର୍ଥ ଏହା ନୁହେଁ ଯେ ନିଜର ତଥା ସ୍ତ୍ରୀର ସର୍ବନାଶ କରିବାପାଇଁ ପଟା (Permit) ପାଇବା । ଯେଉଁ ପତି-ପତ୍ନୀ ସଂଯମ ପୂର୍ବକ ରହନ୍ତି, ସେମାନଙ୍କ ପ୍ରେମ ଦିନକୁଦିନ ବଢ଼ି ବଢ଼ି ଯାଏ କିନ୍ତୁ ଯେଉଁମାନେ ନିଜର ବାସନାକୁ ତୃପ୍ତି କରିବାରେ ଅତ୍ୟଧିକ ଲାଗି ପଡ଼ନ୍ତି ସେମାନେ ଚିଡ଼ିଚିଡ଼ା, କ୍ରୋଧ, ରୋଗୀ ହୋଇପଡ଼ନ୍ତି । ଯେଉଁ ପତି-ପତ୍ନୀ ଋତୁଗାମୀ ହୋଇ ଶାସ୍ତ୍ରାନୁଶାରେ ଚଳନ୍ତି ସେମାନଙ୍କୁ ରୋଗ ଶୀଘ୍ର ଆକ୍ରମଣ

କରେ ନାହିଁ । ଆଧୁନିକ ଯୁଗରେ ପରିବାର ନିୟନ୍ତ୍ରଣର ଉହାଡ଼ରେ ବିର୍ଯ୍ୟନାଶ କରିବାର ଅନେକ ଉପାୟ ଉଦ୍‌ଭାବନ ହେଲାଣି । ଦେଶରେ ଯେତେ ଅର୍ଥ ଏହି ହାନିକର ପଛାର ପ୍ରଚ୍ଚାରରେ ନଷ୍ଟ କରାଯାଉଛି, ସେହି ଅର୍ଥ ଯଦି ବ୍ରହ୍ମଚର୍ଯ୍ୟର ଉତ୍ତମ ବିଚ୍ଚାରର ପ୍ରଚ୍ଚାରରେ ବ୍ୟୟ କରାଯାଆନ୍ତା ତେବେ ସନ୍ତାନ ଉତ୍ପତ୍ତି କମ୍ ହେବା ସଙ୍ଗେ ସଙ୍ଗେ ଜନତାର ସ୍ୱାସ୍ଥ୍ୟ ଭଲ ରହନ୍ତା । ଶାରୀରିକ ବିଜ୍ଞାନର ବିଦ୍ୱାନ୍ ଗଣ କହନ୍ତି ଯେ ଯେଉଁ ଅନ୍ନ ଇତ୍ୟାଦି ମନୁଷ୍ୟ ଖାଏ ଶରୀରରେ ତାହା ରସ, ରକ୍ତ, ଅସ୍ଥି, ମଜ୍ଜା, ବୀର୍ଯ୍ୟ ଏବଂ ଓଜ ରୂପେ କ୍ରମଶଃ ପରିଣିତ ହୁଏ । ବୀର୍ଯ୍ୟ ମନୁଷ୍ୟର ସୁସ୍ଥ ଜୀବନ ଏବଂ ମାନସିକ ତଥା ଆତ୍ମିକ ବଳ ପାଇଁ ବହୁତ ଉପଯୋଗୀ ଅଟେ । ଏହାର ପ୍ରୟୋଗ ଭାବି-ବିଚ୍ଚାରି ସମୟାନୁକୂଳ ଏବଂ ସନ୍ତାନ ଉତ୍ପତ୍ତିର ଶୁଦ୍ଧ ବିଚ୍ଚାର ପୂର୍ବକ କରିବା ଉଚିତ ।

ପତି-ପତ୍ନୀଙ୍କର ଥରେ ସହବାସ ଫଳରେ ପ୍ରାୟ କୋଡ଼ିଏ ବିନ୍ଦୁ ବୀର୍ଯ୍ୟ ପାତ ହୁଏ ଏବଂ ଗୋଟିଏ ବିନ୍ଦୁ ବୀର୍ଯ୍ୟ ପାଇଁ କମରୁ କମ ଅଶି ବିନ୍ଦୁ ରକ୍ତ ଆବଶ୍ୟକ ହୁଏ । ଏଣୁ ଥରକର ସହବାସ ଫଳରେ ପ୍ରାୟ ଷୋଳ ଶହ ରକ୍ତ ବିନ୍ଦୁ ନଷ୍ଟ ହୁଏ । ଯେତେବେଳେ ବାରମ୍ବାର ଏତେ ରକ୍ତ ନଷ୍ଟ କରାଯାଏ, ମସ୍ତିଷ୍କ ତଥା ହୃଦୟ ଏବଂ ଯକୃତ୍ ଉପରେ ଏହାର କୁ-ପ୍ରଭାବ ପଡ଼େ । ଚକ୍ଷୁର ଜ୍ୟୋତି କମ ହୋଇଯାଏ । ଛାତି ଧଡ଼ ଧଡ଼ ହୁଏ । ବିବିଧ ପ୍ରକାର ଦୁର୍ବଳତା ଆସିଯାଏ । ପରିବାର ଭିତରେ କ୍ରୋଧ, ଉଦାସିନତା ତଥା ରୋଗ ଛାଇ ହୋଇଯାଏ । ଏଣୁ ଚିନ୍ତାକର ! କ୍ଷଣ ମାତ୍ର ସୁଖ ପାଇଁ ନିଜର ଅମୂଲ୍ୟ ସଂପଦ ଧ୍ୱଂସ କରିଦିଅ ନାହିଁ । ଏହାର ଅର୍ଥନୁହେ ଯେ ମାନବ ଇନ୍ଦ୍ରିୟ ସୁଖରୁ ବଞ୍ଚିତ ହୋଇ ରହି ଯିବା । ମର୍ଯ୍ୟାଦା ପୂର୍ବକ ଇନ୍ଦ୍ରିୟ ସୁଖରେ ଲିପ୍ତ ହେଲେ ଅଧିକ ସୁଖ ପ୍ରାପ୍ତ ହୁଏ । ଆୟୁର୍ବେଦ ଶାସ୍ତ୍ର ଏ ସଂପର୍କରେ

ବହୁତ ଜ୍ଞାନ ବିତରଣ କରେ । ଏହାର ଅଧ୍ୟୟନ ଲାଭଦାୟକ ଅଟେ । ଆଜି କାଲିର ନୂଆ ଢଙ୍ଗ କିଛି ସମୟ ପାଇଁ ଉପଯୁକ୍ତ ହୋଇପାରେ । କିନ୍ତୁ ଦୀର୍ଘ ଦିନ ପରେ ଶାରୀରିକ-ମାନସିକ ରୋଗ ବଢ଼ାଇବା ତଥା ରାଜନୈତିକ କ୍ଷତି କରିବାର ସହଯୋଗୀ ହେବ । କେବଳ ଏତିକି ନୁହେ, ଅତ୍ୟଧିକ କାମ ବାସନା ମାନବକୁ ମନୁଷ୍ୟ ଜୀବନର ବାସ୍ତବିକ୍ ଉଦ୍ଦେଶ୍ୟ '**ବ୍ରହ୍ମପ୍ରାପ୍ତି**' ରୁ ବଂଚିତ କରିଦେବ । ମହାଭାରତର ମୋକ୍ଷ ପର୍ବରେ ଲେଖା ଅଛି-

**କାମବନ୍ଧନ ମେବୈଙ୍କଂ ନାନ୍ୟଦସ୍ତି ହି ବନ୍ଧନମ୍ ।**

**କାମ ବନ୍ଧନ ମୁକ୍ତୋ ହି ବ୍ରହ୍ମଭୂୟାୟ କଳ୍ପତେ ॥**

କାମ ବାସନା ହିଁ ବନ୍ଧନ ଅଟେ । କାମ ବାସନାରୁ ମୁକ୍ତ ବ୍ୟକ୍ତି ବ୍ରହ୍ମ ପ୍ରାପ୍ତି ପାଇଁ ସମର୍ଥ ହୁଏ ।

ଅପ୍ରାକୃତିକ ଉପାୟରେ ସନ୍ତାନୋତ୍ପତ୍ତି ବନ୍ଦ ହୋଇପାରେ କିନ୍ତୁ ଶରୀର ଅମୂଲ୍ୟ ରତ୍ନର ନଷ୍ଟରୁ ତ ବଞ୍ଚିତ ହୋଇ ପାରିବ ନାହିଁ । ଆୟୁର୍ବେଦ କହେ-

**ମରଣଂ ବୀର୍ଯ୍ୟ ପାତେନ । ଜୀବନଂ ବୀର୍ଯ୍ୟ ଧାରଣାତ୍ ॥**

ବୀର୍ଯ୍ୟର ରକ୍ଷା ଜୀବନ ଏବଂ ବୀର୍ଯ୍ୟର ନାଶରେ ଜୀବନର ନାଶ ଅଟେ । ତେଣୁ କାମ ବାସନା ଅଧିକ ହୋଇ ନିଜ ଗୋଡ଼କୁ କୁରାଢ଼ିରେ ହାଣିବା ବୁଦ୍ଧିମାନର କାର୍ଯ୍ୟକି ?

ପରନ୍ତୁ ଆଜି କୁରାଢ଼ି ଓଲଟା ଚଳାଯାଉଛି ଏବଂ ଭାରତର ନେତୃବୃନ୍ଦ ଏଥିରେ ସଂପୂର୍ଣ୍ଣ ସହଯୋଗ କରୁଛନ୍ତି ।

ଏହି ସଂକେତ ବିନାଶର ପଥ ଅଟେ । ଶାସ୍ତ୍ରରେ ଯେଉଁ ସବୁ ନିୟମ ପ୍ରଣୟନ ଅଛି ତାହା ଉପଯୁକ୍ତ ଅଟେ " ମନୁସ୍ମୃତି " ର ତୃତୀୟ ଅଧ୍ୟାୟର ଶ୍ଳୋକ ଏହି ସଂପର୍କରେ ଉପଯୁକ୍ତ ପଥ ପ୍ରଦର୍ଶକ ଅଟେ । ଏହି

ଶ୍ଲୋକରେ କୁହାଯାଇ ଅଛି ଯେ ପୁରୁଷ ଋତୁକାଳ ଅନୁଯାୟୀ ସ୍ତ୍ରୀ ସହବାସ କରି ସର୍ବଦା ନିଜ ସ୍ତ୍ରୀଙ୍କୁ କେବଳ ପ୍ରେମ କରିବା ଉଚିତ । ପର୍ବ ତିଥି (ଅମାବାସ୍ୟା, ପୂର୍ଣ୍ଣମୀ, ଅଷ୍ଟମୀ, ଚତୁର୍ଦ୍ଦଶୀ) ମାନଙ୍କୁ ଛାଡ଼ି ଦେଇ ରତି କାମନାରେ ସ୍ତ୍ରୀ-ବ୍ରତ କରିବା ଉଚିତ । ପୁନଶ୍ଚ କେଉଁ ରାତ୍ରି କନ୍ୟା ଏବଂ କେଉଁ ରାତ୍ରି ପୁତ୍ର ଉପନ୍ନ ପାଇଁ ସହାୟକ ଅଟେ ଏବଂ କେଉଁ ରାତ୍ରି ସନ୍ତାନ ଉତ୍ପନ୍ନର ସହାୟକ ନୁହେଁ ତାହା ମଧ୍ୟ କୁହାଯାଇ ଅଛି । ମନୁସ୍ମୃତିର ଏହି ବଚନର ତାତ୍ପର୍ଯ୍ୟ ପାଶ୍ଚାତ୍ୟ ବିଦ୍ୱାନ୍-ମାନେ ମାନନ୍ତି । " ସଂସ୍କାର ଚନ୍ଦ୍ରିକା " ରେ ଉଲ୍ଲେଖ ଅଛି ଯେ ଡ: ଟ୍ରାଲ ନିଜ ଅନୁଭୂତିରୁ ଲେଖିଛନ୍ତି ଯେ ପନ୍ଦର ବର୍ଷ ହେଲା ମୁଁ ଏହି ନିୟମ ପ୍ରଚଳନ କରିଥିଲି ଯାହାର ପରୀକ୍ଷା ଦ୍ୱାରା ହଜାର ହଜାର ମନୁଷ୍ୟ ସଫଳ ହୋଇଛନ୍ତି । କିଛି ଅସଫଳ ମଧ୍ୟ ହୋଇ ଅଛନ୍ତି । ଏହି ନିୟମ ହେଉଛି " ରଜ ବନ୍ଦ ହେବା ପରେ ବାର ଦିନ ପର୍ଯ୍ୟନ୍ତ ଯଦି ପତି-ପତ୍ନୀ ଆଲଗା ରହନ୍ତି ତେବେ ଗର୍ଭ ରହେ ନାହିଁ । 'ମନୁସ୍ମୃତି' ର ଉପଦେଶାନୁଯାୟୀ ମାସକ ମଧ୍ୟରେ କେବଳ ଦିନେ ମାତ୍ର ରହେ ଯେ ହେତୁ ପ୍ରଥମ ଚାରି ରାତ୍ରୀ ତ୍ୟାଜ୍ୟ ଅଟେ, ଏହାର ତଥା ତେର ମଧ୍ୟ ତ୍ୟାଜ୍ୟ କୁହା ଯାଇଅଛି, ଏସବୁ ଛଅ ହେଲା । ଏହା ବ୍ୟତିରେକେ ଆଉ ଆଠ ରାତ୍ରି ଛାଡ଼ିବା କୁହା ଯାଇଅଛି । ଏସବୁ ମିଶି ଚଉଦ ହେଲା । ଷୋହଳ ଦିନ ମଧ୍ୟରୁ କେବଳ ଦୁଇ ଦିନ ବାକି ରହିଲା । ପୁତ୍ର ଅଭିଳାଷୀ ଥରେ ଯୁଗ ରାତ୍ରୀକୁ ପ୍ରୟୋଗ କରିବା ଆବଶ୍ୟକ ଅର୍ଥାତ ଗୋଟିଏ ଋତୁକାଳ (ଏକ ମାସ) ମଧ୍ୟରେ ଗୋଟିଏ ମାତ୍ର ଦିବସ ପତ୍ନୀ ସହବାସ କରିବା ଉଚିତ । ଦୁଃଖର କଥା ଯେ ଋଷି ମାନଙ୍କ ଗ୍ରନ୍ଥକୁ ଆମେ ଦେଖୁ ନାହୁଁ । ବରଂ ଭାଣ୍ଡ କଥାରେ ଲିପ୍ତ ରହି ଦୁଃଖ ବଢ଼ାଇ ଅଛୁ ।

## ଅଧ୍ୟାୟ ୪

# ସୁଖୀ ଗୃହସ୍ଥର ଉପାୟ

ଏପରି କୌଣସି ଗୃହସ୍ଥ ନାହିଁ ଯେକି ସୁଖ, ଶାନ୍ତି ଗୃହୁଁ ନାହିଁ । ଗୃହସ୍ଥ ଜୀବନ ମଧ୍ୟରେ ପ୍ରବେଶ କରିବା ପ୍ରଥମ ଉଦ୍ଦେଶ୍ୟ, ସୁଖ ଶାନ୍ତିରେ ଜୀବନ ବ୍ୟତୀତ କରିବା ବୁଝାଯାଏ । ବିବାହ ସଂସ୍କାରରେ ଗୋଟିଏ ମନ୍ତ୍ର ବଧୂ ତରଫରୁ କୁହାଯାଏ ଯେ " ମୁଁ ପତି ଦେବତାଙ୍କ ପାଖକୁ ଯାଉଅଛି- ମୋର ଜୀବନ କଲ୍ୟାଣକାରୀ ଏବଂ ସୁଖୀ ହେଉ " । ପରନ୍ତୁ ଏହି ଶୁଭବାସନାର ପୂର୍ତ୍ତିତା ପାଇଁ କିଛି ଉପାୟ ଅବଲମ୍ବନ କରିବା ଆବଶ୍ୟକ ହୁଏ ଏବଂ ଏହି ଉପାୟ ଏଠି ଉଲ୍ଲେଖ କରାଯାଇ ଅଛି ।

ପ୍ରଥମ ପନ୍ଥା " ମାନବିକତା " ମାନବିକତା ଯଦି ମାନବ ଭିତରେ ଥାଏ ତେବେ ସେ କାହାରି ଉପରେ ଈର୍ଷା-ଦ୍ୱେଷ କରିବ ନାହିଁ । ପରିବାର ମଧ୍ୟରେ ରହିଲେ ମାନବିକତା ସହ ରକ୍ତ ସମ୍ବନ୍ଧ ରହେ । ତେବେ ହୃଦୟରେ ପ୍ରେମ, ସ୍ନେହ, ଉପକାର, ଅତିରିକ୍ତ ଆଉ କିଛି ରହେ ନାହିଁ । ମାନବିକତାରେ ଓତଃ ପ୍ରୋତ ପରିବାର ସର୍ବଦା ସୁଖୀ ରହେ ।

ମାନବିକତା କାହାକୁ କୁହାଯାଏ ? ଯେଉଁ କଥା ନିଜେ ନିଜ ପାଇଁ ଉଚିତ ମନେକରେ ନାହିଁ ତାହା ଅନ୍ୟ ପାଇଁ ମଧ୍ୟ ଉଚିତ ବୁଝିବା ଅନୁଚିତ୍ ।

**ଆତ୍ମନଃ ପ୍ରତିକୂଳାନି ପରେଷାନ୍ ସମାଚରେତ୍ । (ମହାଭାରତ)**

ମହର୍ଷି ଦୟାନନ୍ଦ ମାନବ ସମ୍ବନ୍ଧରେ ଅନେକ କଥା କହି

ଅଛନ୍ତି—

" ମନୁଷ୍ୟ ତାହାକୁ କୁହାଯାଏ ଯେ ମନନଶୀଳ ହୋଇ ଅନ୍ୟର ଦୁଃଖ ସୁଖ ଏବଂ ହାନି ଲାଭକୁ ହୃଦୟଙ୍ଗମ କରିପାରେ ।

" ଯେଉଁ କାର୍ଯ୍ୟ ଦ୍ୱାରା ଜଗତର ଉପକାର ହୁଏ ସେହି କାର୍ଯ୍ୟ କରିବା ଏବଂ ଯେଉଁ କାର୍ଯ୍ୟ ହାନିକାରକ ଅଟେ ତାହାକୁ ତ୍ୟାଗ କରିବା ମନୁଷ୍ୟର ପରମ କର୍ତ୍ତବ୍ୟ ଅଟେ " । **(ସତ୍ୟାର୍ଥ ପ୍ରକାଶ)**

ଗୃହସ୍ଥି ଉପରୋକ୍ତ ଋଷି ବଚନର ' ଜଗତ ' ଶବ୍ଦ ସ୍ଥଳରେ ' ପରିବାର ' ଧରିନେଇ, ପରିବାରର କୌଣସି କାର୍ଯ୍ୟ କରିବା ପୂର୍ବରୁ ସ୍ୱାର୍ଥ ତ୍ୟାଗ କରି ବିଚାର କରନ୍ତୁ ଯେ ଯେଉଁ କାର୍ଯ୍ୟ ସେ କରୁଛି କିମ୍ବା କରିବାକୁ ଯାଉଅଛି କେବଳ ନିଜର ସୁଖ ପ୍ରାପ୍ତି ପାଇଁ ଅଭିଳାଷ କରିବା ଉଚିତ ନୁହେଁ । ନିଜ ମନମୁତାବକ କୌଣସି ସୁଖ ପ୍ରାପ୍ତ ହେଲେ ମଧ୍ୟ ପରିଶେଷରେ ଏପରି ପଶ୍ଚାତ୍ତାପ ଜାଗ୍ରତ ହେବ ଯାହା ସବୁଦିନ ପାଇଁ ମାନସିକ ଅଶାନ୍ତି ହୋଇ ରହିବ । ଏଣୁ ମନ ମୁତାବକ କାର୍ଯ୍ୟ ନକରି ମାନବିକ ଭାବନାକୁ ନେଇ କାର୍ଯ୍ୟ କରିବା ଉଚିତ । ମାନବିକ ଭାବନା ଦୁର୍ବଳ ହେବା କାରଣରୁ ଛୋଟ ଆକାରର କାର୍ଯ୍ୟ ସିଦ୍ଧି ପାଇଁ ପରିବାରର ଭବିଷ୍ୟତ ବିଚାର ନକରିବା ମନୁଷ୍ୟତାକୁ ତଳକୁ ଖସି ଯିବା ଅଟେ । ପିତା-ପୁତ୍ର, ଭାଇ-ଭାଇ, ଭଉଣୀ-ଭଉଣୀ ଯଦି ମାନବିକତାର ଉଚ୍ଚ ଆଦର୍ଶକୁ ସମ୍ମୁଖରେ ରଖନ୍ତି ତେବେ ପରିବାର ସୁଖର ଶ୍ୱାସ ନେଇ ପାରିବ । ଆଜିକାଲି ପରିବାର ଭିତରେ ଯେଉଁ କଳହ, କ୍ଲେଶ ଦେଖାଯାଉଅଛି ଏହାର ବଡ଼ କାରଣ ମାନବିକତାର ଅଭାବ ଅଟେ । ପ୍ରକୃତରେ ଆଜି ଦୁଃଖି ପରିବାର ଭିତରେ ମାନବିକତା କାହିଁ? ପରିବାରର ସମସ୍ତ ବ୍ୟକ୍ତି ଆଖିକୁ ମନୁଷ୍ୟ ଭଳି ଦେଖାଯାଆନ୍ତି କିନ୍ତୁ ଜଣେ କବି ଠିକ୍ କହିଛନ୍ତି—

**ସଚ ଲଟ ଗୟା ସରେ-ଆମ ସପନ୍‌ବାକି ହେ ।**

**ଅବ୍‌ତୋ ଶବନମ୍ କି ଜଗହ ତପନ ବାକି ହେ ॥**

**ଆଜ ଆଁଖେ ଭି ବୈରତ ସେ ପରେଶାଁ ହେ ।**

**ଇନ୍‌ସାନ ଲାପତା ହେ, କଫନ୍ ବାକି ହେ ॥**

ମନୁଷ୍ୟର କେବଳ ଆକୃତି ରହି ମନୁଷ୍ୟତ୍ୱ ଲୋପ ହୋଇଯାଇ ଅଛି । ପରିବାରକୁ ସୁଖୀ କରିବାକୁ ହେଲେ ପ୍ରତ୍ୟେକ ବ୍ୟକ୍ତି ବ୍ରତ ଅବଲମ୍ବନ କରିବେ ଯେ ମୁଁ ପ୍ରକୃତ ମାନବ ହୋଇ ଉଚିତ ବ୍ୟବହାର କରିବି ।

ପରିବାରର ପ୍ରତ୍ୟେକ ବ୍ୟକ୍ତି ପ୍ରତିଦିନ ଏହା ଦେଖିବା ଉଚିତ ଯେ ସେ କାହାରି ମନରେ ତ କଷ୍ଟ ଦେଇ ନାହିଁ । ଭାଇ ବନ୍ଧୁ ପିତା ମାତା ଏବଂ ଅନ୍ୟ ସଂପର୍କୀୟ ମାନଙ୍କ ପ୍ରତି ତାର ବ୍ୟବହାର ମନୁଷ୍ୟପରି ରହିଛି କିମ୍ବା ଅମଣିଷ ଭଳି ତଳକୁ ଖସି ଯାଇଛି ।

ମହାଭାରତର ଶାନ୍ତି ପର୍ବର ଏହି ଶ୍ଳୋକକୁ ଦେଖନ୍ତୁ—

**ମନସଃ ପ୍ରତିକୂଳାନି, ପ୍ରେତ୍ୟ ଚେହ ନ ଚେଛତ୍ତୀ ।**

**ଭୂତା ନାଂ ପ୍ରତିକୂଳେଭ୍ୟଃ ନିବର୍ତ୍ତସ୍ୱ ନରାଧିପ ॥**

ଯଦି ତୁ ଗ୍ରହୁଁଛୁ ଯେ ଏହି ଜନ୍ମ ଓ ପର ଜନ୍ମରେ କୌଣସି କଥା ତୋର ପ୍ରତିକୂଳ ନ ହେଉ ତେବେ ତୁ ମଧ୍ୟ ଏପରି କୌଣସି କାର୍ଯ୍ୟ କରନା ଯାହାକି ଅନ୍ୟ ପ୍ରାଣିଙ୍କର ପ୍ରତିକୂଳ ହେବ ।

ଜନୈକ ହିନ୍ଦୀ କବି ଠିକ୍ କହିଛନ୍ତି-

**ଜୈସି କରନି ପାର ଉତରନି, କିସମିସ ତୁମ ସବ ଫୁଲେ**

**ରାଇ-ରାଇକା ଲେଖା ହୋଗା, ବାତ କଭି ମତ ଭୁଲୋ ॥**

ଏଣୁ ପରିବାର ମଧ୍ୟରେ ସାବଧାନ ସହ ରହ । କୌଣସି

ଏପରି ଘଟଣା ନ ହେଉ ଯେଉଁଥିରେ ପରିବାର ମଧ୍ୟରେ ମାନବିକତା ଦୁର୍ବଳ ହୋଇପଡ଼ିବ । ମନୁଷ୍ୟ ଶବ୍ଦର ବ୍ୟୁତ୍ପତ୍ତି ଏହିପରେ ଅଟେ-

**ମତ୍ୱା କର୍ମାଣି ସିଧ୍ୟତି (ନିଂ ୩-୭)**

ଯେ ବିଗ୍ଭର କରି କର୍ମକରେ, ସେ ମନୁଷ୍ୟ ଅଟେ । କିନ୍ତୁ ଅନେକ ସମୟରେ ନିକୃଷ୍ଟ-ସ୍ୱାର୍ଥ ମଧ୍ୟ ବିଗ୍ଭରକୁ ଦୂଷିତ କରିଦିଏ । ଜଣେ ସ୍ତ୍ରୀ କହିଲେ " ମୁଁ ପରିବାରର ସମସ୍ତଙ୍କ ସହ ମାନବିକ ବ୍ୟବହାର କରୁଅଛି କିନ୍ତୁ ମୋ ସହ ଆସୁରିକ ବ୍ୟବହାର କରାଯାଉ ଅଛି । ମୁଁ କହିଲି— ଝିଅ, ମଣିଷର କେବଳ ଏହା ଗୋଟିଏ ଜନ୍ମ ନୁହେଁ। ଜଣାନାହିଁ ପୂର୍ବ ଜନ୍ମ ମାନଙ୍କରେ ତୁ ଆସୁରିକ ବ୍ୟବହାର କରିଥିବୁ । ସେହି କାରଣରୁ ତୋତେ ଫୁଲ ବଦଳରେ କଣ୍ଟା ମିଳୁଅଛି । କିନ୍ତୁ ତୁ ଯଦି କଣ୍ଟା ଦେବା ଆରମ୍ଭ କରିବୁ ତେବେ ଏହି ଅଦଳବଦଳରେ କେବେହେଲେ ସମାପ୍ତି ହେବନାହିଁ। ଏଣୁ ତୁ ମାନବ ହୋଇ ରହ । ଗୃହସ୍ଥିକୁ ସୁଖୀ କରିବା ପାଇଁ ଏହା ପ୍ରଥମ ଗୁରୁ ଅଟେ ।

ଦ୍ୱିତୀୟ ଉପାୟ ହେଉଛି ପ୍ରସନ୍ନତା । ପ୍ରସନ୍ନ ରହିବା ପ୍ରଭାବ ପରିବାର ମଧ୍ୟରେ ସ୍ୱର୍ଗର ବାତାବରଣ ସୃଷ୍ଟି କରେ । ବ୍ୟବସାୟ, ଅଫିସ୍ କିମ୍ବା ଅନ୍ୟ ଯେ କୌଣସି କାରବାରରେ, ସ୍କୁଲ୍, କଲେଜ୍ ଆଦିକୁ ଫେରିବା ବେଳେ ପ୍ରସନ୍ନ ବଦନରେ ଗୃହରେ ପ୍ରବେଶ କର । କେତେକ ବ୍ୟକ୍ତି ଏପରି ପ୍ରଭାବର ଦେଖାଯାଆନ୍ତି ଯେଉଁମାନେ ବାହାରେ ପ୍ରସନ୍ନ ରହନ୍ତି, (ସ୍ୱସ୍ଥ ମନ) ଠିକ୍ ଅବସ୍ଥା (Mood) ରେ ରହନ୍ତି କିନ୍ତୁ ଘରକୁ ଫେରୁ ଫେରୁ ଗମ୍ଭୀର କିମ୍ବା ଉଦାସି ହୋଇଯାଆନ୍ତି । ଜଣେ ବ୍ୟକ୍ତିଙ୍କୁ ମୁଁ ପ୍ରଶ୍ନ କଲି ଆପଣ କାହିଁକି ଏପରି କରନ୍ତି ? ସେ ଉତ୍ତର ଦେଲେ ପ୍ରସନ୍ନ ବଦନରେ ଫେରିଲେ ସ୍ତ୍ରୀ ତଥା ସନ୍ତାନମାନେ ଅବାଧ୍ୟ ହେବେ । ସାମ୍ୟ ରଖିବାପାଇଁ ମୋତେ ଗମ୍ଭୀର ହେବାକୁ ପଡୁଅଛି । ମୁ କହିଲି ତୁମେ ନିଜେ ନିଜକୁ ଜେଲର ଜଟୁଆଳ

ଭାବୁଛ କି ? ତୁମ ଘର ଗୋଟିଏ ପରିବାର କିମ୍ବା ଜେଲଖାନା ଅଟେ ? ହେ ମୋର ଭାଇ । ପତ୍ନୀ ଓ ସନ୍ତାନ ମାନଙ୍କ ଉପରେ ଜାଦୁ ଚଳାଅ, କ୍ରୋଧ କରନା । କେତେକ ସ୍ତ୍ରୀ ମଧ୍ୟ ଏପରି ଦେଖା ଯାଆନ୍ତି, ଦିନସାରା ଖୁସି ମନରେ ରହନ୍ତି ଏବଂ ଯେତେବେଳେ ପତି ଗୃହକୁ ଫେରିବା ସମୟ ହୁଏ ମୁହଁ ସୁଖାଇ ଦିଅନ୍ତି । ପତି ଦିନ୍‌ସାରା କାର୍ଯ୍ୟକରି ଥକିକରି ଘରକୁ ଫେରନ୍ତି ଏବଂ ଘରେ ଅଶାନ୍ତି ବାତାବରଣ ଦେଖି ମନରେ ଆଘାତ ହୁଏ । ବେଦ ଭାଷାରେ ପତି-ପତ୍ନୀକୁ ନିଜର ମନରୂପୀ ପକ୍ଷୀର ବସାବୁଝେ ଏବଂ କହେ—

**ଅହଂ ବିଷ୍ୟାମି ମୟୀଉପମସ୍ୟା ବେଦବିତ୍ ।**

**ପଶନ୍ନନସଃ କୁଳାୟମ୍ । ଅଥର୍ବ । ୧୪-୨-୫୭ ।**

' ମୁଁ ଏହି (ପତ୍ନୀ) ଙ୍କ ରୂପକୁ ନିଜ ଭିତରେ ଖୋଜୁ ଅଛି ଯାହାକୁ ମୁଁ ନିଜେ ମନର ବସା ଦେଖି ପ୍ରାପ୍ତ କରିଅଛି ।

ଯେଉଁ ପକ୍ଷୀ ଦିନସାରା ଥକି ବସାକୁ ଆସେ ଏବଂ ତାହାକୁ ବସା ନ ମିଳେ ତେବେ ସେ ପକ୍ଷିର ଅବସ୍ଥା ବଣ ହେବ ? ଏହି ରୂପେ ଯେଉଁ ପତିଙ୍କୁ ଘରେ ପହଞ୍ଚିବା ମାତ୍ରେ ପ୍ରେମ-ସତ୍କାର ତଥା ପ୍ରସନ୍ନତା ନ ମିଳେ ତାହାର ଗତି କଣ ହେବ ? ଅନେକ ପତି ନିଜ ପତ୍ନୀର କୃତ ପ୍ରଭାବ ହେତୁ ଅଧିକ ସମୟ ଗୃହ ବାହାରେ କଟାଇବା ଉଚିତ ମନେ କରନ୍ତି । ଏହା ବାଞ୍ଛନୀୟ ଅଟେ ଯେ ଦିନରେ କୌଣସି ପ୍ରତିକୂଳ ବାତାବରଣ ସୃଷ୍ଟି ହୋଇଥିଲେ ମଧ୍ୟ ମିଳନ ସମୟରେ ପତ୍ନୀ ମୁଖରେ ହସ ଫୁଟିବା ଉଚିତ୍ । ହସ ମୁଖକୁ ଦେଖି ପତିଙ୍କ ନବଜୀବନ ତଥା ନବ-ଶକ୍ତିର ସଂଚାର ହୁଏ । ଏହି ପ୍ରକାର ପତି ଦିନ ସାରା ଦୁଃଖି ଥିଲେ ମଧ୍ୟ ଘରକୁ ଫେରିବା ପରେ ଚିନ୍ତାର କୌଣସି ଚିହ୍ନ ତାଙ୍କର ମୁଖରେ ରହିବା ଉଚିତ ନୁହେ । ବୁଦ୍ଧିମାନ ପତି ଘରେ ପହଞ୍ଚିବା ମାତ୍ରେ ପ୍ରସନ୍ନତା, ଓ ହସ ଖୁସିର ବାତାବରଣ ସୃଷ୍ଟି

କରିଦିଏ । ମିଠା ମିଠା ଖୁସି ଗପ, ପତ୍ନୀଙ୍କର କିଛି ଗୁଣ ଓ ସନ୍ତାନ ମାନଙ୍କ ମିଠା ସ୍ୱଭାବର ବର୍ଣ୍ଣନା କରିଦିଅନ୍ତି । ନିଜେ ପ୍ରସନ୍ନ ରହି ପରିବାରକୁ ମଧ୍ୟ ପ୍ରସନ୍ନ ରଖନ୍ତି । କିନ୍ତୁ ଅନେକ ଏପରି ପତି ମଧ୍ୟ ଅଛନ୍ତି ଯେଉଁମାନେ ଗୃହକୁ ପ୍ରବେଶ କରୁ କରୁ କିଛି ଆପତ୍ତି ଆରମ୍ଭ କରି ଦିଅନ୍ତି । କଣ କହିବ- ଅଫିସ୍‌ରେ ତ ବେକରେ ତରବାରୀ ଲାଗି ରହିଛି । ତଳୁଆ କର୍ମଚାରୀମାନେ କାର୍ଯ୍ୟ କରୁନାହାନ୍ତି, ଉପର ହାକିମ ମାନେ ପ୍ରାଣ ଖାଇ ଯାଉଅଛନ୍ତି, ମୁଁ କେବଳ ଅଫିସ୍‌ରେ ଏକ ମାତ୍ର ବ୍ୟକ୍ତି ଯେକି ଲାଞ୍ଚ ନିଏ ନାହିଁ ଏବଂ ମୋରି ବିରୁଦ୍ଧରେ କେବଳ ରିପୋର୍ଟ ହେଉଅଛି । ଜୀବନ ମୋର ବିପଦର ଜାଲରେ ଛନ୍ଦି ହୋଇ ଯାଉଅଛି । ଏ ଯୁଗରେ ସାଧୁ ହେବା କେବଳ ପାପ ଅଟେ । ଏ ଯେଉଁ ଆନନ୍ଦ ସ୍ୱାମୀ ବେଦର ଉପଦେଶ ଶୁଣାଇ ଶୁଣାଇ ଆମ୍ଭଙ୍କୁ ନଷ୍ଟ କରି ଦେଇଅଛନ୍ତି । ପରନ୍ତୁ ସ୍ୱାମୀଜୀଙ୍କ ଉପଦେଶ ଶୁଣନ୍ତି ନାହିଁ କିମ୍ବା ସାଧୁ ମଧ୍ୟ ହୁଅନ୍ତି ନାହିଁ, ଦୁଃଖ ଭୋଗ କରନ୍ତି, ଲାଞ୍ଚ ନେଇ ହୁସ୍କି ପିଇ ତମାସା ଦେଖନ୍ତି, ମଜା କରନ୍ତି ।

ଅନ୍ୟ ଜଣେ ଗୃହସ୍ଥଙ୍କ କଥା ଶୁଣନ୍ତୁ । ଏହାଙ୍କ ପତ୍ନୀ ବଡ଼ ବୁଦ୍ଧିମତୀ ବିଦୁଷୀ ଥିଲେ । କିନ୍ତୁ ପତି ଚିନ୍ତା ତାଙ୍କର ସବୁବେଳେ ରହିଥିଲା । ଘରେ ପହଞ୍ଚୁ ପହଞ୍ଚୁ ପତି ତାଙ୍କର ଭବିଷ୍ୟତ ଦୁଃଖର କଥା ଶୁଣାଇବାରେ ଲାଗି ପଡ଼ନ୍ତି । ' ହେ ଭଗବାନ ! ବର୍ତ୍ତମାନ ଆମର ସନ୍ତାନ ହେବ, ଖର୍ଚ୍ଚ ବଢ଼ିଯିବ, ପିଲାଙ୍କ ପଢ଼ା ଖର୍ଚ୍ଚ ବହୁତ ବଢି ଗଲିଛି, ରୋଜଗାର ଧନ୍ଦା କମି କମିଯାଉଛି । ବ୍ୟବସାୟରେ କୌଣସି ସୁଖ ନାହିଁ, ଆୟକର ଅଫିସର ମାନେ ଆଉ ବିଶ୍ରାମ କରାଇ ଦେଉ ନାହାନ୍ତି । ଦରଦାମ ହୁ ହୁ ବଢି ଗଲିଛି । ମୋର ଅବସ୍ଥା ଖରାପ ହୋଇ ଆସୁଛି । ସେ ମୃତ ହେଲେ ସମାଜର ଲୋକ ଆଠ,ଦଶ ହଜାର ଟଙ୍କା ଖର୍ଚ୍ଚ କରାଇ ଦେବେ । ପୁରୁଣା ଘରର ମରାମତିରେ

ଦଶ ବାର ହଜାର ଟଙ୍କା ଖର୍ଚ୍ଚ ହୋଇଯିବ । ଏଣେ ତୋର ସନ୍ତାନ ହେବାର ଅଛି । ତୋର ନଣନ୍ଦ ବା ଯାଆ ଦ୍ୱାରା କିଛି କାମ ହୁଏ ନାହିଁ । ଏଣୁ କୌଣସି ଗୃହକରାଣୀ ରଖିବାକୁ ପଡ଼ିବ । କେତେ ଯେ ଖର୍ଚ୍ଚ ହୋଇଯିବ । ପୁଣି ସନ୍ତାନ ଜନ୍ମ ହେଲେ ତାର ପାଳନ ପୋଷଣ, ପଢା ପଢ଼ି । ପୁଣି ପୁଅର ପୁଅ ହେବ । ସେମାନଙ୍କ ଖର୍ଚ୍ଚ– ହେ ଭଗବାନ ! ମୁଁ ତ ଏତେ ଖର୍ଚ୍ଚକୁ ବିଗୁରି ମରିଯିବି । ଖର୍ଚ୍ଚ ଉପରେ ଖର୍ଚ୍ଚ ଲଦି ହୋଇ ପଡୁଛି ।

ପ୍ରତିଦିନ ଘରକୁ ଆସୁ ଆସୁ ଏହି ପରି କଥା ଆରମ୍ଭ ହୋଇଯାଏ । ଦୈନିକ ଏହି ଦୁଃଖର କଥା ପତ୍ନୀ ଶୁଣନ୍ତି । ବୁଦ୍ଧିମତୀ ପତ୍ନୀ ଚିନ୍ତାକଲେ– କିପରି ପତିଙ୍କୁ ବୁଝାଇବେ ? ଏହା ବିଗୁରି ସେ ଗୋଟିଏ ଯୋଜନା କଲେ ଏବଂ ତଦନୁଯାୟୀ ଗୃହର କୌଣସି କାର୍ଯ୍ୟ କଲେ ନାହିଁ । ଘର ସବୁ ସେପରି ଅପରିଷ୍କାର ରହିଲା । ରାତ୍ରିରେ ପତି ଆସି ଦେଖନ୍ତି ଘର ଅସ୍ତ ବ୍ୟସ୍ତ ହୋଇ ପଡ଼ିଛି । ଦୀପ ମଧ୍ୟ ଜଳୁ ନାହିଁ । ଆସୁ ଆସୁ ପତି କହିଲେ– ଆଜି କଣ ହେଲା ? ଏପଟେ ପତ୍ନୀ ଲୁଗା ଘୋଡ଼ାଇ ହୋଇ ଆଃ ଆଃ ହୋଇ ଶୋଇ କହୁଛନ୍ତି ବିରକ୍ତ ପରେ ହେବ, ପ୍ରଥମେ ମୋର ଦୁଃଖତ ଶୁଣ । ପତି ପତ୍ନୀ ନିକଟରେ ବସିଲେ । ପତ୍ନୀ ନିଜର କଥା ଶୁଣାଇଲେ– ' ଆଜି କୁଳପୁରୋହିତ ଆସିଥିଲେ । ସେ ମୋର ହାତ, ଦେଖି କହିଲେ ମୋର ଆୟୁ ଷାଠିଏ ବର୍ଷ ଏବଂ ଆଠୋଟି ସନ୍ତାନ ହେବ । ତମେ ଜାଣ ମୋର ବୟକ୍ଷ ବର୍ତ୍ତମାନ କୋଡ଼ିଏ ବର୍ଷ । ମୋତେ ଆହୁରି ଗୃଳିଷ ବର୍ଷ ବଞ୍ଚିବାକୁ ହେବ । ହେ ଭଗବାନ ! ଏତେ ଲମ୍ବା ସମୟ କିପରି ବ୍ୟତୀତ ହେବ ? ମୋର ଦୁଃଖର କଥା ପ୍ରଥମେ ଶୁଣି ନିଅ ପରେ ବିରକ୍ତ ହେବ । ମୋତେ ପ୍ରତିଦିନ ଦଶ ଖଣ୍ଡ ରୁଟି ତିଆରି କରିବାକୁ ପଡୁଛି । ମାସରେ ତିନିଶହ, ବର୍ଷରେ ତିନି ହଜାର ଛଅଶହ ଏବଂ ବାକିଥିବା ଗୃଳିଷି ବର୍ଷରେ, ହିସାବ କରି କହତ

ଲକ୍ଷେ ଚୌରାଳିସ ହଜାର ଗୋଟି ହେଉ ନାହିଁ ? ଏତେ ରୁଟି ମୋଦ୍ୱାରା କିପରି ହେବ ? ପୁଣି ଆଠୋଟି ସନ୍ତାନ । ବର୍ତ୍ତମାନ ଗୋଟିଏ ସନ୍ତାନ କୋଳକୁ ଆସିଛି ଏବଂ ମୁଁ ହଇରାଣ ହୋଇ ଯାଉଛି । ଆଠୋ ଟି ସନ୍ତାନ । ହାୟ ରାମ ହାୟ ରାମ ! ମୁଁ ମଲି । ଏତେ ଦୁଃଖ ସହ୍ୟ କରିପାରିବି ନାହିଁ । ପତି ଏହା ଶୁଣି ହସି ହସି କହିଲେ- ତୁମେ କଣ ପାଗଳ ହୋଇ ଗଲକି ? ଆଠଟି ସନ୍ତାନ କଣ ତମେ ଗୋଟିଏ ଦିନରେ ପ୍ରସବ କରିବ ? ପୁଣି କଣ ସବୁ ରୁଟି ଗୋଟିଏ ଦିନରେ କରିବ ? ଏତେ ଲମ୍ବା ଚିନ୍ତା କାହିଁକି ଅଯଥାରେ କରି ଦୁଃଖୀ ହେଉଅଛ ? ଧୀରେ ଧୀରେ ସବୁ କାର୍ଯ୍ୟ ହେବ ।

ଏହା ଶୁଣି ପତ୍ନୀ ଉଠିପଡ଼ି ବସି କହିବାକୁ ଲାଗିଲେ " ମୋତେ ତ ଉପଦେଶ ଦେଉଅଛ ଆଉ ତୁମେ ଝିଅର ପୁଅର କଥା ଚିନ୍ତାକରି ଦୈନିକ ବସି ଯାଉଅଛ । ନିଜେ ଦୁଃଖୀ ରହି ମୋତେ ମଧ୍ୟ ଦୁଃଖୀ କରୁଛ । ଦୁଃଖ ଧୀରେ ଧୀରେ ଯିବ, ଯତ୍ନ କରିବା ଆମର କର୍ତ୍ତବ୍ୟ ଅଟେ । ସବୁ ପ୍ରଭୁଙ୍କ ଇଛାରେ ଠିକ୍ ହୋଇଯିବ । " ପତ୍ନୀଙ୍କ ଏହି କଥା ପତିଙ୍କୁ ସତ୍‌ମାର୍ଗ ଦେଖାଇ ଦେଲା । ପ୍ରସନ୍ନତା ଗୋଟିଏ ଏପରି ଗୁଣ ଯାହା ମନୁଷ୍ୟକୁ ସବୁଠାରେ ପ୍ରିୟ କରି ଦିଏ । ସବୁ ସମୟରେ ଆପତ୍ତି ଅଭିଯୋଗ କଲେ ମନୁଷ୍ୟ ନିରାଶାବାଦୀ ହୋଇଯାଏ । ତାହାଙ୍କୁ ପରିବାରର କୌଣସି ବ୍ୟକ୍ତି ଭଲ ଲାଗନ୍ତି ନାହିଁ । ଏପରି ଜଣେ ଭଦ୍ର ବ୍ୟକ୍ତି ନିଜ ପରିବାରର କଥା ଶୁଣାଇବାକୁ ଲାଗିଲେ ଯେ ପୁତ୍ରମାନେ ତ ଅଛନ୍ତି କିନ୍ତୁ ନିଜ ଆୟତ୍ତର ବାହାରେ । କନ୍ୟା ମାନେ ମଧ୍ୟ ଅବାଧ୍ୟ । ଆପଣ କହୁଛନ୍ତି ପ୍ରସନ୍ନ ରହ, କିପରି ପ୍ରସନ୍ନ ରହିବି ? କଣ ପ୍ରସନ୍ନ ନରହିଲେ ପିଲାମାନେ ଆପଣଙ୍କର ଭଲ ହୋଇ ଯାଆନ୍ତି ? ଯଦି ତାହା ବି ନହେଉଛି ତେବେ ପ୍ରସନ୍ନ ନରହି ଆପଣ ଆପଣଙ୍କ ସ୍ୱାସ୍ଥ୍ୟ ଖରାପ କରିବେ ଏବଂ ପରିବାର ଭିତରେ ଦୁଃଖର ମାତ୍ରା ବଢ଼ିଯିବ । ପ୍ରସନ୍ନ ରହିବା

ପ୍ରଥମ ଉପାୟ ହେଉଛି ପତି, ପତ୍ନୀ କିମ୍ବା ସନ୍ତାନ ମାନଙ୍କର ଦୁର୍ଗୁଣ ଦେଖ ନାହିଁ । ସେମାନଙ୍କ ଠାରେ ଯେଉଁ ଭଲ ଗୁଣ ଅଛି ତାକୁ ମାନି ସେମାନଙ୍କର ସାହସ ବଢ଼ାଅ । କେହି ଯଦି ଅଳସୁଆ କିମ୍ବା କାମଚୋର ଅଛି ତେବେ ତାକୁ ତାର ଦୁର୍ଗୁଣକୁ ସ୍ମରଣ କରାଅ ନାହିଁ । ଗୋଟିଏ ଦୁର୍ଗୁଣକୁ ବାରମ୍ବାର ଦୋହରାଇଲେ ମନୋବିଜ୍ଞାନ ଦୃଷ୍ଟିରୁ ତାକୁ ଆହୁରି ଖରାପ କରିବା ଭଳି ହୁଏ । କୌଣସି ବ୍ୟକ୍ତିର ଦୁର୍ଗୁଣ, କ୍ରୋଧକୁ ଦେଖି ଅପ୍ରସନ୍ନ ନହୋଇ ବରଂ ପ୍ରସନ୍ନତାର ସହ ଦୂର କର । କୃଷ୍ଣ ଭଗବାନ୍ କହିଛନ୍ତି ଯେ ପ୍ରସନ୍ନ ରହିବା ବ୍ୟକ୍ତିର କଷ୍ଟ କ୍ଳେଶ ଆପେ ଆପେ ଦୂର ହୋଇଯାଏ । ପ୍ରସନ୍ନତା ମନର ତପସ୍ୟା ଅଟେ । ମନରେ ଇର୍ଷା, ଦୁଃଖ, ଚିନ୍ତା ପ୍ରବେଶ ନକରାଇ ପ୍ରସନ୍ନ ରହିବା ମନର ତପସ୍ୟା ଅଟେ । ଯଦି ପରିବାର ଭିତରେ ଏପରି କିଛି ଘଟଣା ହୋଇ ପ୍ରସନ୍ନତା ରୂପକ ଚନ୍ଦ୍ରମାରେ କଳଙ୍କ ଲାଗିଯାଏ ତେବେ ଏକାନ୍ତରେ ବସି ମନଖୋଲା ଖିଲି ଖିଲି ହସ । ଜଣେ ମନୋବିଜ୍ଞାନବିତ୍ ଠିକ୍ କହିଛନ୍ତି ଯେ **Cultivate cheerfulness by smiling often** ଅର୍ଥାତ୍ ନିଜ ଭିତରେ ପ୍ରସନ୍ନତାର ଫୁଲ ବଗିଚା ଲଗାଇବା ପାଇଁ ବାରମ୍ବାର ମୁରୁକି ମୁରୁକି ହସ । ଯେଉଁଠାରେ ପକ୍ଷୀ କୂଜନ କରୁଥାଏ ସେହି ପାଖରେ ପ୍ରାତଃ ସାୟଂର କୀର୍ତ୍ତନ ଶୁଣ । କୌଣଲି ଜଳ ପ୍ରପାତ ନିକଟକୁ ଯାଇ ତାର ଜଳ ତରଙ୍ଗ ଦେଖି ମନ ଭୁଲାଅ । ଫୁଲ ମାନଙ୍କ ସହ ବାର୍ତ୍ତାଳାପ କର । ପ୍ରଭୁ ଭକ୍ତିର ସୁନ୍ଦର ଗାଥା ଧୀରେ ଧୀରେ ଗାଅ । ପୁଣି ଭଗବାନଙ୍କୁ ଦେଖ, କିପରି ଦୁନିଆଁ ସାରା ହସୁଛି ।

କଳା ମେଘକୁ ଦେଖି ମୟୁର ନାଚି ଉଠୁଛି । ଆମ୍ବ ବଉଳର ପରସ କୋଇଲିର ରୁଦ୍ଧ କଣ୍ଠ ଖୋଲି ଦେଉଛି । ସୂର୍ଯ୍ୟ ରଶ୍ମି ପଙ୍କଜର ହୃଦୟରେ ଉନ୍ମାଦନା ଭରିଦେଇଛି । ଚନ୍ଦ୍ରକୁ ଦେଖି ଚକୋର ଆତ୍ମ ବିଭୋର ହୋଇପଡୁଛି

। ପୂର୍ଣ୍ଣମୀର ଚନ୍ଦ୍ର ସମୁଦ୍ର ବକ୍ଷରେ ଉତ୍ତାଳ ତରଙ୍ଗ ସୃଷ୍ଟି କରୁଛି । ରେ ମାନବ ! ତୁ କାହିଁକି ଉଦାସି ହୋଇ ବସିଛୁ ? ପ୍ରଭୁଙ୍କ ଅପାର ମହିମା ଦେଖ । କ୍ଷଣଭଙ୍ଗୁର କଥାରେ ମଜ୍ଜି ଯାଇ ଚିନ୍ତିତ ହୋଇ ପଡ଼ନା । ହସ ! ଖୁବ୍ ଜୋରରେ ହସ । ଖିଲି ଖିଲି ହୋଇ ହସ । ଏପରି କଲେ ତୋର ଗୃହସ୍ଥ ଜୀବନ ସୁଖୀ ହୋଇଯିବ ।

**ତୃତୀୟ ଉପାୟ ' ହାର୍ଦ୍ଦିକ ପ୍ରେମ-ଭାବନା '-** ପ୍ରେମ ଗୃହସ୍ଥାଶ୍ରମ ରୂପୀ ବାଟିକାର ପ୍ରାଣ ଅଟେ । ଲୁହାକୁ ଚୁମ୍ବକ ବାନ୍ଧି ରଖିଲା ଭଳି ପ୍ରେମ ସ୍ତ୍ରୀ ଓ ପୁରୁଷଙ୍କୁ ମୃତ୍ୟୁ ପର୍ଯ୍ୟନ୍ତ ବାନ୍ଧି ରଖେ । ସଂପୂର୍ଣ୍ଣ ପରିବାରର ସଂଗଠନ ପ୍ରେମରୂପକ ସିମେଣ୍ଟ ଦ୍ୱାରା ଚିରସ୍ଥାୟୀ ହୋଇ ରହେ । ପ୍ରେମ ଲାଭ-କ୍ଷତି ଦେଖେ ନାହିଁ- ନିଜକୁ ଅନ୍ୟର ହିତ ଓ ପ୍ରସନ୍ନତା ସାଧନରେ ପ୍ରାଣବଳୀ ଦେବାକୁ ଚାହେଁ । ପ୍ରେମର ମୂଳ ଭିତ୍ତି ତ୍ୟାଗ ଅଟେ । ତ୍ୟାଗ ବିନା ପ୍ରେମଭାବ ହୋଇ ନପାରେ । ପତି ପତ୍ନୀ ପାଇଁ ଏବଂ ପତ୍ନୀ ପତି ପାଇଁ ତ୍ୟାଗ କରେ । ପିତା ପୁତ୍ର ପାଇଁ, ଭାଇ ଭଉଣୀ ଜଣେ ଅନ୍ୟ ଜଣଙ୍କ ପାଇଁ ତ୍ୟାଗ କରେ । କଣ ତ୍ୟାଗ କରେ ? କେବଳ ଗୋଟିଏ ଜିନିଷ- " ନିଜ ସୁଖ ଇଚ୍ଛାର ତ୍ୟାଗ । " ନିଜ ସୁଖର ଇଚ୍ଛା ପ୍ରେମକୁ ନଷ୍ଟ କରିଦିଏ । ସେତେବେଳେ ବାସ୍ତବିକ ପ୍ରେମ ହୁଏ ଯେତେବେଳେ ସେହି ପ୍ରେମ ପଛରେ ନିଜ ସ୍ୱାର୍ଥ ସୁଖର ଇଚ୍ଛା ନଥାଏ । ଯଦି ପରିବାର ମଧ୍ୟରେ ନିଜ ସ୍ୱାର୍ଥ ଓ ସୁଖ ପାଇଁ ପ୍ରେମ କରାଯାଏ ତେବେ ସେହି ପ୍ରକାର ପ୍ରେମର ଶୀଘ୍ର ଅବସାନ ଘଟେ । ନିଜ ସୁଖରେ ବାଧା ପଡୁଥିବା ଅନୁଭବ ହେଲେ ସେ ପ୍ରକାର ପ୍ରେମର ରଙ୍ଗ ଓ ରୂପ ବଦଳି ଯାଏ । ପ୍ରକୃତ ପ୍ରେମ ଅତ୍ୟନ୍ତ କୋମଳ ଅଟେ । ଟିକିଏ ବି ଗ୍ରେଟ ଲାଗିଲେ ତାହା ସବୁ ଦିନ ପାଇଁ ତୁଟି ଯାଏ । ଆଉ ଯୋଡ଼ି ହୋଇପାରେ ନାହିଁ । ' ରହିମ ' ଙ୍କ ଏହି ପଦ୍ୟ ଖଣ୍ଡ ସମସ୍ତ ଗୃହସ୍ଥିଙ୍କର ସର୍ବଦା ମନେ

ରଖିବା କଥା ।

**ରହୀମନ ଧାଗା ପ୍ରେମକା ଲବ ତୋଡ଼ୋ ଝଟକାୟ,**

**ଟୁଟେ ସେ ଫିର ନ ଜୁଡେ, ଜୋଡ ଗୈଠ ପଡ଼ି ଜାୟ ।**

ଛିଣ୍ଡା ଦଉଡ଼ିକୁ ଯୋଡ଼ିଲେ ଗଣ୍ଠି ପଡ଼ିଯାଏ । ସେହିପରି ପ୍ରେମର ଦଉଡ଼ି ଛିଣ୍ଡିଲେ ଗଣ୍ଠିଆ ହୋଇଯାଏ । ଅତଏବ ପ୍ରେମରେ ବାଧା ହେବା ଉଚିତ ନୁହେଁ ଏଥିପାଇଁ ସ୍ୱାର୍ଥର କଇଁଅଁକୁ ଦୂରେଇ ରଖିବା ଉଚିତ । ମୁଁ ଏକ ପରିବାରରେ ଖରାପ ଅବସ୍ଥା ଦେଖିଲି । ପତି ପତ୍ନୀ ଦୁହେଁ ନଛୋଡ ବନ୍ଧା ଥିଲେ । ଦୁହେଁ ଅଭିମାନର ପ୍ରତିମା । ଦୁହିଁଙ୍କ ମଧ୍ୟରେ ଅପଡ଼ ଥାଏ । ସନ୍ତାନ ଜନ୍ମ କରୁଥିଲେ ଏବଂ ଝଗଡ଼ା ଝାଟି ମଧ୍ୟ କରୁଥିଲେ । ପତି ପତ୍ନୀଙ୍କ ଏବଂ ପତ୍ନୀ ପତିଙ୍କ ଦୋଷ ବାଛୁଥିଲେ । ଗାଳି ଗୁଲଜ ଠାରୁ ଆରମ୍ଭ କରି ମାରପିଟ ପର୍ଯ୍ୟନ୍ତ ହୋଇଥାଏ । ଝିଅ ବିବାହ ଯୋଗ୍ୟ ହୋଇଗଲା । କିନ୍ତୁ ଯେଉଁ ଗୃହରେ ପତ୍ନୀ ପତି କଳହ ପ୍ରିୟ ସେହି ଗୃହରୁ କନ୍ୟା ନେବ ବା କିଏ ? ପତି ପତ୍ନୀ ଦୁହେଁ ଦଉଡ଼ିକୁ ଛିଣ୍ଡାଇ ଲଢ଼ାଇ ଝଗଡ଼ାରେ ବୁଡ଼ି ରହିବା ଦ୍ୱାରା ନିଜ ବର୍ତ୍ତମାନ ଓ ଭବିଷ୍ୟତକୁ ନଷ୍ଟ କରିବା ସଙ୍ଗେ ସଙ୍ଗେ ନିଜ ସନ୍ତାନ ସନ୍ତତିଙ୍କୁ ନର୍କରେ ଫିଙ୍ଗିଦେଲେ । ତଥାପି ସେମାନଙ୍କର ଅହଂ ଭାବ ଓ ନିଜ ସୁଖର ଇଚ୍ଛା କମ ହେଲା ନାହିଁ । ଗୋଟିଏ ସ୍ଥାନରେ ରହିଲେ କିଛି ମନୋମାଳିନ୍ୟ ହେବା ସ୍ୱାଭାବିକ । ତଥାପି ବାପା, ମାଆଙ୍କ କର୍ତ୍ତବ୍ୟ ଯେ ସେମାନେ ମନୋ ମାଳିନ୍ୟତାକୁ ନିଜ ଗୃହର ତଥା ସନ୍ତାନଙ୍କ ସାମନାରେ ପ୍ରଦର୍ଶନ କରିବା ଉଚିତ ନୁହେ । ସେମାନଙ୍କ ନିକଟରେ ପ୍ରସନ୍ନ ରହି ପ୍ରେମ ପୂର୍ବକ କଥା ଭାଷା କରିବା ଉଚିତ ।

ହାର୍ଦ୍ଦିକ ତଥା ନିଃସ୍ୱାର୍ଥ ପ୍ରେମ ଯେଉଁଠାରେ ଥିବ ସେଠାରେ ମନୋମାଳିନ୍ୟ କେବେ ସମ୍ଭବ ନୁହେଁ । ହୃଦୟର ପ୍ରେମ ତରଙ୍ଗରେ ସବୁ

ପ୍ରକାର ଅଭିଯୋଗ, ତ୍ରୁଟି, ଚଞ୍ଚଳତା କଥା, ଏପରି ଭାବେ ବହିଯାଏ ଯେପରି ଭୟଙ୍କର ବଢ଼ିରେ ବଡ଼ ବଡ଼ ବୃକ୍ଷ ବୋହିଯାଏ । ଜଣେ ଉର୍ଦ୍ଦୁ କବି ଠିକ୍ କହିଛନ୍ତି-

**ଉଳଫତମେଁ ବରାବର ହୈ ଜପା ହୋ କି ବଫା ହୋ ।**
**ହର ଚିଜ ମେଁ ଲଜ୍ଜିତ ହୈ ଅଗର ଦିଲ ମେଁ ମଜା ହୋ ।।**

ସେଥିପାଇଁ ହାର୍ଦ୍ଦିକ ପ୍ରେମକୁ ବଞ୍ଚାଇ ରଖ । ପ୍ରେମର ନିଆଁ ବାଉଁସ ନିଆ ଭଳି ଅଟେ ଯାହାକୁ ଫୁଙ୍କି ଫୁଙ୍କି ରଖାଯାଇ ପାରେ । ପ୍ରେମକୁ ବରାବର ଜଗି ରହ, କେଉଁଠାରେ ଅନାଦର, ଅରୁଚି ତଥା ସନ୍ଦେହର ପାଉଁଶ ଯେପରି ତାକୁ ନିଷ୍ପ୍ରଭ କରି ନଦିଏ । ପ୍ରେମ ସମ୍ବନ୍ଧରେ ଗୋଟିଏ ଆବଶ୍ୟକ କଥା ହେଉଛି ଯେ କେବେଳ ପତି-ପତ୍ନୀ ଙ୍କ ବିବାହର ଆରମ୍ଭରେ ଏହା ନହୋଇ ଯେତେ ଦିନ ବ୍ୟତୀତ ହେବ ସେତେ ନିଗୂଢ଼ ହେବା ଉଚିତ । ଏଥିପାଇଁ ପରସ୍ପର ମଧ୍ୟରେ ଆଦର, ମିଷ୍ଟାଳାପ ମାନସିକ ପ୍ରସନ୍ନତା, ଉଚିତ ସତ୍କାର ଆଦି ରହିବା ବାଞ୍ଛନୀୟ । ଏହା ସଙ୍ଗେ ସଙ୍ଗେ ଏପରି କିଛି କାର୍ଯ୍ୟ ନହେବା ଉଚିତ୍ ଯାହାଦ୍ୱାରା କାହାରି ମନରେ ସନ୍ଦେହ ଜାତ ହେବ ।

ବିବାହ ସଂସ୍କାରରେ ଏଥିପାଇଁ ପ୍ରତିଜ୍ଞା କରାଯାଇଛି ଯେ ଜଣେ ଅନ୍ୟର ଅଗୋଚରରେ କିଛି ଖରାପ କାର୍ଯ୍ୟ କରିବ ନାହିଁ । ଏକାକୀ ଖାଇବେ ନାହିଁ କିମ୍ବା ଏକାକୀ କେଉଁଠିକୁ ଯିବେ ନାହିଁ କିମ୍ବା ଏକଲା ରହିବେ ନାହିଁ ।

ସ୍ତ୍ରୀ ମାନଙ୍କ ପ୍ରତି ବେଦ ଶାସ୍ତ୍ର ଆତର ସହ ନିମ୍ନ ମନ୍ତ୍ର ଗାନ କରନ୍ତି ।

**ସାମ୍ରାଜ୍ଞୀ ଶ୍ୱଶୁରେ ଭବ ସମ୍ରାଜ୍ଞୀ ଶ୍ୱଶ୍ରବାଂ ଭବ । ନନାନ୍ଦରି ସମ୍ରାଜ୍ଞୀ ଭବ ସମ୍ରାଜ୍ଞୀ ଅଧି ଦେବଷୁ ।। ଋ- ୧୦-୮୫-୪୬**

ହେ ବଧୂ ! ଶଶୁରଙ୍କ ପାଖରେ ମହାରାଣୀ ହୁଅ, ମହାରାଣୀ ହୁଅ ଶାଶୁଙ୍କ ପାଖରେ, ମହାରାଣୀ ହୁଅ ନଣନ୍ଦ ଏବଂ ଦେବରଙ୍କ ନିକଟରେ ।

ବଧୂଙ୍କୁ ବେଦ କେତେ ବଡ଼ ସମ୍ମାନର ଅଧିକାରୀ କରିଅଛି । ଅନ୍ୟ କୌଣସି ଜାତିରେ ସ୍ତ୍ରୀଙ୍କୁ ଏତେ ମର୍ଯ୍ୟାଦା ଓ ଆଦର ଦିଆଯାଇ ନାହିଁ। ସମୟ ଥିଲା ଯେତେବେଳେ ୟୁରୋପ୍‌ରେ ସ୍ତ୍ରୀଙ୍କ ଭିତରେ ଆତ୍ମା ନାହିଁ ବୋଲି କୁହା ଯାଉଥିଲା ।

ବେଦ ଯେତେବେଳେ ସ୍ତ୍ରୀଙ୍କୁ ମହାରାଣୀ ବୋଲି ସମ୍ବୋଧନ କରିଛି ସେ ସ୍ଥଳରେ ଏହା ମଧ୍ୟ ଆଦେଶ ଦେଇଛି ଯେ-

**ସ୍ୟୋନା ଭବ ଶ୍ୱଶୁରେଭ୍ୟଃ ସ୍ୟୋନା ପତ୍ୟେ ଗୃହେଭ୍ୟଃ ।**

**ସ୍ୟୋନାସ୍ୟୈ ସର୍ବସ୍ୟୈ ସ୍ୟୋନା ପୁଷ୍ଟାୟୈଷାଂ ଭବ ॥ ଅଥର୍ବ ୧୪-୨-୨୭**

ଶାଶୁ-ଶ୍ୱଶୁରଙ୍କୁ ସୁଖ ଦେବା ଭଳି ହୁଅ, ପତିଙ୍କୁ ସୁଖ ଦେବା ଭଳି ହୁଅ । ଗୃହର ସମସ୍ତଙ୍କୁ ସୁଖ ଦେବା ଭଳି ହୁଅ । ସବୁ ଛୋଟ-ବଡ଼ଙ୍କୁ ସୁଖ ଦେଇ ସେମାନଙ୍କୁ ହୃଷ୍ଟ ପୁଷ୍ଟ କର ।

**ଆଶାସାନାସୌମନସଂ ପ୍ରଜାଂ ସୌଭାଗ୍ୟଂ ରୟୀମ ।**

**ପତ୍ୟୁରାନୁବ୍ରତା ଭୂତ୍ୱା ସଂ ନହ୍ୟସ୍ୱାମୃତାୟ କମ୍ । ଅ ୧୪-୧-୪୨ ॥**

ସନ୍ତାନ, ସୌଭାଗ୍ୟ ଏବଂ ଐଶ୍ୱର୍ଯ୍ୟର କାମନା କରି ଏବଂ ପତିଙ୍କ ଅନୁକୂଳ କାର୍ଯ୍ୟକରି ଅମର ଜୀବନ ପାଇଁ ସନ୍ନଦ୍ଧ ହୁଅ ।

ଚକୋର-ଚେକୋରୀ ଭଳି ପ୍ରେମବାନ ପତି ପତ୍ନୀ ହୁଅ । ଏଥିପାଇଁ ପ୍ରଭୁଙ୍କଠାରେ କେତେ ସୁନ୍ଦର ଯାଚନା କରାଯାଉଛି -

**ଇହେ ମାବିନ୍ଦ, ସଂନୁଦ ଚକ୍ରବାକେବ ଦମ୍ପତୀ ।**

**ପ୍ରଜ ୟୈନୌ ସ୍ୱସ୍ତକୌ ସ୍ୱଶ୍ୱମାୟୁର୍ଵ୍ୟ ସ୍ନୁ ତାମ୍ ॥**

ହେ ଶକ୍ତିଶାଳୀ ପରମେଶ୍ୱର । ଏହି ଦମ୍ପତିଙ୍କୁ ଚକୋର-ଚକୋରୀଙ୍କ ଭଳି ପ୍ରେମୀ ଦମ୍ପତି କରି ପ୍ରେରିତ କର । ସନ୍ତାନ ସନ୍ତତିଙ୍କ ସହ ଏହି ଦମ୍ପତି ଉତ୍ତମ ଗୃହରେ ରହି ପୂର୍ଣ୍ଣ ଆୟୁ ଭୋଗ କରନ୍ତୁ ।

**ଇ ହୈବ ସ୍ତଂ ମା ବି ଯୌଷ୍ଟଂ ବିଶ୍ୱମାୟୁର୍ବ୍ୟଶ୍ନୁତମ୍ ।**
**କ୍ରୀଡନ୍ତୌ ପୁତ୍ରୈର୍ନପ୍ତୃଭିର୍ମୋଦମାନୌ ସ୍ୱେ ଗୃହେ ॥ଋ ୧୦-୮୫-୪୨ ॥**

" ଏହିଠାରେ ହିଁ ରହ, ସର୍ବଦା ଏକାଠି ରହ, ଅଲଗା ଅଲଗା ହୁଅ ନାହିଁ । ନିଜ ଗୃହରେ ପୁଅ ନାତିଙ୍କ ସହ ଖେଳ ଆନନ୍ଦ ଉପଭୋଗ କରି ଦୀର୍ଘ ଜୀବନ ଯାପନ କର । "

ଏହାଥିଲା ଗୃହସ୍ଥୀକୁ ସୁଖ ତଥା ପ୍ରସନ୍ନତାର କେନ୍ଦ୍ର ତିଆରି କରିବାର ମୂଳ ମନ୍ତ୍ର ।

ପାଶ୍ଚାତ୍ୟ ଦେଶରେ ସ୍ତ୍ରୀମାନଙ୍କ ପାଇଁ ଏତେ ମାନ ମର୍ଯ୍ୟାଦା ନାହିଁ । ବର୍ତ୍ତମାନ ମଧ୍ୟ ସ୍ତ୍ରୀଙ୍କ ସମ୍ବନ୍ଧରେ ବଡ ହୀନ ବିଚାର ଧାରା ସେଠାରେ ପ୍ରଚଳିତ ଅଛି ।

ବିଲାତର ବିଖ୍ୟାତ ଲେଖିକା ମିସ ମାରଗରୀ ଲରେଂସ ନିଜ ଏକ ପୁସ୍ତକରେ ଲେଖିଛନ୍ତି ଯେ- " ସ୍ତ୍ରୀ ନିର୍ଜ୍ଜନତାକୁ ପସନ୍ଦ କରେ; କାରଣ ବାହାରକୁ ଗଲେ ତାକୁ ଅନେକ ସ୍ତ୍ରୀଙ୍କ ସହ ପ୍ରତି ଦ୍ୱନ୍ଦିତା କରିବାକୁ ପଡ଼େ । ସ୍ତ୍ରୀମାନେ ପରସ୍ପର ଜଣେ ଅନ୍ୟକୁ ଦେଖି ଇର୍ଷା କରନ୍ତି, ଜଳି ଯାଆନ୍ତି କେବଳ ଏତିକି ନୁହେଁ, ସ୍ତ୍ରୀମାନେ ଅନ୍ୟର ଗୁଣ ଓ ସ୍ୱଭାବକୁ ଚୋରି କରିବାରେ ବଡ଼ ନିପୁଣ ଅଟନ୍ତି । ଯଦି କୌଣସି ସ୍ତ୍ରୀକୁ ଅନ୍ୟ ସ୍ତ୍ରୀର ପତି ପସନ୍ଦ ଆସେ ତେବେ ସେ ତାକୁ ମଧ୍ୟ ଚୋରାଇ ନେବାରେ ସଂକୋଚ କରେ ନାହିଁ । " ସେ ଆହୁରି ଲେଖିଛନ୍ତି " ବହୁତ ପୁରୁଷ ଗୋଟିଏ ସ୍ଥାନରେ ରହିପାରନ୍ତି କିନ୍ତୁ ବହୁତ ସ୍ତ୍ରୀ ଗୋଟିଏ ସ୍ଥାନରେ ରହିପାରନ୍ତି ନାହିଁ । "

ମିସ୍ ଲରେଂସ ସ୍ତ୍ରୀମାନଙ୍କ ନଗ୍ନ ଚିତ୍ର ଚିତ୍ରଣ କରିଛନ୍ତି । କିନ୍ତୁ ମୋ ବିଗୃରରେ ସମଗ୍ର ଇଉରୋପ୍‌ର ସ୍ତ୍ରୀମାନେ କଦାପି ଏଠାରେ ଏହି ପରି ନୁହନ୍ତି । ଏହା ସଠିକ୍ ଯେ ଆଧୁନିକ ଯୁଗର ଶିକ୍ଷା ତଥା ଦୂଷିତ ବାତାବରଣ ସମସ୍ତଙ୍କୁ ନଷ୍ଟ କରି ଦେଉଛି । ଆମେରିକା ଏହି ଦୃଷ୍ଟି କୋଣରୁ ବଡ଼ ଦୁଃଖୀ ଅଟେ । ଏତେ ଧନ, ସଂପଦ, ବିଜ୍ଞାନ ଥିଲେ ମଧ୍ୟ ସେଠାରେ ଗୃହସ୍ଥ ଜୀବନରେ ସେହି ମାଧୁର୍ଯ୍ୟ, ସେହି ପ୍ରେମ ଓ ସେହି ସୁଖ ନାହିଁ ଯାହାକି ମଣିଷ ଗୃହେଁ । ଏହାର କାରଣ ପ୍ରକୃତ ନିଃସ୍ୱାର୍ଥ ପ୍ରେମର ଅଭାବ । ଆମେରିକାର ଗୋଟିଏ ସାପ୍ତାହିକ ପତ୍ରରେ ପତି ପତ୍ନୀଙ୍କ ସମ୍ବନ୍ଧରେ କେତୋଟି ଆଖି ଖୋଲା ପ୍ରଶ୍ନୋତ୍ତର ପ୍ରକାଶ ପାଇଥିଲା ।

**ପ୍ରଶ୍ନ-** ଆପଣଙ୍କ ଗୃହସ୍ଥ ଜୀବନ ସଫଳ ଅଟେ କି ? ଆପଣ ଉପଯୁକ୍ତ ସାଥି ବାଛଛନ୍ତି କି ଏବଂ ଭଲ ପତ୍ନୀ ପାଇଛନ୍ତି କି ?

**ଉତ୍ତର-** ନା, ମୋର ବିବାହକୁ କେବଳ ଅସଫଳ ବା ସର୍ବନାଶ କହି ପାରନ୍ତି । ଉଣେଇଶି ବର୍ଷ ତଳର ବିବାହ ଏକ ଦୁର୍ଘଟଣା । ତିନୋଟି ସନ୍ତାନ ଅଛନ୍ତି ପରନ୍ତୁ ମୁଁ ବର୍ତ୍ତମାନ ବୁଝିଛି ଯେ ମୁଁ ଗୋଟିଏ ଖରାପ ସାଥି ବାଛିଲି ଯେପରି କୌଣସି କିରାଡ଼ ଗୋଟିଏ ଉଲ୍ଲୁକକୁ ସାଥି କରେ ।

**ପ୍ରଶ୍ନ-** ଘରୋଇ ଖର୍ଚ୍ଚ ସମ୍ବନ୍ଧରେ ଦୁହିଁଙ୍କର କି ପ୍ରକାର ବୁଝାବଣା ଅଛି ?

**ଉତ୍ତର-** ହଁ, ଦୁହେଁ ଅଯଥା ଖର୍ଚ୍ଚକୁ ପସନ୍ଦ କରୁନା । ମୋର ଅତି ବ୍ୟୟିତାକୁ ମୋର ସ୍ୱାମୀ ଖରାପ କହନ୍ତି । ମୁଁ ମଧ୍ୟ ତାହାରି ଅତି ଖର୍ଚ୍ଚକୁ ନିନ୍ଦା କରେ ।

**ପ୍ରଶ୍ନ-** ଆପଣ କଣ ଶୀଘ୍ର ବିମୁଖ ହୋଇ ଯାଆନ୍ତି ?

**ଉତ୍ତର-** ନାରାଜ ହେବାକୁ ସେ ସମୟ ଦିଅନ୍ତି ନାହିଁ । ମୁଁ କହେ

ବର୍ତ୍ତମାନ ମୁଁ ବୟସ୍କ ହୋଇ ଗଲିଣି, ମୋର କଣ ଲମ୍ବା ଫ୍ରକ୍ ପିନ୍ଧିବା ଉଚିତ ନୁହେଁ ? ତେବେ ସେ କହନ୍ତି- ହଁ ।

**ପ୍ରଶ୍ନ-** ଆପଣ କଣ ପତିଙ୍କ ସହ ସର୍ବଦା କଳହ କରନ୍ତି ?

**ଉତ୍ତର-** ଝଗଡ଼ା ନକଲେ ତାଙ୍କୁ ମୋର ବ୍ୟର୍ଥ କଥାକୁ କିପରି ମନେଇବି ?

**ପ୍ରଶ୍ନ-** କଣ ଆପଣ ପତି ପତ୍ନୀ ଦୁହିଁଙ୍କର କିଛି ଉଦ୍ଦେଶ୍ୟ ଅଛି ?

**ଉତ୍ତର-** ହଁ, ନାହିଁ କାହିଁକି ? ଆମେ ଦୁହେଁ ବଡ଼ ଧନୀ ହେବାପାଇଁ ଚାହୁଁଥିଲୁ ପରନ୍ତୁ ତାହା ସମ୍ଭବ ହେଲା ନାହିଁ, ଯେହେତୁ ଆମେ ବିବାହ କଲୁ ।

**ପ୍ରଶ୍ନ-** ଆପଣଙ୍କ ସ୍ୱାମୀ ଏପରି କିଛି କାର୍ଯ୍ୟ କରନ୍ତି ଯେଉଁଥିରେ ଆପଣ ବ୍ୟସ୍ତ ହୋଇ ପଡ଼ନ୍ତି ?

**ଉତ୍ତର-** ସେ ବଡ଼ ମୂର୍ଖ ଭଳି ସ୍ନାନାଗାରରେ ସ୍ନାନ କରନ୍ତି । ଦର୍ପଣରେ ବାଷ୍ପ ଲାଗିଯାଏ । ଏସ୍ଟ୍ରେରେ ସିଗାରେଟ ଖାର ପକାଇବା ପାତ୍ରରେ ସେଓର ଗ୍ରେପା ପକାଇ ଦିଅନ୍ତି ।

**ପ୍ରଶ୍ନ-** ଛୋଟ ଛୋଟ କଥାରେ କଣ ଆପଣଙ୍କର ସ୍ୱାମୀ ରାଗି ଯାଆନ୍ତି ?

**ଉତ୍ତର-** ସ୍ନାନାଗାର ଅପରିଷ୍କାର ରହିଥିଲେ, ମୋଟର କାରର ଚାବି ନମିଳିଲେ, ଟେଲି ଫୋନ୍‌ର ହୁକ ତଳେ ପଡ଼ିଥିଲେ ମୋର ପତିଙ୍କ ରାଗ ବଢ଼ି ଯାଏ ।

**ପ୍ରଶ୍ନ-** ପତିଙ୍କ କାର୍ଯ୍ୟରେ ତୁମେ ସହାୟତା କର ?

**ଉତ୍ତର-** ହଁ, ମୁଁ ସର୍ବଦା ତାଙ୍କୁ ପ୍ରେରଣା ଦିଏ ଯେ ସେ ତାଙ୍କର ଦରମା ବଢ଼ାଇବାରେ ଯତ୍ନବାନ୍ ହୁଅନ୍ତୁ ।

**ପ୍ରଶ୍ନ-** ତୁମେ ଦୁହେଁ କଣ ବାର୍ତ୍ତାଳାପ କରିବାକୁ ପସନ୍ଦ କର ?

**ଉତ୍ତର-** ବାର୍ତ୍ତାଳାପ କୌଣସି କଠିଣ ସମସ୍ୟା ଉପରେ ହୁଏ ନାହିଁ ।

କେବଳ ସାଧାରଣ କଥା ଭାଷା ହୁଏ ।

**ପ୍ରଶ୍ନ-** କୌଣସି ପାର୍ଟି (ବିବାହ ଉତ୍ସବ ଆଦି) ରେ ଉପସ୍ଥିତ ହେବାପାଇଁ ଯେପରି ବେଶଭୂଷା ହୋଇ ଯାଅ, ସେପରି ସ୍ୱାମୀଙ୍କୁ ସନ୍ତୋଷ କରିବାପାଇଁ କେବେ ଏହିପରି କର କି ?

**ଉତ୍ତର-** ଏହିପରି ବାଜେ ପ୍ରଶ୍ନର ଉତ୍ତର ଦିଆଯାଇ ପାରିବ ନାହିଁ। ଏହା ଏପରି ରହସ୍ୟ ଅଟେ ଯାହା ସ୍ତ୍ରୀମାନେ କେବଳ ଜାଣନ୍ତି ।

**ପ୍ରଶ୍ନ-** ଯେତେବେଳେ କିଛି ଖରାପ ହୁଏ ତେବେ ଜଣେ ଅନ୍ୟକୁ ତିରଷ୍କାର କରି ପରାମର୍ଶ ଦିଅ କି ?

**ଉତ୍ତର-** ସର୍ବଦା ନୁହେଁ । କେତେବେଳେ ପିଲା ଛୁଆଙ୍କୁ କେବେ ପଡୋଶିଙ୍କୁ, କେତେବେଳେ ସରକାରଙ୍କୁ ଗାଳି ଦିଅନ୍ତି କିନ୍ତୁ ନିଜ ଭୁଲ୍ କେବେ ମାନନ୍ତି ନାହିଁ।

ଏହି ପ୍ରଶ୍ନୋତ୍ତର ପାଠ କଲେ ପ୍ରେମର ଅଭାବରୁ ଗୃହସ୍ଥ ଜୀବନ କିପରି ଦୁଃଖ ଦାୟକ ତାହା ଜଣାପଡ଼େ । ପତି ପତ୍ନୀଙ୍କ ଭେଦଭାବ ସେତେବେଳେ ଦୂର ହୁଏ ଯେତେବେଳେ ଦୁହେଁଙ୍କ ହୃଦୟରେ ପ୍ରେମ ରହେ । ବିଲାତର ରାଣୀ ଭିକ୍ଟୋରିଆଙ୍କ ଜୀବନର ଏକ ଘଟଣା ଯଥାର୍ଥ ପଥ ପ୍ରଦର୍ଶନ କରେ । କୌଣସି ଘରୋଇ ସମସ୍ୟାର ବିଗ୍ରୁର କରି ଭିକ୍ଟୋରିଆ କିଛି ଏପରି କହି ପକାଇଲେ ଯେଉଁଥିରେ ମହାରାଣୀଙ୍କ ଗର୍ବ ଅନୁଭୂତ ହେଲା । ପ୍ରିନ୍ସଏଲବର୍ଟ ଏହା ସହ୍ୟ ନକରି ପାରି ଶୀଘ୍ର ସେଠାକୁ ଯାଇ ତାଙ୍କ କୋଠରୀ ଭିତରେ କବାଟ ବନ୍ଦ କରି ରହିଲେ । ଅଳ୍ପ ସମୟରେ ଭିକ୍ଟୋରିଆ କବାଟରେ ଆବାଜ ଦେଲେ । ଭିତରୁ ପ୍ରଶ୍ନ ହେଲା " ଦ୍ୱାରଦେଶରେ କିଏ " ' ମୁଁ ମହାରାଣୀ, ଦ୍ୱାର ଶୀଘ୍ର ଖୋଲ ' । ପରନ୍ତୁ ଦ୍ୱାର ଖୋଲିଲା ନାହିଁ। ରାଣୀ ଭିକ୍ଟୋରିଆ କିଛି ସମୟ ବିଗ୍ରୁର କରିବାକୁ ଲାଗିଲେ । ତାଙ୍କୁ ଅନୁଭବ ହେଲା ଯେ ପ୍ରିନ୍ସଙ୍କ

ରାଗ ଅଳ୍ପ ସମୟରେ ଉପଶମ ହୋଇଯିବ । କିଛି ସମୟ ପରେ ରାଣୀ ଭିକ୍‌ଟୋରିଆ ପୁଣି କବାଟରେ ଆଘାତ କଲେ । " କିଏ ତୁମେ " ପ୍ରିନ୍‌ସଙ୍କ ପ୍ରଶ୍ନହେଲା । ପ୍ରେମ ପୂର୍ବକ କୋମଳ ସ୍ୱରରେ ଭିକ୍‌ଟୋରିଯ୍ଆ ଉତ୍ତର ଦେଲେ " ମୁଁ ତୁମର ପ୍ରିୟ ପତ୍ନୀ । " କବାଟ ଖୋଲିଗଲା, ରାଗ ଧୀରେ ଧୀରେ ଉପଶମ ହେଉଥାଏ ।

ସୁଖୀ ଗୃହସ୍ଥି ଜୀବନ ପାଇଁ ପତି-ପତ୍ନୀ, ପୁତ୍ର କନ୍ୟା ତଥା ପରିବାରର ସମସ୍ତ ସଦସ୍ୟଙ୍କ ମଧ୍ୟରେ ପ୍ରେମ ଆବଶ୍ୟକ । ପରନ୍ତୁ ଗୃହିଣୀ ଶବ୍ଦ ପତ୍ନୀ କୁ କେବଳ ବୁଝାଏ. । ଏଣୁ ପତ୍ନୀଙ୍କ ଦାୟିତ୍ୱ ସବୁଠାରୁ ଅଧିକ । କବି କାଳିଦାସ ' **ରଘୁବଂଶ** ' ରେ ପତ୍ନୀଙ୍କୁ ଗୃହଣୀ, ସଖୀ, ମିତ୍ର, ପ୍ରିୟା, ସଚିବ ଏବଂ ଲଳିତା ବୋଲି କହିଛନ୍ତି ।

ଡିଜରାଇଲ, ଯେକି ଗରିବ ଘରେ ଜନ୍ମ ଗ୍ରହଣ କରିଥିଲେ ସେ ଉନ୍ନତି କରି ଇଙ୍ଗ୍‌ଲଣ୍ଡର ପ୍ରଧାନମନ୍ତ୍ରୀ ହେଲେ, ତାଙ୍କର ଅନୁଭବ ଏହା ଯେ ସଫଳ ପାରିବାରିକ ଜୀବନର ଏକମାତ୍ର ରହସ୍ୟ ହେଉଛି ପତ୍ନୀଙ୍କୁ ସନ୍ତୋଷ କରିବାପାଇଁ ଯଥାସମ୍ଭବ ଚେଷ୍ଟା କରିବା । ଯଦି ପତ୍ନୀଙ୍କୁ ସ୍ନେହ ଓ ଆନନ୍ଦ ମିଳେ ତେବେ ତାହାକୁ ସେ ସମସ୍ତଙ୍କ ମଧ୍ୟରେ ବିତରଣ କରିଦିଏ ।

ରୁଷ୍‌ର ଦାର୍ଶନିକ ଟଲଷ୍ଟଇଲଙ୍କ ଗୃହସ୍ଥି ଜୀବନ ବଡ଼ ଦୁଃଖ-ଦାୟକ ଥିଲା । ଦିନେ ବୈଜ୍ଞାନିକ ଗୋର୍ଜିଙ୍କ ସହ ବାର୍ତ୍ତାଳାପ କରୁ କରୁ ନିଜ ବେଦନା ପ୍ରକାଶ କରି କହିଥିଲେ ଯେ ' ଭୂମିକମ୍ପ ଭଳି ବିପଦରୁ ମଣିଷ ରକ୍ଷା ପାଇ ପାରେ, ମହାମାରୀ ଭଳି ଭୟଙ୍କର ବ୍ୟାଧିରୁ ବଂଚି ଯାଇପାରେ, ଆତ୍ମ ପୀଡ଼ାରୁ ତ୍ରାଣ ମିଳିପାରେ ପରନ୍ତୁ ପତ୍ନୀଙ୍କ ଅତ୍ୟାଚାରରୁ ପତିର ରକ୍ଷା ତ୍ରିକାଳରେ ମଧ୍ୟ ସମ୍ଭବ ନୁହେ । '

ଏବଂ ଆମେରିକାର ରାଷ୍ଟ୍ରପତି ଲିଙ୍କନ୍‌ଙ୍କ ଦୁଃଖ କଥା କହି

ହେବ ନାହିଁ । ଏହାଙ୍କ ଗୋଟିଏ ପତ୍ର ଚିକାଗୋ "ହିଷ୍ଟୋରିକାଲ୍ ସୋସାଇଟି" ରେ ସୁରକ୍ଷିତ ଅଛି । ଯେଉଁଥିରେ ଲେଖାଅଛି–

" ମୁଁ ଚିନ୍ତା କରୁଛି ଯେ ସଂସାରର ସମସ୍ତ ପ୍ରାଣୀମାନଙ୍କ ମଧ୍ୟରେ ମୁଁ କେବଳ ଏକମାତ୍ର ଦୁଃଖି ପ୍ରାଣୀ ଅଟେ । ଯଦି ମୋର ହୃଦୟର ବେଦନା ସଂସାରର ସମସ୍ତ ପ୍ରାଣୀମାନଙ୍କ ମଧ୍ୟରେ ବାଣ୍ଟିଦିଆଯାଏ ତେବେ ଏହି ପୃଥିବୀର ଗୋଟିଏ ମଧ୍ୟ ଜୀବ ପ୍ରସନ୍ନ ଥିବା ଦେଖାଯିବ ନାହିଁ । ମୁଁ ଯେଉଁ ରୂପେ ଅଛି ଏହି ପ୍ରକାର ବଞ୍ଚିବା ମୋ ପକ୍ଷେ ଅସମ୍ଭବ ଅଟେ । ଲିଙ୍କନ୍ଙ୍କ ଜୀବନୀ ଲେଖକ ମି: ଜିମୀ ମାଇଲ୍ସ ଲେଖିଛନ୍ତି ଯେ ଥରେ ଶ୍ରୀମତୀ ଲିଂକନ୍ ନିଜ ପତିଙ୍କ ଉପରେ ଗରମ ଗୁଡ଼ ପ୍ୟାଲାକୁ ଅତିଥିଙ୍କ ସମ୍ମୁରେ ଫିଙ୍ଗି ଦେଇଥିଲେ ସନ୍ଥ ସୁକରାତଙ୍କ ପତ୍ନୀ ମଧ୍ୟ ଅଇଁଠା ବାସନ ପତିଙ୍କ ମଥାରେ ପକାଇ ଦେଇଥିଲେ ଏବଂ ସୁକରାତଙ୍କ ସହନ ଶୀଳତା ତଥା ସ୍ନେହ ତାଙ୍କ ପତ୍ନୀଙ୍କ ପରିବର୍ତ୍ତନ ଆଣିଥିଲା । ମହାତ୍ମା ଗାନ୍ଧି ମଧ୍ୟ ନିଜ ପତ୍ନୀ କସ୍ତୁରିବାଇଙ୍କ ସମ୍ବନ୍ଧରେ ଲେଖିଛନ୍ତି ଯେ–

" ମୋର ପ୍ରଥମ ଅନୁଭୂତି ଅନୁସାରେ– " ବା " ବଡ଼ ଗରମ ସ୍ୱଭାବର ଥିଲେ ଯେଉଁଥି ପାଇଁ ଆମ୍ଭ ଦୁହିଁଙ୍କ ଭିତରେ କିଛି ସମୟ ପାଇଁ, କେବେ କେବେ ଅଧିକ ଦିନ ପାଇଁ ମନୋମାଳିନ୍ୟ ରହୁଥିଲା । ପରନ୍ତୁ ଯେତେବେଳେ ମୋର ସାର୍ବଜନିକ ଜୀବନ ଉଜ୍ଜ୍ୱଳ ହେବାକୁ ଲାଗିଲା, ସେତେବେଳେ ତାଙ୍କ ବ୍ୟକ୍ତିତ୍ୱର ପରିବର୍ତ୍ତନ ମଧ୍ୟ ହେଲା ଏବଂ ସେ ପରିପକ୍ୱ ସଂକଳ୍ପ ତଥା ବିଶ୍ୱର ସହ ମୋର କାର୍ଯ୍ୟରେ ସହଯୋଗୀ ହେଲେ । "

ସ୍ତ୍ରୀ ହେଉ କିମ୍ବା ପୁରୁଷ ହେଉ, ଦୁହେଁ ଦେବତା ନୁହନ୍ତି କିମ୍ବା ଅସୁର ନୁହନ୍ତି । ଭଲ ଓ ମନ୍ଦ ଦୁଇଟି ରୂପରେ ଦେଖା ଯାଆନ୍ତି । କାହିରିକୁ କଡ଼ା ଅନୁଭବ ହୁଏ ଏବଂ କାହାକୁ ମିଠା ଅନୁଭବ ହୁଏ । ଗୋଟିଏ

ମିଠା ଅନୁଭବ ଶୁଣନ୍ତୁ । ଚଉରାଳିସ ବର୍ଷ ଗୃହସ୍ଥାଶ୍ରମର ସୁଖ, ପ୍ରସନ୍ନତା, ସଫଳତା ଓ ସ୍ନେହ ଭାବ ଛାଡ଼ି ଘର ତ୍ୟାଗ କଲି । ଛଅ ପୁଅ, ଦୁଇ କନ୍ୟା ଅନେକ ନାତି ପଣନାତିଙ୍କ ମଧ୍ୟରେ ଖେଳୁଥିଲି । ସମସ୍ତ ବୈଭବ ଥିଲା । ଏକ ଲମ୍ବା ସୁଖ ଗୃହସ୍ଥ ଜୀବନ ପରେ ଏହି ବ୍ୟକ୍ତି ଯେତେବେଳେ ଦୀକ୍ଷା ନେଇ ସନ୍ନ୍ୟାସୀ ହେଲା ତପୋବନରେ ଥିବା ଦୁଇ ସ୍ତ୍ରୀ ପୁରୁଷ ଏହି ସନ୍ନ୍ୟାସୀକୁ ପ୍ରଶ୍ନକଲେ ଆପଣ ଏତେ ବଡ଼ ତ୍ୟାଗ କିପରି କଲେ ? ମୁଁ ଉତ୍ତର ଦେଲି ପତ୍ନୀଙ୍କ ଅଗାଧ ତଥା ନିଃସ୍ୱାର୍ଥ ସ୍ନେହ ମୋତେ ଏହି ପଥରେ ଅଗ୍ରସର କଲା । ମୋର ଏହି ଇଚ୍ଛାକୁ ପୂରା କରିବାରେ ତାହାଙ୍କୁ ଆନନ୍ଦ ଅନୁଭବ ହେଉଥିଲା ।

ମୁ ଯେତେବେଳେ କହୁଥିଲି ଯେ ଶେଷରେ ମୋତେ ସନ୍ନ୍ୟାସୀ ହେବାକୁ ପଡ଼ିବ, ସେ କହୁଥିଲେ ଯେ କୌଣସି ପତ୍ନୀ ପତି- ବିୟୋଗକୁ ସହ୍ୟ କରିବାକୁ ଚାହେଁନା । ପରନ୍ତୁ ଏହି କଠିଣ କାର୍ଯ୍ୟରେ ମୁଁ ସହାୟତା ହେବି । ଗାର୍ହସ୍ଥ୍ୟ ଜୀବନରେ ରହି ସନ୍ନ୍ୟାସୀ ରୂପେ ତୟାର ହେବା ପାଇଁ ଯେଉଁ କୋଡ଼ିଏ ବର୍ଷ କଟିଲା, ଏହି ଦେବୀ ସେହି ଦିନ ଗୁଡ଼ିକରେ କେବଳ ସହଯୋଗୀ ନୁହେଁ ପରନ୍ତୁ ପ୍ରେରଣା ଏବଂ ଉତ୍ସାହ ମଧ୍ୟ ଦେଇଛନ୍ତି, ତଥାପି ପ୍ରେମ ଓ ଶ୍ରଦ୍ଧାରେ କେବେ କମ ନାହିଁ । ପ୍ରେମ ଏକ ଦିବ୍ୟ ଏବଂ ଆତ୍ମିକ ରତ୍ନ ଅଟେ । ଏହାକୁ କାମବାସନା ଏବଂ ସ୍ୱାର୍ଥ ସିଦ୍ଧିରେ ପ୍ରୟୋଗ କରି କାହିଁକି ଦୂଷିତ କରାଯିବ ଏବଂ ଗୃହସ୍ଥ ଜୀବନକୁ କାହିଁକି ଦୁଃଖସାଗର କୁହାଯିବ ?

ହାର୍ଦ୍ଦିକ ପ୍ରେମ ମନ୍ଦ ରୂପେ ସେତେବେଳେ ଆଘାତ ପାଏ ଯେତେବେଳେ କୌଣସି ପ୍ରକାର ସନ୍ଦେହ ଆସି ମନ ଭିତରେ ବସା ବାନ୍ଧେ । କେବେ କେବେ ନିରର୍ଥକ ସନ୍ଦେହ ମଧ୍ୟ କଷ୍ଟ ଦିଏ । ଏକ ପାଶ୍ଚାତ୍ୟ ଦେଶର ଘଟଣା ଶୁଣାଯାଏ ଯେ କୌଣସି ଏକ ବିବାହିତ ଯୁବକ ଅଫିସରୁ ଘରକୁ

ଫେରୁ ଥାଏ । ରାସ୍ତା କଡ଼ରେ କବାଡ଼ି ଦୋକାନ ଗୋଟିଏ ଥାଏ । ସେଠାରେ ଗୋଟିଏ ଦର୍ପଣ ପଡ଼ିଥାଏ । ଦର୍ପଣ ଉଠାଇ ଦେଖେ ତ ନିଜ ରୂପକୁ ଦେଖି ବିଗୁରେ- ' ଏତ ମୋର ପିତାଙ୍କ ଫଟୋ ଅଟେ । ' ଦର୍ପଣର ମୂଲ୍ୟ ଦେଇ କିଣେ । ଘରେ ପହଞ୍ଚି ନିଜ ଟ୍ରଙ୍କ୍ ଭିତରେ ରଖେ । ଅଫିସ୍ ଯିବା ପୂର୍ବରୁ ସେହି ଦର୍ପଣଟିକୁ ପୁଣି ରଖିଦିଏ । ପ୍ରତିଦିନ ଏହିପରି କରେ । ଦିନେ ତାର ପତ୍ନୀଙ୍କ ମନରେ ସନ୍ଦେହ ଜାତ ହେଲା ଯେ ପତି କାହାରି ଫଟୋକୁ ପ୍ରତିଦିନ ଦେଖି ହସୁଛନ୍ତି । ଏହା ବିଗୁରି ମନ ଦୁଃଖରେ ବସିବା ସମୟରେ ଜଣେ ଯୁବତୀ ଲୋକ ଆସି ପଗ୍ରେ ' ଭଉଣୀ- କି ଭାବନାରେ ମଗ୍ନ ଅଛୁ ? " ସେ ଉତ୍ତର ଦିଏ " ପ୍ରତିଦିନ ତୁମର ଭାଇ ଅଫିସ ଯିବା ପୂର୍ବରୁ ଟ୍ରଙ୍କ୍‌ରୁ କାହାର ଫଟୋ ବାହାର କରି ଦେଖି ପୁଣି ରଖି ଦିଅନ୍ତି । " ଯୁବତୀ କହିବାକୁ ଲାଗିଲେ- ' ଭଉଣୀ, ଦୁନିଆଁ ବହୁତ ଖରାପ ହୋଇ ଗଲାଣି । ଭଲ ଭାବେ ଦେଖ, କୌଣସି ଠାରେ କିଛି ମନ୍ଦ କଥା ଘଟି ନାହିଁତ ? ଏହା ଶୁଣି ସ୍ତ୍ରୀ ଜଣକ ଉଠିଟ୍ରଙ୍କ ଖୋଲି ଦର୍ପଣ କାଢି ଦର୍ପଣରେ ନିଜ ପ୍ରତିବିମ୍ବ ଦେଖି ଚିତ୍କାର କରିବାକୁ ଲାଗିଲେ ଏଇ ଦେଖ ତୁମ ଭାଇଙ୍କ କୃତିତ୍ୱ ପ୍ରତିଦିନ ଗିରିଜା (ଚର୍ଚ୍ଚ) କୁ ଯାଉଥାଆନ୍ତି ଏବଂ ଏଇ ଦେଖ କୌଣସି ଗାର୍ଲ୍‌ଫ୍ରେଣ୍ଡଙ୍କ ଫଟୋ ପ୍ରତିଦିନ ଦେଖୁଛନ୍ତି । ଆଜି ଘରକୁ ଫେରନ୍ତୁ, ଏହି ବିରାଡ଼ି ବୈଷ୍ଣବଙ୍କ ଖବର ବୁଝୁଛି ।

ସନ୍ଧ୍ୟାରେ ସ୍ୱାମୀ ଘରକୁ ହସ ହସ ମୁହଁରେ ଫେରି ଦେଖନ୍ତି ତ ରୁଦ୍ର ରୂପୀ ସ୍ତ୍ରୀ ବସିଛନ୍ତି । ଘରେ ଗୋଡ ଦେଉ ଦେଉ ସ୍ତ୍ରୀ ଅଗ୍ନିବାଣ ପ୍ରୟୋଗ କରି ଆରମ୍ଭ କଲେ- ' କେଉଁ ସୁନ୍ଦରୀର ଫୋଟୋ ଟ୍ରଙ୍କ୍ ଭିତରେ ରଖାଯାଇଛି ? ମୁଁ କଣ ସୁନ୍ଦର ଦିଶୁ ନାହିଁ। ପ୍ରାୟ ମୁଁ ତ ଭଲ ଦେଖାଯାଉଛି । ତା ଉପରେ ମନ କିପରି ଲାଖିଯାଇଛି ? "

ପତି କହିଲେ- ' ତୋର ଆଜି କଣ ହୋଇଛି ? କି

ଫଟୋ ? ସେ ଟ୍ରଙ୍କ ଭିତରଥିବା ଫଟୋ ତ ମୋ ପିତାଙ୍କର । ”

ସ୍ତ୍ରୀ- “ ରହ ରହ କହି ଶୀଘ୍ର ଦର୍ପଣଟିକୁ ବାହାର କରି କହିବାକୁ ଲାଗିଲା— “ ଏଇ ତମର ପିତା ଅଟନ୍ତି ? ଇଏ ତମର କୌଣସି ଗାର୍ଲ୍‌ଫ୍ରେଣ୍ଡ୍ । ” ପତି ଦର୍ପଣଟି ନିଜ ହାତକୁ ନେଇ କହିଲେ- ‘ ଦେଖ ପାଗଳୀ, ଏହା ପିତାଙ୍କ ଫଟୋ ଅଟେ । ’ ଏହିପରି ଝଗଡ଼ା ପତି ପତ୍ନୀଙ୍କ ମଧ୍ୟରେ ଚାଲିଥିବା ବେଳେ ଗିରିଜାର ପାଦରି ଆସି ପହଞ୍ଚିଲେ । ତାଙ୍କୁ ଦେଖି ପତ୍ନୀ କହିବାକୁ ଲାଗିଲା ଆପଣ ଏହି ଶିକ୍ଷା ଦେଉଛନ୍ତି । ଘରେ ସ୍ତ୍ରୀ ଥାଉ ଥାଉ ? ଅନ୍ୟ ସହ ମିତ୍ରତା କରିବା । ଏଇ ଦେଖ ଏହି ସ୍ତ୍ରୀ ଫଟୋଟି ସେ ଟ୍ରଙ୍କ୍ ଭିତରେ ରଖା ଯାଇଥିଲା । ଆଜି ମୁଁ ଦେଖିଦେଲି । ’ ପାଦରି କହିଲେ- ଦେଖି କେଉଁ ସ୍ତ୍ରୀର ଫଟୋ ଅଛି । ’ ଦର୍ପଣରେ ପାଦରି ନିଜ ରୂପ ଦେଖି କହିଲେ, “ ଇଏତ ଆମ ଗିରଜାର ପାଦରି ଅଟନ୍ତି । ଏଇ ଫଟୋ ମୁଁ ନେଇ ଯାଉଛି । ’ ଦେଖନ୍ତୁ ସନ୍ଦେହ କେତେ ବିପଦ ହୋଇ ପାରେ ।

ପତି ପତ୍ନୀଙ୍କ ମନ ମଧ୍ୟରେ ଜଣକ ପ୍ରତି ଅନ୍ୟର ସନ୍ଦେହ ହେବା ଉଚିତ ନୁହେଁ । ଏହି ସନ୍ଦେହ ପ୍ରେମର ଭୟଙ୍କର ଶତ୍ରୁ ଅଟେ । ଜୀବନକୁ ଏହା ଶୁଷ୍କ କରିଦିଏ । ଗରିବ ଅବସ୍ଥା ଏବଂ ଧନ ଅର୍ଜନ କରିବା ଲାଳଷା । ଏହି ସନ୍ଦେହ ଉତ୍ପନ୍ନ କରିବାରେ ସହାୟକ ହୁଏ । ଏପରିକି ଅନେକ କ୍ଷେତ୍ରରେ ଏପ୍ରକାର ସନ୍ଦେହ ବାସ୍ତବିକ୍ ରୂପ ମଧ୍ୟ ନିଏ ।

ଜଣେ ବି.ଏ.ବି.ଟି. ସ୍ତ୍ରୀଙ୍କ ବିବାହ ଗୋଟିଏ ସାଧାରଣ ଯୁବକଙ୍କ ସହ ତାଙ୍କ ଇଚ୍ଛା ଓ ପସନ୍ଦାନୁସାରେ ସଂପନ୍ନ ହେଲା । ଯୁବକକୁ ଗୋଟିଏ କାରଖାନା ସ୍ଥାପନା ପାଇଁ ପତ୍ନୀ ନିଜ ପିତାଙ୍କ ଠାରୁ ଧନ ନେଇ ଦେଲା । କାରବାର ଧିରେ ଧିରେ ବଢ଼ିବାକୁ ଲାଗିଲା । ଅଫିସ୍‌ରେ ଜଣେ ଟାଇପିଷ୍ଟ୍ ଆବଶ୍ୟକ ହେଲା । ଜଣେ ନିରାଶ୍ରିତା ଯୁବତୀକୁ ଏହି କାର୍ଯ୍ୟରେ ନିଯୁକ୍ତି

ଦିଆଗଲା । କିଛି ଦିନ ପରେ ପତ୍ନୀଙ୍କ ସନ୍ଦେହ ହେଲା ଯେ ସ୍ୱାମୀ ଟାଇପିଷ୍ଟ୍ ଯୁବତୀ ପ୍ରତି ଆକୃଷ୍ଟ ଅଟନ୍ତି । ଅଫିସ୍‌ରେ କାମ ଠାରୁ ବାର୍ତ୍ତାଳାପ ଅଧିକ ହେଉଛି । ଦିନେ ପତ୍ନୀ କହିଲେ ଯେ ଆଜିକାଲି ଆପଣ ବାହାରେ କାହିଁକି ଅଧିକ ସମୟ କଟାଉଛନ୍ତି ? ପତିଙ୍କୁ ପ୍ରଥମରୁ ଜଣାଥିଲା ଯେ ତାଙ୍କ ପତ୍ନୀ ଅଫିସ୍‌ରେ ଯେଉଁ ରୋମାନ୍‌ସ ହେଉଛି ତାର ସନ୍ଧାନ ପାଇଛନ୍ତି । ପତି କହିବାକୁ ଲାଗିଲେ ଯେ ସେ ଏକ ଗରିବ ଘରର ଝିଅ । ତାର ମନକୁ ଟିକିଏ ଭୁଲାଇ ଦେଉଛି । ତୁମର ସେଥିରେ କ୍ଷତି କଣ ? ଦଶରଥଙ୍କର ତ ତିନି ଜଣ ପତ୍ନୀ ଥିଲେ । ପତ୍ନୀ ନମ୍ରତା ପୂର୍ବକ କହିଲେ " ଏ ପ୍ରକାର କଥା ମୁଁ ସହନ କରି ପାରିବି ନାହିଁ । " ପତି କହିଲେ, ' କର ବା ନ କର, ଏପରି ହେଉଥିବ । '

ପତି ପତ୍ନୀଙ୍କ ମଧ୍ୟରେ ପ୍ରେମ ବଢିବା ବଦଳରେ ତିକ୍ତତା ବଢିବାକୁ ଲାଗିଲା । ଯେତେବେଳେ ପତ୍ନୀ ଦିନେ ପତିଙ୍କ କୁକର୍ମର ପ୍ରତିରୋଧ କଲେ ପତି ଉତ୍ତର ଦେଲେ " ଯଦି ତୁମର ଏହା ପସନ୍ଦ ନୁହେଁ ତେବେ ଘରୁ ବାହାରି ଯାଅ । " ଟାଇପିଷ୍ଟ୍ ଝିଅଟି ନିଜ ସ୍ୱାର୍ଥ ପାଇଁ ଗୋଟିଏ ଗୃହସ୍ଥିର ପ୍ରେମ ରୂପକ ନୌକାଟିକୁ ବୁଡାଇ ଦେଲା । ସେହି ଯୁବତୀଟି ବର୍ତ୍ତମାନ ବଡ଼ ଦୁଃଖୀ । ସେ ଯେତେବେଳେ ତାର ପିତାଙ୍କୁ ଏ ଦୁଃଖ କହିଲା, ପିତା ଉତ୍ତର ଦେଲେ, " ତୁ ନିଜେ ତ ସେହି ପୁଅକୁ ପସନ୍ଦ କରିଥିଲୁ ଏବଂ ମୋତେ ବାଧ୍ୟ କରିଥିଲୁ ଯେ ତୋର ବିବାହ ତାହାରି ସହ କେବଳ ହେବ । " " ଏପରି ମତୁଆଳ ଯୁବକଙ୍କ ଉପରେ କୌଣସି ଭରଷା ନାହିଁ ଯେହେତୁ କାହାକୁ ଦେଖିଲେ ମାତି ଯାଆନ୍ତି । " ଏ ପ୍ରକାର ଯୁବକଙ୍କର ହାର୍ଦ୍ଦିକ ପ୍ରେମ ରହେ ନାହିଁ । କେବଳ ମାତି ଥିବା ଯାଏଁ ଦୁନିଆଁ ତାଙ୍କର ହୋଇଥାଏ । ମାତି ସାରିଲେ ସମସ୍ତେ ପର ।

ଆହୁରି ଗୋଟିଏ ସତ୍ୟ ଘଟଣା ଶୁଣନ୍ତୁ । ବହୁତ ବଡ଼ ଧନୀ ପରିବାରର ଗୋଟିଏ ଯୁବକ ଯଦି ଧରି ବସିଲା ଯେ ସେ ଜଣେ ନିର୍ଦ୍ଦିଷ୍ଟ ଯୁବତୀକୁ ବିବାହ କରିବ ନତୁବା ଆତ୍ମହତ୍ୟା କରିବ । ମାତା ପିତା ଯୁବତୀର ପିତା ମାତାଙ୍କୁ କହି ବିବାହ ଠିକ୍ କଲେ । ବିବାହ ମଧ୍ୟ ହେଲା, କିଛି ଦିନ ବ୍ୟତୀତ ହେଲା । ଯୁବକର ରସିକତା ଯୁବତୀ ଉପରୁ ଭାଙ୍ଗିଗଲା । ଯୁବକ ନୁଆଁ ନୁଆଁ ଯୁବତୀ ଖୋଜି ବୁଲିଲା । ସ୍ତ୍ରୀ ଯେତେ କହିଲେ ପୁରୁଷ ମାନିଲା ନାହିଁ । ଦୁହିଁଙ୍କ ମଧ୍ୟରେ କଳହ ସୃଷ୍ଟି ହେଲା । ପୁରୁଷ କହିଲା ଛାଡ଼ ପତ୍ର ଦେଇ ଦେବି ଏହି ପ୍ରକାର ଘଟଣା ବହୁତ ଘଟୁଛି ଯାହାର ମୂଳରେ ବାସ୍ତବିକ ହାର୍ଦ୍ଦିକ ପ୍ରେମର ଅଭାବ ରହିଛି ।

ଏହି କ୍ଷେତ୍ରରେ ବାଳକ ଓ ବାଳିକା ଦୁହେଁ ଦୋଷୀ ଅଟନ୍ତି । ଅବଶ୍ୟ ଏପରି ଦୃଷ୍ଟାନ୍ତ କମ୍ ଅଟେ । ତଥାପି ଗୋଟିଏ ପୋଗ୍ଡ଼ ମାଛ ପୋଖରୀର ସମସ୍ତ ପାଣିକୁ ଦୁର୍ଗନ୍ଧ କରି ପକାଏ । ସୁଖୀ ଗୃହସ୍ଥ ଜୀବନ ପାଇଁ ଏହି ପ୍ରକାର ମନୋବୃତ୍ତିକୁ ତିରସ୍କାର କରିବା କଥା । ପ୍ରେମକୁ ଚିରନ୍ତନ କରି ରଖିବା ପାଇଁ ପତି ପତ୍ନୀ ଜଣେ ଅନ୍ୟକୁ ବୁଝିବା ପାଇଁ ଚେଷ୍ଟା କରିବା ଆବଶ୍ୟକ । ବର୍ତ୍ତମାନ ସେ ଦିନ ଚ୍ଛଲି ଯାଇଛି ଯେଉଁଦିନ ପତ୍ନୀକୁ ବେକର ଘଣ୍ଟି ବୁଝା ଯାଉଥିଲା । ଦୁନିଆ ପରିବର୍ତ୍ତନ ହୋଇଯାଉଛି । ସ୍ତ୍ରୀ ମଧ୍ୟ ବଦଳି ଯାଇଛି । ଅର୍ଥ ଉପାର୍ଜନ କରିବାରେ ବର୍ତ୍ତମାନ ସେ ଆଉ ପୁରୁଷର ପଛରେ ନାହିଁ । ଶିକ୍ଷା କ୍ଷେତ୍ରରେ ନାରୀ ଅଧିକ ଅଗ୍ରସର ହୋଇଯାଇଛି । ପାଶ୍ଚାତ୍ୟ (ପବନ) ବାତାବରଣ ନାରୀକୁ ଆତ୍ମ ସମ୍ମାନ ବିଷୟରେ ଜାଗ୍ରତ କରି ଦେଇଛି । ଏଣୁ ପୁରୁଷ ପରିବର୍ତ୍ତିତ ବାତାବରଣକୁ ଦେଖି ନାରୀର ହୃଦୟ ଭାବନାକୁ ତିରସ୍କାର କରିବା ଉଚିତ ନୁହେଁ । ତେବେ ଯାଇ ପ୍ରେମ ସ୍ଥାୟୀ ହୋଇପାରିବ । ଏହି ଅନୁରୂପରେ ନାରୀ ମଧ୍ୟ ପୁରୁଷ ହୃଦୟକୁ

ଅନୁସନ୍ଧାନ କରିବାକୁ ପଡ଼ିବ । ସାଧାରଣ କଥାରେ ପତି ପତ୍ନୀଙ୍କ ମଧ୍ୟରେ ସନ୍ଦେହ ଓ ଅବିଶ୍ୱାସ ହେବା ହାନିକାରକ ଅଟେ । ଆଜି ସମାଜର ଯେଉଁ ଅବସ୍ଥା ତଦନୁଯାୟୀ ସଦାଗ୍ରରର ପରି-ଭାଷା ବଦଳାଇବାକୁ ପଡ଼ିବ । ନତୁବା ପୁନଶ୍ଚ ସେହି ପୁରୁଣା ଢ଼ଙ୍ଗର ରୀତି ନୀତି ଆଣିବାକୁ ହେବ ଯାହା ଆଧୁନିକ ଯୁଗରେ ଅସମ୍ଭବ ଭଳି ଅନୁଭବ ହେଉଅଛି । ଜଣେ ଶିକ୍ଷିତ ଯୁବତୀ କହିଛନ୍ତି ଯେ ନାରୀକୁ କି ସ୍ୱତନ୍ତ୍ରତା ମିଳିଛି ? ସେତ ପ୍ରଥମରୁ ଆହୁରି ଅଧିକ ଦୁଃଖୀ ହୋଇଯାଇଛି । ପ୍ରଥମେ ପତି ଉପାର୍ଜନ କରି ଆଣୁଥିଲେ । ବର୍ତ୍ତମାନ ଏହି ଅବସ୍ଥା ହୋଇଛି ଯେ ନାରୀକୁ ଅଫିସ୍‌କୁ ଯିବାକୁ ପଡୁଛି, ଅଫିସ୍‌ରଙ୍କ ହୀନ ଭାବନାକୁ ଦେଖିବାକୁ ପଡୁଛି ଏବଂ ଘରର ସମସ୍ତ ବ୍ୟବସ୍ଥା ମଧ୍ୟ କରିବାକୁ ପଡୁଛି । ନାରୀର ' ମୁ ' ତ୍ୱକୁ କିଛି ସନ୍ତୋଷ ମିଳିଛି, ପରିବାରରେ ସମସ୍ତଙ୍କୁ ଧମକ ଦେଖାଇ ପାରେ ଏବଂ ପୁରୁଷକୁ ନାଲି ଆଖି ଦେଖାଇ ପାରେ ପରନ୍ତୁ ଏହାଦ୍ୱାରା ପରିବାରରେ ପ୍ରେମ ରହିପାରିବ ନାହିଁ । ପରିବାରରେ ଜଞ୍ଜାଳ ବଢ଼ିଯାଉଅଛି । ଆଧୁନିକ ଯୁଗର ନାରୀ ହୃଦୟକୁ ନିରୀକ୍ଷଣ କଲେ ଦେଖାଯିବ ଯେ ବିବାହ ସମ୍ବନ୍ଧରେ ନାରୀ ନିଜ ମନମୁତାବକ ସ୍ୱାମୀ ବାଛିବାରେ ଅଧିକ ଇଚ୍ଛାବତୀ । ଦ୍ୱିତୀୟତଃ ଏହା ଦେଖିବାକୁ ମିଳୁଛି ଯେ ସେ ଶୀଘ୍ର ମାଆ ହେବା ପସନ୍ଦ କରୁନାହିଁ । ତୃତୀୟ କଥା ହେଲା ସେ କାହାରି ହୁକୁମ ମାନି ରହିବାକୁ ଗ୍ରହୁଁ ନାହିଁ । ପୁରୁଷ ହୃଦୟକୁ ଖୋଜି ଦେଖିଲେ ଜଣାଯାଏ ଯେ ସେ ଏପରି ପତ୍ନୀ ଗ୍ରହୁଁଛି ଯେକି ତାହାରି ହୋଇ ରହିବ, ତାରି ଇଚ୍ଛାରେ ବା ନିର୍ଦ୍ଦେଶରେ ଚଳିବ । ସ୍ତ୍ରୀ ଆସିବା ବେଳେ ପ୍ରଚୁର ଧନ ଆଣିଲେ, ଏବଂ ପରିବାରକୁ ସଙ୍ଗଠନ କରିପାରିଲେ ଭଲ । ଯେତେବେଳେ ଏହି ଦୁଇ ପ୍ରକାର ହୃଦୟର ସମନ୍ୱୟ ହେବ ତେବେ ପ୍ରେମ ଅତୁଟ ରହିବ ।

**ପୁରୁଷକୁ ଏହି ତଥ୍ୟ ସର୍ବଦା ସମ୍ମୁଖରେ ରଖିବା ଉଚିତ**

ସୃଷ୍ଟି ଗୃହିଣୀ ଯୋଗୁ କେବଳ ସମ୍ଭବ ଅଟେ ଏବଂ ନାରୀ ଶସ୍ତ୍ରଠାରୁ ଆରମ୍ଭ କରି ଆଧୁନିକ କାଳ ପର୍ଯ୍ୟନ୍ତ ଆଦର ତଥା ସମ୍ମାନର ପାତ୍ରୀ ଅଟେ । ଏଣୁ ପତ୍ନୀର ଆନ୍ତରିକ ଭାବନାକୁ ଜାଣି ନିଜର ପ୍ରେମ ମାତ୍ରାକୁ ବଢାଇବା ଉଚିତ ଅଟେ ।।

**ଚତୁର୍ଥ ଉପାୟର " ମିତବ୍ୟୟିତା '—**

ଘରର ଉପାର୍ଜନକାରୀ ଯାହା ଅର୍ଜନ କରି ଆଣୁଅଛି ସେହି ଆୟ ଉପରେ ବ୍ୟୟ କଲେ ସୁଖ ବଢ଼େ । ଆୟ ଦେଖି ବ୍ୟୟ କର । ଖର୍ଚ୍ଚକୁ ମର୍ଯ୍ୟାଦାନୁସାରେ କରିବା ସ୍ତ୍ରୀର ଏକ ଗୁଣ ଅଟେ । ଅତି ଖର୍ଚ୍ଚୀ ହେବା ଉଚିତ ନୁହେ କିମ୍ବା ଅତି କଂଜୁସ ହେବା ଉଚିତ ନୁହେ । ଖାଇବା, ପିନ୍ଧିବା ଏବଂ ଅନ୍ୟାନ୍ୟ ଖର୍ଚ୍ଚ କରିବାରେ ନିଜର ଆୟ ପ୍ରତି ଧ୍ୟାନ ଦେବା ପରିବାରର ସମସ୍ତ ସଦସ୍ୟଙ୍କ କର୍ତ୍ତବ୍ୟ ଅଟେ । ଅର୍ଥ ଅନାଟନ ଯାହାସବୁ ପରିବାର ଭିତରେ ଦେଖାଯାଏ ତାହା କେବଳ ଖାଇବା,ପିନ୍ଧିବା ଓ ଅନ୍ୟାନ୍ୟ ବାହ୍ୟ ଖର୍ଚ୍ଚ ଯୋଗୁଁ ଘଟିଥାଏ ।। ଅନେକ ପରିବାରର ଗୋଟିଏ ଆପତ୍ତି କରିବା ଦେଖାଯାଉଛି ଯେ ଚେଷ୍ଟା କରି ମଧ୍ୟ ଏହିପରି ବସ୍ତ୍ର ବାଧ୍ୟ ହୋଇ କିଣୁଛନ୍ତି ଯାହାର ଆବଶ୍ୟକତା ନାହିଁ । ଯେଉଁ ବ୍ୟକ୍ତି ହଠାତ୍ ଧନୀ ହୋଇ ଯାଉଛି ତାହାର ଘରେ ବସ୍ତ୍ର ପାହାଡ଼ ଭଳି ଜମାହୋଇ ଯାଉଅଛି, ଫେସନ୍ ମାତ୍ରା ବହୁତ ବଢ଼ିଯାଉଛି ମୁଁ ଫେସନର ବିଶେଷ ବିରୋଧ କରୁନାହିଁ । ନିଜେ ନିଜକୁ ସଜାଇ ତଥା ସମ୍ଭାଳି ରଖିବା ଉଚିତ । ପୁରୁଣା ସମୟର ଗୋଟିଏ କଥା ଆଜିଯାଏଁ ପ୍ରଚଳନ ଅଛି ଯେ " ଖାଇଯେ ମନ-ଭାତା, ପହନୀଯେ ଜଗଭାତା ।। "

ସର୍କଲା ଭାଲ୍‌ଙ୍କ ଭଳି ରହିଲେ ଆଜିର ସମାଜରେ ସ୍ଥାନ ମିଳିବ ନାହିଁ ।। ଏଣୁ ନିରନ୍ତର ପରିବର୍ତ୍ତନ ହେଉଥିବା ଗୁଲି ଚଳନକୁ ନିଜ

ସମ୍ମୁଖରେ ରଖ । କିନ୍ତୁ ଏହା ମନେ ରଖ ଯେ ବସ୍ତ୍ର ଶରୀର ଆବୃତ୍ତ ପାଇଁ ପିନ୍ଧାଯାଏ, ଶରୀରକୁ ପ୍ରଦର୍ଶନ କରିବାପାଇଁ ପିନ୍ଧା ଯାଏନି । ଏହି ପ୍ରକାର ଫେସନ୍‌ର ଆବଶ୍ୟକତା କଣ; ଯାହା କାମ ବାସନାକୁ ଉଦ୍ଦୀପନା କରେ । ଫେସନ୍‌କୁ ମଧ୍ୟ ମର୍ଯ୍ୟାଦା ଭିତରେ ରଖ । ଆମର ଭୋଜନ ଶରୀରକୁ ସୁସ୍ଥ ରଖିବାପାଇଁ । ଜିହ୍ବାକୁ ସବୁ ପ୍ରକାର ସ୍ୱାଦୁ ଚଖାଅ ପରନ୍ତୁ ଭୋଗି ହୋଇ ଯାଅନା । ଶାଢ଼ି, ଲୁଗା ଓ କୋଟ୍ ଆଦି ଖରିଦି କର କିନ୍ତୁ ପକେଟ୍ ପଟେ ଦୃଷ୍ଟି ରଖ । ସ୍ତ୍ରୀମାନଙ୍କର ଗୋଟିଏ ଭୋଗ ହେଉଛି ଅନ୍ୟସ୍ତ୍ରୀଙ୍କ ବେଶଭୁଷା ତଥା ବସ୍ତ୍ର ଆଦି ଦେଖି ନିଜେ ସେହିଭଳି ବସ୍ତ୍ର ଓ ଭୂଷଣରେ ଭୂଷିତ ହେବା । ସ୍ୱାମୀଙ୍କର ଇଚ୍ଛା ଯେ ତାଙ୍କ ସ୍ତ୍ରୀଙ୍କ ଇଚ୍ଛାକୁ ପୂରଣ କରିବେ । କିନ୍ତୁ କିଛି ହୋଇ ନପାରିଲେ କଣ କରାଯିବ ? ଏହି ଅବସ୍ଥାରେ ବୁଝିବା ସ୍ତ୍ରୀ ତ ଚୁପ ହୋଇ ରହିବ କିନ୍ତୁ ' ଅବୁଝା ' (ମାଡ଼ଖିଆ) ସ୍ତ୍ରୀ ପରିବାରକୁ ଦୁଃଖ ଦେବ ।

ବର୍ତ୍ତମାନ ସ୍ୱାଦୁ କଥା ବିଗୃର୍ଯ୍ୟ । ସ୍ୱାଦୁ ପଦାର୍ଥ ଖାଇବା ଅର୍ଥ ଏହା ନୁହେ ଯାହା ଦାମିକା ଅଟେ । ମହାଭାରତରେ ଏହି ମର୍ମରେ ଗୋଟିଏ ସୁନ୍ଦର ପ୍ରସଙ୍ଗ ଅଛି ଯେ ସ୍ୱାଦୁ ଭୋଜନ କିଏ ଖାଏ । ଶ୍ଳୋକଟି ହେଉଛି–

**ସଂପନ୍ନତରମେବାନ୍ନଂ ଦରିଦ୍ରା ଭୁଞ୍ଜତେ ସଦା**

**କ୍ଷୁତ୍ସ୍ୱାଦୁତାଂ ଜନୟତି ସା ଗୃଢ୍ୟେଷ୍ ସୁଦୁର୍ଲଭା ॥**

ଦରିଦ୍ର ବ୍ୟକ୍ତି ସର୍ବଦା ସ୍ୱାଦୁ ଭୋଜନ କରେ ଯେ ହେତୁ କ୍ଷୁଧା ତାର ଭୋଜନକୁ ସ୍ୱାଦିଷ୍ଟ କରି ଦିଏ— ଯାହାକି ଧନିଙ୍କ ଭିତରେ ଦୁର୍ଲଭ ଅଟେ ।

ସାରା ଦିନ ପରିଶ୍ରମ କରି କ୍ଷୁଧା ବଢ଼ିଥାଏ ସେଥିଯୋଗୁଁ ସାଧାରଣ ଡାଲି ଭାତ ମଧ୍ୟ ଅଧିକ ସ୍ୱାଦୁ ଲାଗେ । ବଡ ଧନୀ ବ୍ୟକ୍ତି

କୌଣସି ପରିଶ୍ରମ କରେନାହିଁ । ଏଣୁ ଭୋଜନକୁ ସ୍ୱାଦୁ କରିବାକୁ ହେଲେ ଅଧିକ ଧନ ଖର୍ଚ୍ଚ କଲେ ହୁଏ ନାହିଁ, ବରଂ ପରିଶ୍ରମ କଲେ ହୁଏ ।

ଗୃହସ୍ଥି ପାଇଁ ମିତବ୍ୟୟୀ ହେବା ଏଇଥି ପାଇଁ ଆବଶ୍ୟକ ଯେ କେବଳ ନିଜ ପାଇଁ ନୁହେ, ନିଜ ସ୍ତ୍ରୀ ତଥା ସନ୍ତାନ ସନ୍ତତି ମାନଙ୍କ ପାଇଁ ବ୍ୟବସ୍ଥା କରିବା, ଦେଶ ତଥା ଜାତିର ଆବଶ୍ୟକତାକୁ ମଧ୍ୟ ଦୃଷ୍ଟିରେ ରଖିବା ଏବଂ ଆରମ୍ଭରୁ ଯେଉଁ ଦାନ ପ୍ରଥା ଚାଲି ଆସିଛି ତାକୁ ଦୃଷ୍ଟି ଆଗରେ ରଖିବା ଆବଶ୍ୟକ ।

ସମାଜରେ କୌଣସି ବ୍ୟକ୍ତି ଦୀନ ଦରିଦ୍ର ହୋଇ ନ ରହୁ, ଏଥିପାଇଁ ସେମାନଙ୍କୁ ସହାୟତା କରିବା ଏବଂ ଆବଶ୍ୟକ ସମୟରେ ବନ୍ଧୁ ଏବଂ ମିତ୍ରଙ୍କୁ ସାହାଯ୍ୟ କରିବା ଗୃହସ୍ଥ ଧର୍ମର ଏକ ଅଙ୍ଗ ଅଟେ ।

ଏହି ପ୍ରସଙ୍ଗରେ ବେଦର ଆଜ୍ଞା ହେଉଛି-

**ନ ବା ଉ ଦେବାଃ କ୍ଷୁଧମିଦ୍ ବଧଂ ଦଦୁରୁତାଶିତମୁପ ଗଚ୍ଛନ୍ତି ମୃତ୍ୟବଃ**
**ଉତୋ ରୟିଃ ପ୍ରଣତୋ ନୋପ ଦଶ୍ୟତ୍ୟୁତାପୃଣନ୍ ମର୍ଡିତାରଂ ନ ବିନ୍ଦତେ**
**॥ ଋ ୧୦-୧୧୭-୧ ॥**

" ଦେବତା ମାନେ ' କ୍ଷୁଧା ' କୁ ମୃତ୍ୟୁ କରି ନାହାନ୍ତି । ତୃପ୍ତିରେ ଭୋଜନ କରିବା ବ୍ୟକ୍ତିକୁ ମୃତ୍ୟୁ ମଧ୍ୟ ଧରିନିଏ । କରଜ ଦେବା ବ୍ୟକ୍ତିର ଧନ ସରି ଯାଏ ନାହିଁ । ଯେ ଦାନକୁ ବିମୁଖ ହୁଏ ତାହାର କେହି ସହାୟକ ହୁଅନ୍ତି ନାହିଁ । ଯେ ଅନ୍ୟର ସହାୟକ ହୁଏ ତାକୁ ପରମାତ୍ମା ଅଧିକ ଦିଅନ୍ତି । "

**ୟଂ ଅଧ୍ରାୟ ଚକମାନାୟ ପିତ୍ୱୋଅନ୍ନବାନ୍ସନ୍ନୁଫିତ ୟୋପଜଗ୍ମୁଷେ ସ୍ଥିରଂମନଃ କୃଣୁତେ ସେବତେ ପୁରୋତୋ ଚିତ୍ ମଡ଼ିତାରଂ ନ ବିନ୍ଦତେ ॥**

ଯେଉଁ ଅନ୍ନବାନ୍ ବ୍ୟକ୍ତି କ୍ଷୁଧାର୍ତ୍ତ, ଅନାଥ ଏବଂ ଦୁଃଖୀଙ୍କ ପାଇଁ ଦୃଢ଼ମନା ହୁଏ ସେ ନିଜ ପାଇଁ କେବେହେଲେ ସହାୟକ ପାଏ ନାହିଁ ।

**ପୃଣିୟାଦିନ୍ନାଧମାନାୟ ତବ୍ୟାଦ୍ରାଘିୟାଂ ସମାନୁପଶ୍ୟେତ ପନ୍ଥାମ୍ ଓ**

**ହୀବର୍ତ୍ତନ୍ତେ ରଥ୍ୟେବ ଚକ୍ରାନ୍ୟମନ୍ୟମୁପତିଷ୍ଠନ୍ତ ଭାୟେ ॥**

ଧନୀ ବ୍ୟକ୍ତି ଭିକ୍ଷୁକକୁ ଯଥାଶକ୍ତି ସାହାଯ୍ୟ କରିବା ଉଚିତ । ଦୂରଦୃଷ୍ଟି ସଂପନ୍ନ ହେବା ଉଚିତ ଯେହେତୁ ଧନ ରଥର ଚକ ଘୁରୁଅଛି । ଆଜି ଜଣକ ନିକଟରେ ଥିବା ଧନ କାଲି ଅନ୍ୟ ନିକଟକୁ ଚାଲି ଯାଉଅଛି । ଦୂର ଦୃଷ୍ଟି ସଂପନ୍ନ ହେବା ପାଇଁ କହିବା ଅର୍ଥ ହେଉଛି ସାବଧାନ ହୋଇ ନିଜ ଭବିଷ୍ୟତ ପ୍ରତି ଦୃଷ୍ଟି ରଖିବା, କାରଣ କିଏ ଜାଣେ ନିଜ ପାଇଁ ସହାୟକର କେବେ ଆବଶ୍ୟକ ପଡ଼ିପାରେ ।

**ମୋଘମନ୍ନଂ ବିନ୍ଦତେ ଅପ୍ରଚେତାଃ ସତ୍ୟଂ ବ୍ରବିମୀ ବଧ ଇତ୍ସତସ୍ୟ ।**

**ନାର୍ଯ୍ୟମଣଂ ପୁଷ୍ୟତୀ ନୋ ସଖାୟଂ କେବଳାଘୋ ଭବତି କେବଳାଦି ॥**

ଋ ୧୦-୧୧୭-୬ ॥

" ସେ ମୃତ ଅଟେ, ଯେ ଅନ୍ନର ବ୍ୟର୍ଥ ଲାଭକରେ । ମୁଁ କହୁଛି, ଏହା ତାର ନିଜର ନାଶର କାରଣ ଅଟେ- ଯେ ଧର୍ମ କାର୍ଯ୍ୟରେ ଧନକୁ ଲଗାଏ ନାହିଁ, ବା ମିତ୍ରକୁ ସହାୟତା କରେ ନାହି, ଏକାକୀ ଖାଇବା ବ୍ୟକ୍ତ ପାପି ଅଟେ " । କେତେ ଦୃଢ଼ ସ୍ୱରରେ ବେଦ ଆଦେଶ ଦେଇଅଛି- ଏକଲା ଖାଅ ନାହିଁ, ବାଣ୍ଟି କରି ଖାଅ । ଗୃହସ୍ଥି ମିତବ୍ୟୟି ହେଲେ ଅନ୍ୟକୁ ସହାୟତା କରିପାରିବ ।

ନିଜ ଆବଶ୍ୟକତାକୁ ବଢ଼ାଅ ନାହିଁ । ଆବଶ୍ୟକତା ଯେତେ କମ୍ ହେବ ଗୃହସ୍ଥ ଜୀବନ ସେତେ ସୁଖି ହେବ । ପ୍ରଥମେ ମୁସଲମାନ୍ ମାନଙ୍କ ମଧ୍ୟରେ ଏହା ପ୍ରଚଳନ ଥିଲା ଯେ ଆୟ ବଢ଼ୁ ବଢ଼ୁ ବିବାହ କରି

ନେଉ ଥିଲେ । ହିନ୍ଦୁମାନଙ୍କ ସମ୍ବନ୍ଧରେ ଏପରି ଦୃଷ୍ଟାନ୍ତ ନାହିଁ । ତେବେ ଏପରି ଅନାବଶ୍ୟକ ଖର୍ଚ୍ଚ କରେ ଯାହା ତାକୁ କିଛି ସୁଖଦିଏ । ପରନ୍ତୁ ଏହିପରି ବ୍ୟକ୍ତି ସମାଜ, ଜାତି ତଥା ଦେଶର କାମରେ ଆସନ୍ତି ନାହିଁ କିମ୍ବା ପରିବାରର ସୁଖ ମାତ୍ର ବଢାଇ ପାରନ୍ତି ନାହିଁ । କେବଳ ନିଜ ସ୍ୱାର୍ଥ ସାଧନରେ ରହନ୍ତି । ଗୃହସ୍ଥିର କର୍ତ୍ତବ୍ୟ ହେଉଛି ସ୍ୱାସ୍ଥ୍ୟ ଏବଂ ମର୍ଯ୍ୟାଦା ରଖି ନିଜ ଶକ୍ତି ଅନୁଯାୟୀ ଖର୍ଚ୍ଚ କରିବା । ଧନ ଅର୍ଜନ କରିବା ମନା ନାହିଁ କିନ୍ତୁ ଅସଦ୍ ଉପାୟରେ ଅର୍ଜିବା ଓ ଖର୍ଚ୍ଚ କରିବା ଅନୁଚିତ । ଧନ ବଢାଇବା ପାଇଁ ବେଦରେ କୁହାଯାଇଅଛି ଯେହେତୁ ଗୃହସ୍ଥ ଜୀବନରେ ଧନର ଆବଶ୍ୟକତା ଖୁବ୍ ବେଶୀ ଆଜିକାଲି ଯେଉଁ ସାଧୁଙ୍କର ଲକ୍ଷାଧିକ ଟଙ୍କାର ମଠ ଓ ଆଶ୍ରମ ଆଦି ରହଛି ତାହାଙ୍କୁ ହିଁ ବଡ ସାଧୁ ବୋଲି ଧରା ଯାଉଅଛି । ମାୟାର ଏ ଯେଉଁ ଯୁଗ ହେଲା ! ଗୃହସ୍ଥିକୁ ନିମ୍ନର ଦୁଇଟି ମନ୍ତ୍ର ମନେ ରଖିବା ଉଚିତ—

**ଯେନଧନେ ପ୍ରପଣଂ ତରାମି ଧନେନଦେବା ଧନମିଚ୍ଛମାନଃ ।**

**ତନ୍ମେ ଭୂୟୋ ଭବତୁ ମା କନୀୟୋଽଗ୍ନେ ସାତଘ୍ନୋଦେବାନ୍ ହବିଷା**

**ନିଷେଧ ॥ ଅଥର୍ବ. ୩-୧୫-୫ ॥**

ହେ ଦିବ୍ୟଶକ୍ତିମାନ୍ ! ମୁଁ ଧନର ବୃଦ୍ଧି ଗୃହୁଁଅଛି । ଯେଉଁ ଧନରେ ବ୍ୟବସାୟ କରୁଅଛି ସେହି ଧନର ବୃଦ୍ଧି ହେଉ । କେବେହେଲେ କମ୍ ନ ହେଉ । ହେ ପ୍ରକାଶ ସ୍ୱରୂପ ! ଲାଭନାଶକ ପ୍ରବୃତ୍ତିକୁ ନଷ୍ଟ କର ।

**ଯେନଧନେନ ପ୍ରପଣଂ ତରାମି ଧନେନ ଦେବାଧନମିଚ୍ଛମାନଃ**

**ତସ୍ମିନ୍ ମ ଇନ୍ଦ୍ରୋ ରଚିମାଦଧାତୁ ପ୍ରଜାପତିଃ ସବିତାଃସୋ ମୋ ଅଗ୍ନିଃ ॥**

ହେ ଦିବ୍ୟଶକ୍ତି ! ଧନ ଦ୍ୱାରା ଧନର ବୃଦ୍ଧି ଆଶାକରି ମୁଁ ଯେଉଁ ଧନରେ କାରବାର କରୁଅଛି ସେଥିପାଇଁ ଅଗ୍ରଗାମୀ ହୋଇ ସମସ୍ତଙ୍କୁ ପାଳନ କରିବା, ଅନ୍ୟର ଜୀବନକୁ ପ୍ରେରଣା ଦେବା, ସୌମ୍ୟଭାବ ଏବଂ

ଅଗ୍ନି ଭଳି ସର୍ବଦା ନିଜ କର୍ତ୍ତବ୍ୟ ସାଧନରେ ବ୍ରତୀ ହେବା ରୁଚି ମୋଠାରେ ରହୁ ।

ଏହି ମନ୍ତ୍ରରେ ଇନ୍ଦ୍ର, ପ୍ରଜାପତି, ସବିତା, ସୋମ ଏବଂ ଅଗ୍ନି ଶବ୍ଦ ଆସି ଅଛି । ଯେଉଁ ବ୍ୟକ୍ତି ଇନ୍ଦ୍ରଙ୍କ ପରି ଅଗ୍ରଗାମୀ, ନିଜ ପରିବାର ଏବଂ ବନ୍ଧୁଙ୍କୁ ପ୍ରଜାପତିଙ୍କ ପରି ପାଳନ କରିବାରେ, ସବିତାଙ୍କ ପରି ସମସ୍ତଙ୍କର ଆନନ୍ଦ ବଢ଼ାଇବାରେ, ନିରାଶା ରୂପକ କୂପ ମଧ୍ୟରେ ପତିତକୁ ଉଦ୍ଧାର କରି ପ୍ରେରଣା ଦେବାରେ, କେବେ କ୍ରୁଦ୍ଧ ନ ହୋଇ ଅଗ୍ନି ପରି ଗୁଣ ନିଜ ମଧ୍ୟରେ ରଖେ, ସେ ଧନ ଅର୍ଜନ କରିବାରେ ସଫଳ ହୁଏ । ଧନ ଅର୍ଜନ କରି ଉଚିତ ବ୍ୟୟ କରିବାରେ ଗୃହସ୍ଥିର ସୁଖ ବହୁତ ବଢ଼ିଯାଏ ।

## ପଞ୍ଚମ ଉପାୟ " ଆଧ୍ୟାତ୍ମିକ ବାତାବରଣ "—

ଗୃହସ୍ଥି ଜୀବନର ସୁଖ ପାଇଁ ପରିବାର ଭିତରେ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି କରିବା ଅନିବାର୍ଯ୍ୟ ଅଟେ । ଆଜିକାଲିର ବହୁତ ପରିବାର ମଧ୍ୟରେ ଏ ପ୍ରକାର ସ୍ଥିତି ନାହିଁ । ଶରୀରକୁ ଠିକ୍ ରୂପେ ସଜାଇବା, ମନକୁ ଭୁଲାଇବା, ରସନା ତୃପ୍ତି କରିବା ଆଦି ପ୍ରସଙ୍ଗ ଉପରେ ଗୁରୁତ୍ୱ ଦିଆଯାଉଅଛି କେତେବେଳେ ଖେଳ ଖବର, କେବେ ସିନେମା ନାୟକ ଓ ନାୟିକାଙ୍କ ଟିପାଟିପ୍‌ପଣି, କେବେ ଝିଅପିଲା ସାଥିରେ କଥା, କେବେ ରାଜନୀତିର ଚର୍ଚ୍ଚା, କେବେ କେବେ ଅନ୍ୟାନ୍ୟ ଚିନ୍ତାରେ ମୁଣ୍ଡ ଖରାପ କରା ଯାଉଅଛି । ଏହିପରି ପରିବାର ମଧ୍ୟରେ ସୁଖ, ଶାନ୍ତି କାହିଁ ?

ପ୍ରଥମରୁ ଯେଉଁ ପରିବାର ଭିତରେ ପ୍ରଭୁ ଭକ୍ତି, ଈଶ୍ୱର ବିଶ୍ୱାସ, ପରମାତ୍ମାଙ୍କ ପ୍ରତି ଶ୍ରଦ୍ଧା ଭାବନା ଆଦିର ବୀଜ ବୁଣାଯାଏ ସେହିଠାରେ ଆଧ୍ୟାତ୍ମିକତାର ସୁନ୍ଦର ବାତାବରଣ ଖେଳିଯାଏ ଏବଂ ପ୍ରେମ, ସୁଖ, ତଥା ସନ୍ତୋଷ ବିରାଜମାନ ହୁଏ । ଗୃହରେ ଏପରି ଗୋଟିଏ ସ୍ଥାନ ରହିବା ଆବଶ୍ୟକ

ଯେଉଁଠି ପହଞ୍ଚିଲେ ପ୍ରଭୁ ମନ୍ଦିରରେ ପହଞ୍ଚିଲା ପରି ମନେ ହେବ । ପ୍ରତ୍ୟେକ ବ୍ୟକ୍ତିର ହୃଦୟ ତ ପ୍ରଭୁ ମନ୍ଦିର ଅଟେ ପରନ୍ତୁ ବାହାର ସ୍ଥଳର ପ୍ରଭାବ ମଧ୍ୟ ହୃଦୟ ଉପରେ ପଡ଼େ । ଏହିପରି କୋଠରୀ, ପିଣ୍ଡା କିମ୍ବା କୌଣସି କୋଣରେ ସକଳ ପରିବାର ପତି ପତ୍ନୀ, ପୁତ୍ର, କନ୍ୟା ଆଦି ଦିନରେ ଥରେ ପୁରା ଶ୍ରଦ୍ଧା ଓ ଭକ୍ତିରେ ନିଶ୍ଚୟ ବସି ପ୍ରଭୁ-ଭକ୍ତିର ଗୋଟିଏ ପ୍ରାର୍ଥନା ଗାଇବା ଉଚିତ, ତାହା କିନ୍ତୁ ଦେଖେଇ ହେବା ଉଦ୍ଦେଶ୍ୟରେ ନୁହେଁ । ହବନ କରି ପାରିଲେ ଆହୁରି ଉତ୍ତମ । ଦେବ ଯଜ୍ଞ ଗୃହସ୍ଥୀର ମୁଖ୍ୟ କର୍ତ୍ତବ୍ୟ ଅଟେ । ଅର୍ଥ ସହ ସନ୍ଧ୍ୟା ମନ୍ତ୍ର ଉଚ୍ଚାରଣ କଲେ ମନ ଅଧିକ ଆନନ୍ଦ ଅନୁଭବ କରିବ । ପୁନଶ୍ଚ କୌଣସି ଧାର୍ମିକ ଗ୍ରନ୍ଥର କିଛି ପୃଷ୍ଠା ପଢ଼ିସାରି ଶେଷରେ ଏକ ଧ୍ୟାନରେ ନିଜ ମାତୃଭାଷାରେ ପ୍ରାର୍ଥନା କରିବା ବିଧେୟ । ଈଶ୍ୱର ସ୍ତୁତି ପ୍ରାର୍ଥନା ଏବଂ ଉପାସନା ମନ୍ତ୍ର ଗୁଡ଼ିକର ଅର୍ଥ ସହିତ ପାଠ କରିବା ଉଚିତ । ଗୃହର ପାଠ ପଢ଼ା ପିଲା ଏହି ଭଳି ବହି ଆନନ୍ଦ ମନରେ ଗାନ କଲେ ସେମାନଙ୍କ ମନରେ ପ୍ରଭୁ ଭକ୍ତିର ଭାବନା ଉଦ୍ରେକ ହେବ । ନିଜ ପୂର୍ବ ପୁରୁଷ ତଥା ଆଜି କାଲିର ଧାର୍ମିକ ତଥା ଦେଶ ହିତୈଷୀ ସେବକଙ୍କ ଜୀବନ ଚରିତ୍ର ପାଠ କରିବା ପାଇଁ ଦେଇ ବର୍ଷରେ ଥରେ ଦୁଇଥର ଧାର୍ମିକ ପରୀକ୍ଷା କରି ପୁରସ୍କାର ବ୍ୟବସ୍ଥା କଲେ ସେମାନଙ୍କର ଉତ୍ସାହ ବଢ଼ିବ ।

ପ୍ରଭୁଙ୍କ ପ୍ରାର୍ଥନା-ଉପାସନା ଗୃହସ୍ଥ ଜୀବନର ମାଧୁର୍ଯ୍ୟ ତଥା ସୁଖକୁ ବୃଦ୍ଧି କରେ । ମହର୍ଷି ଦୟାନନ୍ଦ ଉପାସନା ଓ ପ୍ରାର୍ଥନାର ଉପକାରିତା କଥା ଲେଖିଛନ୍ତି । ' **ସତ୍ୟାର୍ଥ-ପ୍ରକାଶ** ' ର ସପ୍ତମ ସମୁଲ୍ଲାସରେ ସ୍ୱାମିଜୀ ଲେଖିଛନ୍ତି—

" ଶୀତାତୁର ବ୍ୟକ୍ତି ଅଗ୍ନି ସମିପକୁ ଗଲେ ଯେପରି ଶୀତରୁ ନିବୃତ୍ତ ହୋଇଯାଏ, ସେହିପରି ପରମେଶ୍ୱରଙ୍କ ସାମିପ୍ୟଲାଭକଲେ ସକଳ

ଦୁଃଖ ଦୋଷ ଗୁଳିଯାଇ ପରମେଶ୍ୱରଙ୍କ ଗୁଣ, କର୍ମ, ସ୍ୱଭାବ ସଦୃଶ ଜୀବାତ୍ମାର ଗୁଣ, କର୍ମ, ସ୍ୱଭାବ ପବିତ୍ର ହୋଇଯାଏ ଏଥିପାଇଁ ପରମେଶ୍ୱରଙ୍କ ସ୍ତୁତି ଏବଂ ଉପାସନା କରିବା ଆବଶ୍ୟକ ଅଟେ । ଏହା ଫଳରେ ଆତ୍ମାବଳ ଏତେ ବଢ଼ିଯିବ ଯେ ପର୍ବତ ସଦୃଶ ଦୁଃଖ ପ୍ରାପ୍ତ ହେଲେ ମଧ୍ୟ ମନୁଷ୍ୟ ବିଚଳିତ ନ ହୋଇ ସବୁ ସହ୍ୟ କରିଯିବ । ଏହା କଣ ସାଧାରଣ କଥା ? ଯେ ପରମେଶ୍ୱରଙ୍କ ସ୍ତୁତି, ପ୍ରାର୍ଥନା ଓ ଉପାସନା କରେ ନାହିଁ ସେ ମହାମୂର୍ଖ କୃତଘ୍ନ ହୋଇଯାଏ, ଯେହେତୁ ଯେଉଁ ପରମାତ୍ମା ଜଗତରେ ଜୀବର ସୁଖ ପାଇଁ ଏତେ ପଦାର୍ଥ ଦେଇଛନ୍ତି ତାହାଙ୍କ ଗୁଣକୁ ଭୁଲିଯିବା ଅର୍ଥ ଈଶ୍ୱରଙ୍କୁ କେବଳ ଅବମାନନା କରିବା ନୁହ, କୃତଘ୍ନତା ଏବଂ ମୂର୍ଖତା ମଧ୍ୟ । "

ସଂସାରରେ ଏପରି କିଏ ଅଛି ଯାହାର ଦୁଃଖ କିମ୍ବା କଷ୍ଟର ସମୟ ଆସି ନାହିଁ ? ଈଶ୍ୱର ପ୍ରାର୍ଥନା ଏହି କଠିଣ ସମୟରେ ଧୈର୍ଯ୍ୟଚ୍ୟୁତ କରେ ନାହିଁ।

ମହାତ୍ମା ଗାନ୍ଧି ନିଜ ଜୀବନୀରେ ଲେଖିଛନ୍ତି ଯେ " ଈଶ୍ୱର ପ୍ରାର୍ଥନା ମୋତେ ରକ୍ଷା କରିଅଛି । ପ୍ରାର୍ଥନାର ଆଶ୍ରୟ ବିନା ମୁଁ କେବଠାରୁ ପାଗଳ ହୋଇଯାଇଥାନ୍ତି । "

ପ୍ରାର୍ଥନା ବିନା ଜୀବନ ନୀରସ ଏବଂ ଶୂନ୍ୟ ପ୍ରତୀତ ହୁଏ । ଆତ୍ମାପାଇଁ ପ୍ରାର୍ଥନାର ଆବଶ୍ୟକତା ଯେତିକି ଶରୀର ପାଇଁ ଖାଦ୍ୟର ଆବଶ୍ୟକତା ସେତିକି ନୁହେଁ । ଯିଶୁ ଏବଂ ମହମଦ୍‌ଙ୍କୁ ପ୍ରାର୍ଥନାରୁ କେବଳ ପ୍ରକାଶ ମିଳିଲା ସେମାନେ ପ୍ରାର୍ଥନା ବିନା ବଞ୍ଚି ପାରୁନଥିଲେ । ରାଜନୈତିକ ଆକାଶ ନିରାଶାରୂପକ ମେଘଦ୍ୱାରା ଆବୃତ୍ତ ଥିଲେ ମଧ୍ୟ ପ୍ରାର୍ଥନା ଯୋଗୁଁ ମୋର ଆନ୍ତରିକ ଶାନ୍ତି କେବେ ଭଗ୍ନ ହୋଇ ନାହିଁ । ମହାତ୍ମା ଗାନ୍ଧି ଆଧ୍ୟାତ୍ମବାଦକୁ ବହୁତ ଉଚ୍ଚ ସ୍ଥାନ ଦେଇଛନ୍ତି । ତାଙ୍କ ଭାଷାରେ " ଆଧ୍ୟାତ୍ମବାଦ

ପ୍ରାପ୍ତି ବିନା ସ୍ୱରାଜ୍ୟ ରକ୍ଷା କରାଯାଇ ନପାରେ । " ଆଧ୍ୟାତ୍ମବାଦ ବିନା ଆଜି ଦେଶର କେତେ ଦୁର୍ଗତି ହେଉଅଛି । ଏହିପରି ଯେଉଁ ପରିବାର ବଡ଼ ଧନୀ, ବୈଭବଶାଳୀ ଏବଂ ପାଶ୍ଚାତ୍ୟ ସଭ୍ୟତାରେ ଜଡ଼ିତ ଅଛନ୍ତି ଯଦି ସେମାନଙ୍କ ଭିତରେ ଆତ୍ମା-ପରମାତ୍ମା ଏବଂ ସ୍ନେହ ନାହିଁ ତେବେ ସେମାନେ ନର୍କରେ ପଡ଼ିଛନ୍ତି ବୋଲି ବୁଝିବାକୁ ହେବ ।

ଅନେକଙ୍କ ଭୁଲ୍ ଧାରଣା । ଯେ ଗୃହସ୍ଥୀ ଜୀବନରେ ପ୍ରଭୁ-ଭକ୍ତି କିମ୍ବା ଯୋଗ ଆଦି ହୋଇପାରେ ନାହିଁ । ଏହା ନିରର୍ଥକ ଅଟେ । ଯେତେ ସବୁ ବଡ ବଡ ବ୍ରହ୍ମଚାରୀ, ଯୋଗୀ, ପ୍ରଭୁଭକ୍ତ ହୋଇଛନ୍ତି ସେମାନଙ୍କ ମଧ୍ୟରୁ ଅଧିକାଂଶ ଗୃହସ୍ଥି ଥିଲେ । ମହାରାଜ ଶିବାଜୀ, ଭଗବାନ୍ କୃଷ୍ଣ, ରାଜା ଜନକ, ରାଜା ଅଶ୍ୱପତି, ଯୋଗୀ ଯାଜ୍ଞବଲ୍କ୍ୟ, ମାତା ମଦାଳସା, ଗୁରୁନାନକ, ପରମହଂସ ରାମକୃଷ୍ଣ ଆଦି ଦୃଷ୍ଟାନ୍ତ ବିରଳ ନୁହେଁ । ଏହା ନିରାଟ ସତ୍ୟ ଅଟେ ଯେ ଆଧ୍ୟାତ୍ମବାଦକୁ ବିଶ୍ଳେଷଣ କରି ଆତ୍ମଜ୍ଞାନ ପ୍ରାପ୍ତି କରିବାପାଇଁ ଯେତିକି ସୁଅବସର ଗୃହସ୍ଥ ଜୀବନରେ ଅଛି ତାହା ଅନ୍ୟ ଆଶ୍ରମରେ ନାହିଁ । ଏଠି ପ୍ରତି ପଦକ୍ଷେପରେ ସଂଯମର ପରୀକ୍ଷା ହୁଏ । ଯମ ଏବଂ ନିୟମର ପୂର୍ଣ୍ଣ ସାଧନା ଗୃହସ୍ଥୀ ଜୀବନର ପିଠସ୍ଥଳୀ ଅଟେ । ନିଜ ପରିବାରକୁ ପ୍ରଭୁଭକ୍ତି ଓଁ ସ୍ମରଣ ଗାୟତ୍ରୀ ଜପ, ସ୍ୱାଧ୍ୟାୟ, ସଂଯମ, ସତ୍ୟ, ନମ୍ରତା, ପ୍ରେମଭାବ, ଭାତୃଭାବ, ବିଶ୍ୱପ୍ରେମ, ଦେଶହିତ ସଦାଚାର ଇତ୍ୟାଦିର ଲାଭ ବାରମ୍ବାର ବୁଝାଇବା ଗୃହସ୍ଥୀର କର୍ତ୍ତବ୍ୟ ଅଟେ । କେବେ କେବେ ନିଜ ଗୃହକୁ ବିଦ୍ୱାନ୍, ସାଧୁ-ସନ୍ଥକୁ ଡ଼କାଇ ସତ୍ସଙ୍ଗର ଉପାଦେୟତା ବୁଝାଇ ପ୍ରଭାବ ପକାଇବା ଉଚିତ ।

ଥରେ ରାମକୃଷ୍ଣ ପରମହଂସଙ୍କୁ ଜଣେ ସବ୍-ଜଜ୍ ପ୍ରଶ୍ନ କଲେ " ଗୃହସ୍ଥୀ ହୋଇ ମନୁଷ୍ୟ ଈଶ୍ୱରଙ୍କ ଦର୍ଶନ କରିପାରେ ? " ପରମହଂସ

ଉତ୍ତର ଦେଇଥିଲେ-"ଅବଶ୍ୟ ଗୃହସ୍ଥ ତତ୍ୱଜ୍ଞାନ ପ୍ରାପ୍ତକରି ଈଶ୍ୱରଙ୍କ ଦର୍ଶନ ମଧ୍ୟ ପାଇପାରେ ଯେତେବେଳେ ଭଗବାନଙ୍କ ନାମ ଉଚ୍ଚାରଣ କିମ୍ବା ଗ୍ରହଣ ମାତ୍ରେ ରୋମାଞ୍ଚ ହୋଇ ଚକ୍ଷୁ ଯୁଗଳରୁ ସତ୍ୟ ପ୍ରେମର ଆଶ୍ରୁପାତ କରେ -ସେତେବେଳେ ବୁଝିବା ଉଚିତ ଯେ ଆଉ କାମିନୀ କାଂଚନରେ ଆସକ୍ତି ନାହିଁ, ଈଶ୍ୱରଙ୍କ ଅନୁଭବ ହୋଇଯାଇଛି । ଡିଆସିଲି କାଠି ସୁଖା ଥିଲେ ଅଳ୍ପ ଘଷିଦେଲେ ଜଳିଯାଏ, ଟିକିଏ ଓଦା ଥିଲେ କେତେ ଘଷିଲେ ମଧ୍ୟ ଜଳେ ନାହିଁ । ପରିବାର ଭିତରେ ଆଧ୍ୟାତ୍ମ ବାତାବରଣ ରଖିବାକୁ ହେଲେ କେବଳ ପ୍ରାର୍ଥନା, ଉପାସନା ଯଥେଷ୍ଟ ନୁହେଁ-ତତ୍ ସହ ସାରା ପରିବାରକୁ ଆତ୍ମ ନିରୀକ୍ଷଣ ମଧ୍ୟ କରିବା ଉଚିତ୍ ।

ଶାନ୍ତିରେ ବସି ବିଚାର କର ଯେ ଆଜି ମୁଁ କିଛି ତ୍ରୁଟି କରି ନାହିଁତ ? କୌଣସି ଭାଇ କିମ୍ବା ଭଉଣୀଙ୍କୁ ଦୁଃଖିତ କରି ନାହିଁତ ? ମୋର ମୁଖରୁ କୌଣସି କଡ଼ା କଥା ତ ବାହାରି ନାହିଁ ? ମାତା ପିତାଙ୍କର କୌଣସି ଆଦେଶକୁ ଅମାନ୍ୟ ତ କରି ନାହିଁ ? ସ୍ୱାର୍ଥ ଦ୍ୱାରା ଅନ୍ୟ ପରିବାର ମଧ୍ୟରେ ଶୋକର ମାତ୍ରା ତ ବଢ଼ାଇ ନାହିଁ ? ଏହି ପ୍ରକାର ପ୍ରଶ୍ନ ମାନ ନିଜେ ନିଜକୁ ପଚାର । ଯଦି କୌଣସି ତ୍ରୁଟି ହୋଇଯାଇଛି ତେବେ ମନରେ ସଂକଳ୍ପ କର ଯେ ଭବିଷ୍ୟତରେ ଏପରି ଦୋଷ ବା ତ୍ରୁଟି କରିବି ନାହିଁ । ଏହାକୁ ଆତ୍ମ ନିରୀକ୍ଷଣ କୁହାଯାଏ । ଏପରି କଲେ ପରିବାର ମଧ୍ୟରେ ଜଣକର ଅନ୍ୟ ଜଣକ ପ୍ରତି ମତଭେଦ ରହେ ନାହିଁ । ଯେଉଁ ପରିବାରରେ ପରମାତ୍ମାଙ୍କୁ ନିଜର ପ୍ରିୟତମ ବୁଝାଯାଏ ସେଠାରେ ପ୍ରଭୁ-ମହିମା ସ୍ୱୟଂ ପ୍ରକଟିତ ହୁଏ ଏବଂ ପ୍ରଭୁଗୁଣ ଗାନକଲେ ପରିବାର ସମସ୍ତ ଦୁଃଖ ଯନ୍ତ୍ରଣାରୁ ପରିତ୍ରାଣ ଲାଭ କରିବା ସଙ୍ଗେ ସଙ୍ଗେ ସେହି ପରିବାର ପରମାତ୍ମାଙ୍କ କୃପା ପାତ୍ର ହୋଇରହେ । ଭକ୍ତିର ସହିତ ଅଗ୍ରସର ହେଲେ ପରିବାରର

ସମ୍ବନ୍ଧ ପରମାତ୍ମାଙ୍କ ସହ ହୋଇଯାଏ । ଫଳରେ ପରିବାରର ବାଧା ବିଘ୍ନ ଆପେ ଆପେ ଦୂର ହୋଇଯାଏ ।

ପରମାତ୍ମାଙ୍କ ପ୍ରତି ଏହି ପ୍ରେମ ସେତେବେଳେ ସିଦ୍ଧ ହେବ ଯେତେବେଳେ ପରିବାରର ସମସ୍ତ ସଦସ୍ୟ ପ୍ରତ୍ୟେକଙ୍କୁ ପ୍ରତ୍ୟେକ ହାର୍ଦ୍ଦିକ ତଥା ନିଃସ୍ୱାର୍ଥ ପ୍ରେମ କରିପାରିବେ । ଯଦି କେହି କହେ ଯେ ମୁଁ ପରମାତ୍ମାଙ୍କୁ ପ୍ରେମ କରୁଛି, ତାଙ୍କର ନାମକୁ ସ୍ମରଣ କରୁଅଛି ପରନ୍ତୁ ପରିବାର ମଧ୍ୟରେ କଳହ କରୁଅଛି ତାହାହେଲେ ବୁଝିବାକୁ ହେବ ଯେ ତାହାର ଈଶ୍ୱର ପ୍ରେମ କେବଳ ନାମକୁ ମାତ୍ର । ଦୃଷ୍ଟି ଗୋଚର ହେଉଥିବା ବ୍ୟକ୍ତିକୁ ଯେବେ ପ୍ରେମ କରି ହେଉ ନାହିଁ ତେବେ ଯେ ଦୃଷ୍ଟି ଅନ୍ତରାଳରେ ତାଙ୍କୁ ସ୍ନେହ କିମ୍ବା ପ୍ରେମ କରିବା ପ୍ରଶ୍ନ କେଉଁଠି ?

ଯେଉଁ ପରିବାର ପ୍ରଭୁଙ୍କ ଆଗରେ ଆତ୍ମସମର୍ପଣ କରେ ପ୍ରଭୁ ତାର ଯୋଗ-କ୍ଷେମର ଜିମାଦାର ରହନ୍ତି ଏବଂ ସତ୍ ମାର୍ଗରେ ପରିଚ୍ଳିତ କରନ୍ତି ।

**ସନୀତିଭିର୍ନୟସି ତ୍ରାୟସେ ଜ୍ୟଂ ୟସ୍ତୁଭ୍ୟଂ ।**

**ଦାଶାନ୍ନ ତମଂହୋ ଅଶ୍ନବତ୍ ।**

**ବ୍ରହ୍ମ ଦ୍ୱିଷସ୍ତପନୋ ମନ୍ୟୁମୀରସି ବୃହସ୍ପତେ**

**ମହି ତତ୍ତେ ମହିତ୍ୱନମ୍ ॥** ଋ. ୨-୨୩-୪ ॥

ହେ ପ୍ରଭୁ ! ତୁମେ ନିଜ ଜନଙ୍କୁ ନୀତି ପୂର୍ବକ ପରିଚ୍ଳନା କରୁଅଛ ଏବଂ ରକ୍ଷା କରୁଅଛ । ଯେ ନିଜକୁ ତୁମ ନିକଟରେ ସମର୍ପଣ କରୁଛନ୍ତି ତାକୁ ଦରିଦ୍ରତା ସ୍ପର୍ଶ କରେ ନାହିଁ । ତୁମେ ବ୍ରହ୍ମ (ଭକ୍ତ ବିଦ୍ୱାନ୍)ଙ୍କ ଦ୍ୱେଷର ଦଳନକାରୀ ଏବଂ ସେମାନଙ୍କ କ୍ରୋଧର ବିନାଶକାରୀ ଅଟ । ହେ ବୃହସ୍ପତେ ! ତୁମର ଏହି ମହିମା ଅଟ ।

**ନର ମଂହୀନ ଦୁରିତଂ କୁତ ନ ନାରାତୟନ୍ତି**
**ତିରର୍ନ ଦ୍ୱାୟାବିନଃ ।**
**ବିଶ୍ୱା ଇଦସ୍ମାଦ୍‌ଧବର ବି ଯୋ ବାଧୟେ ୟଂ**
**ସୁଚୋପା ରକ୍ଷସି ବ୍ରହ୍ମଣସ୍ପତେ ॥**

"ଜାହାରି ଦ୍ୱାରା ସେ ଶୋକାକୁଳ ହୁଏ ନାହିଁ, ଦୁଃଖ ପାଏ ନାହିଁ ତାହାକୁ କୌଣସି ଶତ୍ରୁ ଦଳନକରି ପାରେ ନାହିଁ କିମ୍ବା ପ୍ରତାରକ ପ୍ରତାରଣ କରିପାରେ ନାହିଁ । ସମସ୍ତ ଶତ୍ରୁଙ୍କୁ ତୁମେ ଏହି ବ୍ୟକ୍ତି ଠାରୁ ଦୂରେଇ ରଖ । ଯାହାର ରକ୍ଷକ ହୋଇ, ହେ ବ୍ରହ୍ମଣସ୍ପତେ, ତୁମେ ସ୍ୱୟଂ ରକ୍ଷାକର ।"

ସ୍ୱୟଂ ବେଦ ଭଗବାନ୍ ଯେତେବେଳେ ଆଦେଶ କରୁଛନ୍ତି ତେବେ ପରିବାର ମଧ୍ୟରେ ଏପରି ଉଦାତ୍ତ ଭାବନାକୁ କାହିଁକି ଜାଗ୍ରତ କରା ନ ଯିବ ଏବଂ ପରିବାର ମଧ୍ୟରେ ଆଧ୍ୟାତ୍ମବାଦର ଜ୍ୟୋତି ପ୍ରଜ୍ୱଳିତ କରି ଦୁଃଖ ଓ ଚିନ୍ତା ରୂପକ ଅନ୍ଧକାରକୁ ତଡ଼ି ଦିଆ ନ ଯିବ ।

ଈଶ୍ୱର ବିଶ୍ୱାସ ତଥା ମାନବିକ ବ୍ୟବହାର ଅଧ୍ୟାତ୍ମିକତା ପାଇଁ ବହୁଳ ଆବଶ୍ୟକ ଅଟେ । ଈଶ୍ୱର ବିଶ୍ୱାସର ଉଦ୍ଦେଶ୍ୟ ହେଉଛି ଆପ୍ରାଣ ଚେଷ୍ଟା କରି ଯେଉଁ ଫଳ ପ୍ରାପ୍ତି ହୁଏ ସେଥିରେ ସନ୍ତୋଷ ହେବା । ଏହା ମଧ୍ୟ ବୁଝିବା ଉଚିତ ଯେ ଆମ୍ଭର ଦୃଷ୍ଟି କ୍ଷୀଣ ଅଟେ । ପରନ୍ତୁ ପ୍ରଭୁ ଦୂରଦ୍ରଷ୍ଟା ଅଟନ୍ତି । ଆମ ଅପେକ୍ଷା ପ୍ରଭୁଙ୍କର ଆତ୍ମ କଲ୍ୟାଣ ପାଇଁ ଅଧିକ ଧ୍ୟାନ ଥାଏ । ଯଦି ଏପରି କିଛି ଘଟଣା ଘଟିଯାଏ ଯାହାକି ଆମ୍ଭ ଇଚ୍ଛାର ବିରୁଦ୍ଧ ଅଟେ ତେବେ ବିଚଳିତ ହୁଅ ନାହିଁ । ହୁଏତ କିଛି ସମୟ ପରେ ସେହି ଘଟଣା ଆମ୍ଭର ଭଲ ହୋଇପାରେ ପ୍ରଭୁଙ୍କ ଇଚ୍ଛା ଅଧୀନରେ ରହିଲେ ଶକ୍ତି ମିଳେ ।

କେତେକ କହନ୍ତି ଯେ "ଭକ୍ତି କଲେ ଲାଭ କଣ ? ବରଂ ଭକ୍ତ ଲୋକ ଏବଂ ଭଲ ଲୋକ କଷ୍ଟ ପାଉଥିବା ଦେଖା ଯାଉଅଛି ।" ଭଲ ଓ ଦାମିକା କନାକୁ ଭଲଭାବେ ରଗଡ଼ି ରଗଡ଼ି ସଫା କରାଯାଏ । ରଦ୍ଦି ଫଟା ଲୁଗାକୁ କେହିହେଲେ ସାବୁନ୍ ଲଗାଇ କଷ୍ଟକରି ସଫା କରେ ନାହିଁ । ପ୍ରଭୁ ଭକ୍ତ ଓ ସାଧୁ ବ୍ୟକ୍ତି ହିଁ ଦୁଃଖ ପାଇବା ଦେଖାଯାଏ । ଏହି ମାନଙ୍କୁ ଏଥିପାଇଁ କଷ୍ଟ କ୍ଳେଶ ଆସେ ଯେହେତୁ ସେମାନେ ଈଶ୍ୱର ପ୍ରେମି ଅଟନ୍ତି । ପ୍ରଭୁ ଚାହାନ୍ତି ଏମାନେ ପବିତ୍ର ହୋଇ ରହନ୍ତୁ । ଏଥିପାଇଁ ଦୁଃଖକୁ ଦେଖି ଭୟଭୀତ ହୋଇଯାଅ ନାହିଁ । ପ୍ରସନ୍ନ ହୋଇ ଦୁଃଖ ସହନ କଲେ ସେହି ସହନଶୀଳତା 'ଜପ' ରେ ପରିଣତ ହୁଏ । ପରନ୍ତୁ ଏହା କେବଳ ତର୍କର କଥା । ବାସ୍ତବିକ ତଥ୍ୟ ହେଉଛି ଯେପରି ମଞ୍ଜି ବୁଣିବ ସେହିପରି ଫଳ ପାଇବ । ଏଣୁ ପ୍ରଭୁ ଭକ୍ତି ସୁଖ ଆଡ଼କୁ ଟାଣିନିଏ -ଦୁଃଖ ଆଡ଼କୁ ନୁହେଁ । ଗୃହସ୍ଥକୁ ସୁଖୀ କରିବାପାଇଁ ଏହି ପାଞ୍ଚୋଟି ଉପାୟ ଲେଖା ଯାଇଅଛି ଏହି ଉପାୟକୁ ପ୍ରୟୋଗ କଲେ ଗୃହସ୍ଥ ଜୀବନର ପ୍ରତ୍ୟକ୍ଷ ସୁଖ ଦେଖାଯିବ ।

ପ୍ରତିଜ୍ଞା ଭୁଲନ୍ତୁ ନାହିଁ :-

ପବିତ୍ର ବିବାହ ମଣ୍ଡପରେ ଅଗ୍ନିଙ୍କୁ ସାକ୍ଷୀ ରଖି ବର ଓ କନ୍ୟା ଯେଉଁ ପ୍ରତିଜ୍ଞା କରନ୍ତି, ତାହା ଯଦି ସ୍ମରଣ ରଖି ଆଚରଣ କରାଯାଏ ତେବେ ଗୃହସ୍ଥାଶ୍ରମ ସ୍ୱର୍ଗଧାମରେ ପରିଣତ ହେବ । ବର କନ୍ୟାଙ୍କ ପ୍ରତିଜ୍ଞା ଶୁଣନ୍ତୁ-

**ଓଁ ସମଞ୍ଜନ୍ତୁ ବିଶ୍ୱେ ଦେବାଃ ସମାପୋ ହୃଦୟାନି ନୌ ।**
**ସଂମାତରିଶ୍ୱା ସଂଧାତା ସମୁ ଦେଷ୍ଟ୍ରୀ ଦଧାତୁ ନୌ ॥**

ଋ. ୧୦-୮୫-୪୭

ମହର୍ଷି ଦୟାନନ୍ଦ ଏହାର ଅର୍ଥ ନିମ୍ନ ପ୍ରକାର କରି ଅଛନ୍ତି ।

ଏହି ଯଜ୍ଞ ଶାଳାରେ ଉପସ୍ଥିତ ବିଦ୍ୱାନ୍ ବ୍ୟକ୍ତି ! ଆପଣ ନିଶ୍ଚିତ ରୂପେ ଜାଣନ୍ତୁ ଯେ ଆମ୍ଭେ ଦୁହେଁ ପ୍ରସନ୍ନତା ପୂର୍ବକ ଗୃହସ୍ଥାଶ୍ରମରେ ଏକତ୍ର ରହିବାପାଇଁ ଜଣେ ଅନ୍ୟକୁ ସ୍ୱୀକାର କରୁଅଛୁ । ଆମ୍ଭର ଦୁଇଟି ହୃଦୟ ଜଳ ଶଦୃଶ ଶାନ୍ତ ରହିବ । ପ୍ରାଣବାୟୁ ଆମ୍ଭର ଯେଉଁପରି ପ୍ରିୟ ଅଟେ ସେହିପରି ଆମ୍ଭେ ଦୁହେଁ ଜଣେ ଅନ୍ୟ ପ୍ରତି ସର୍ବଦା ପ୍ରସନ୍ନ ରହିବୁ ।

କେତେ ସୁନ୍ଦର ଭାବନା ବେଦ ମନ୍ତ୍ରରେ ଅଛି । ବର-ବଧୂ ଦୁହେଁ କହନ୍ତି-ଯେପରି ଦୁଇ ଧାର ଜଳ ମିଳିଯାଇ ଶାନ୍ତ ରହନ୍ତି ସେହିପରି ଆମ୍ଭେ ମିଶିଯିବା । ବାୟୁ ଯେପରି ମାନବର ଜୀବନ ଅଟେ, ସେହିପରି ଆମ୍ଭେ ଦୁହେଁ ଜଣେ ଅନ୍ୟକୁ ଧାରଣ କରୁଥିବୁ ।

ଏହାର ପରବର୍ତ୍ତୀ ମନ୍ତ୍ରରେ ମଧ୍ୟ ଏହି ପ୍ରତିଜ୍ଞା ଅଛି ଯେ ଆମ୍ଭେ ଦୁହେଁ ନିଜ ଇଚ୍ଛାରେ ପ୍ରେମ ପୂର୍ବକ ପ୍ରାପ୍ତ ହୋଇଅଛୁ । ପରମେଶ୍ୱର ଆମ୍ଭ ଦୁହିଁଙ୍କ ମନ ଅନୁକୂଳ କରନ୍ତୁ ।

**ଓଁ ଭୂର୍ଭୁବଃ ସ୍ୱଃ । ଅଘୋରଚକ୍ଷୁ ରପତି ଘ୍ନେଧି ପଶୁଭ୍ୟଃ ସୁମନାଃ ସୁବର୍ଚ୍ଚା ॥**
**ବୀର ସୁର୍ଦେବୃକାମା ସ୍ୟୋନା ଶନ୍ନୋ ଭବ ଦ୍ୱିପଦେ ଶଂ ଚତୁଷ୍ପଦେ ॥**

"ପ୍ରାଣଡାଦା ଦୁଃଖ ବିନାଶକ, ସର୍ବ ସୁଖଦାତା ରକ୍ଷକ ପ୍ରଭୁଙ୍କ କୃପା ଏବଂ ସ୍ୱ ଉତ୍ତମ ପୁରୁଷାର୍ଥ ଦ୍ୱାରା (ହେ ବଧୂ) ତୁମ ଦୃଷ୍ଟି କେବେ କ୍ରୂର ନ ହେଉ । ମଙ୍ଗଳକାରୀ , ପତିଙ୍କ ଦୀର୍ଘାୟୁ କାମନାକାରୀ, ପଶୁଙ୍କୁ, ସୁଖକାରୀ ପବିତ୍ର ଅନ୍ତଃକରଣ ଯୁକ୍ତ, ସଦା ପ୍ରସନ୍ନଚିତ୍ତ, ତେଜ, କାନ୍ତି, ସୁନ୍ଦର ସୁଖ-କର୍ମ ସ୍ୱଭାବ ବାଲ୍ୟ ଉତ୍ତମ ବୀର ପୁତ୍ର ଜନ୍ମ ଦାତ୍ରୀ ପରମେଶ୍ୱରଙ୍କ ଭକ୍ତ ହୁଅ, ସୁଖଦାୟିନୀ ହୁଅ , ମନୁଷ୍ୟ ତଥା ପଶୁଙ୍କ ପାଇଁ କଲ୍ୟାଣକାରୀ ହୁଏ ।"

ବିବାହ ମଣ୍ଡପରେ ପତି ପତ୍ନୀଙ୍କ ହାତ ଧରି କହନ୍ତି-

**ଓଁ ଗୃଣ୍ହାମି ତେ ସୌଭାଗତ୍ୱାୟ ହସ୍ତଂ ମୟା ପତ୍ୟା ଜରଦଷ୍ଟିର୍ଯଥାସଃ ।**
**ଭଗୋ ଅର୍ଯ୍ୟମା ସବିତା ପୁରନ୍ଧିର୍ମହ୍ୟ ତ୍ୱାଦୁର୍ଗାର୍ହପତ୍ୟାୟ ଦେବାଃ ॥**

ଈ. ୧୦-୮୫-୩୬ ॥

ହେ ବରାନନେ ! ମୁଁ ଐଶ୍ୱର୍ଯ୍ୟ, ସୁସନ୍ତାନ ତଥା ସୌଭାଗ୍ୟ ବୃଦ୍ଧିପାଇଁ ତୁମ୍ଭ ହସ୍ତକୁ ଗ୍ରହଣ କରୁଅଛି ତୁମ୍ଭ ସହ ଜରାବସ୍ଥା ପର୍ଯ୍ୟନ୍ତ ସୁଖୀ ହୋଇରହିବି ।"

ତଥା ହେ ବୀର ! ମୁଁ ସୌଭାଗ୍ୟ ବୃଦ୍ଧି ପାଇଁ ଆପଣଙ୍କ ହସ୍ତକୁ ଗ୍ରହଣ କରୁଅଛି । ଆପଣ ମୋ ସହ ବୃଦ୍ଧାବସ୍ଥା ପର୍ଯ୍ୟନ୍ତ ପ୍ରସନ୍ନ ଏବଂ ଅନୁକୂଳ ରହନ୍ତୁ । ମୁଁ ଆପଣଙ୍କୁ ଏବଂ ଆପଣ ମୋତେ ଆଜିଠାରୁ ପତି-ପତ୍ନୀ ଭାବେ ପାଇଅଛନ୍ତି ।"

"ସକଳ ଐଶ୍ୱର୍ଯ୍ୟଯୁକ୍ତ ନ୍ୟାୟକାରୀ ସବିତା ପରମାତ୍ମା ଏବଂ ମଣ୍ଡପସ୍ଥିତ ସମସ୍ତ ବିଦ୍ୱାନ୍ ବ୍ୟକ୍ତି ଗୃହସ୍ଥାଶ୍ରମ ଅନୁଷ୍ଠାନ ପାଇଁ ତୁମ୍ଭଙ୍କୁ ମୋତେ ଅର୍ପଣ କରୁଅଛନ୍ତି ଆଜିଠାରୁ ମୁଁ ତୁମ୍ଭଙ୍କୁ ଏବଂ ତୁମ୍ଭେ ମୋତେ ବିକ୍ରି ହୋଇଯାଇଅଛୁ । କେବେ ହେଁ ଜଣେ ଅନ୍ୟର ଅପ୍ରିୟାଚରଣ ଯେପରି ନ କରୁ ।"

**ଓଁ ଭଗସ୍ତେ ହସ୍ତମଗ୍ରଭୀତ୍ ସବିତା ହସ୍ତମଗ୍ରଭୀତ୍ ।**
**ପତ୍ନୀତ୍ୱମସି ଧର୍ମଣାହଂ ଗୃହପତିସ୍ତବ ॥ ଅ ୧୦/୧/୫୧ ॥**

"ହେ ପ୍ରିୟ ! ଐଶ୍ୱର୍ଯ୍ୟବତୀ ମୁଁ ତୁମ୍ଭ ହସ୍ତକୁ ଗ୍ରହଣ କରୁଅଛି । ଧର୍ମଯୁକ୍ତ ମାର୍ଗରେ ପ୍ରେରିତ ତୁମ୍ଭ ହସ୍ତକୁ ଗ୍ରହଣ କରିସାରିଛି । ତୁମ୍ଭେ ଧର୍ମରେ ମୋର ଭାର୍ଯ୍ୟା (ପତ୍ନୀ) ଅଟ ମୁଁ ତୁମ୍ଭ ଗୃହପତି (ପତି) ଅଟେ । ଆମ୍ଭେ ଦୁହେଁ ମିଳିମିଶି ଗୃହକାର୍ଯ୍ୟକୁ ସିଦ୍ଧ କରିବା ଏବଂ ଦୁହେଁ

ବ୍ୟଭିଚାର ଯାହା ଦୁହିଁଙ୍କ ଅପ୍ରିୟ ଅଟେ ତାହା କେବେ କରିବା ନାହିଁ ।"

**ଓଁ ମମେୟମସ୍ତୁ ପୋଷ୍ୟା । ମହ୍ୟଂ ତ୍ୱାଦାଦ୍ ବୃହସ୍ପତିଃ ।**

**ମୟା ପତ୍ୟା ପ୍ରଜାବତି ସଂଜୀବ ଶରଦଃ ଶତମ୍ ॥**

ଅ. ୧୪-୧-୫୨ ॥

ହେ ସଖେ ! ପରମାତ୍ମା ମୋତେ ଯେ ତୁମ୍ଭଙ୍କୁ ଦେଇଛନ୍ତି ତୁମ୍ଭେ ଏହି ସଂସାରରେ ମୋର ପୋଷଣ କରିବା ଯୋଗ୍ୟା ପତ୍ନୀ ଅଟ । ହେ ପ୍ରଜାପତି ! ମୋ ସହ ଶତ ବର୍ଷ ପର୍ଯ୍ୟନ୍ତ ସୁଖ ପୂର୍ବକ ବଞ୍ଚି ରହ । ହେ ଭଦ୍ରବୀର ! ପରମେଶ୍ୱରଙ୍କ କୃପା ଆପଣଙ୍କୁ ପାଇଅଛି । ତୁମ୍ଭ ବିନା ଏହି ସଂସାରରେ ଅନ୍ୟ କୌଣସି ପାଳନ କର୍ତ୍ତା ପତି ମୋର ନାହିଁ । ଯେପରି ଆପଣଙ୍କ ଛଡା ଅନ୍ୟ ପତ୍ନୀକୁ ଗ୍ରହୁଁ ନାହାନ୍ତି, ମୁଁ ମଧ୍ୟ ସେହିପରି ଆପଣଙ୍କ ଛଡ଼ା ଅନ୍ୟ ପତିର କାମନା କରୁନାହିଁ ।

**ଓଁ ଅହଂ ବିଷାମି ମୟି ରପନସ୍ୟା ବେଦଦିଥସ୍ୟାମ୍ନନସଃ କୁଲାୟମ୍ ।**

**ନ ସ୍ତେୟମଦ୍ ମି ମନସୋଦମୁଚ୍ୟେ ସ୍ୱୟଂ ଶ୍ରଛାନୋ ବରୁଣସ୍ୟ ପାଷାନ୍ ॥**

ଅ. ୧୪-୧-୫୭ ॥

ହେ କଲ୍ୟାଣମୟୀ ! ଯେପରି ମନରେ ମୁଁ କୁଳର ବୁଦ୍ଧିକୁ ଦେଖି ତୁମର ରୂପକୁ ପ୍ରୀତି ପୂର୍ବକ ପାଇଅଛି ଏବଂ ସେଥିରେ ପ୍ରେମଦ୍ୱାରା ବ୍ୟାପ୍ତ ହେଉଅଛି ତୁମ୍ଭେ ମଧ୍ୟ ସେହିପରି ମୋର ପ୍ରେମରେ ବ୍ୟାପ୍ତ ହୋଇ ଅନୁକୂଳ ବ୍ୟବହାର ପ୍ରାପ୍ତ ହୁଅ । ଯେଉଁ ମନରେ ମୁଁ ତୁମ୍ଭ ଅଗୋଚରରେ କୌଣସି କାର୍ଯ୍ୟ କରୁ ନାହିଁ ଏବଂ କୌଣସି ଉତ୍ତମ ପଦାର୍ଥକୁ ଭୋଗ କରୁନାହିଁ ସେହିପରି ତୁମେ ମଧ୍ୟ କର ।

ବଧୂ ମଧ୍ୟ ଏହି ପ୍ରତିଜ୍ଞାକରେ-

**ଓଁ ମମବ୍ରତେତେ ହୃଦୟଂ ଦଧାମି ମମ ଚିତ୍ତମନୁଚିତ୍ତଂତେ ଅସ୍ତୁ ।**

**ମମ ବାଚମେକମନା ଜୁଷସ୍ୱ ପ୍ରଜାବତିଷ୍ଟ୍ୱାନିୟନକ୍ତୁ ମହ୍ୟମ୍ ॥**

ପାରା-୧-୮-୯ ॥

ହେ ବଧୂ ! ତୁମ ଅନ୍ତଃକରଣ ଓ ଆତ୍ମାଙ୍କୁ ନିଜ କର୍ମର ଅନୁକୂଳ ଧାରଣ କରୁଅଛି । ତୁମ ଚିତ୍ତ ସର୍ବଦା ମୋର ଚିତ୍ତର ଅନୁକୂଳ ରହୁ । ମୋର ବାଣୀକୁ ତୁମ୍ଭେ ସର୍ବଦା ଏକାଗ୍ର ଚିତ୍ତରେ ଗ୍ରହଣ କର । ପ୍ରଜାପାଳକ ପରମାତ୍ମା ତୁମ୍ଭଙ୍କୁ ମୋ ପାଇଁ ନିଯୁକ୍ତ କରନ୍ତୁ ।

"ହେ ପ୍ରିୟ ବୀର ସ୍ୱାମୀ ! ଆପଣଙ୍କ ହୃଦୟ, ଆତ୍ମା ଓ ଅନ୍ତଃକରଣକୁ ମୋର ପ୍ରିୟାଚରଣ କର୍ମ ଦ୍ୱାରା ଧାରଣ କରୁଅଛି । ଆପଣ ଏକାଗ୍ର ହୋଇ ମୋର ବାଣୀକୁ ଗ୍ରହଣ କରନ୍ତୁ । ଯେହେତୁ ଆଜିଠାରୁ ପ୍ରଜାପତି ପରମାତ୍ମା ଆପଣଙ୍କୁ ମୋର ଅଧୀନ କରିଛନ୍ତି ଏବଂ ମୋତେ ମଧ୍ୟ ଆପଣଙ୍କର ଅଧୀନ କରିଅଛି ।"

ପତିବ୍ରତ ଓ ପତ୍ନୀବ୍ରତ ଧର୍ମର କେତେ ସୁନ୍ଦର ବିଧାନ କରାଯାଇଅଛି ।

**ଓଁ ଧ୍ରୁବାଦ୍ୟୌର୍ଧ୍ରୁବା ପୃଥିବୀ ଧ୍ରୁବଂ ବିଶ୍ୱମିଦଂ ଜଗତ୍ ।**
**ଧ୍ରୁବାସଃ ପର୍ବତା ଇମେ ଧ୍ରୁବା ସ୍ତ୍ରୀ ପତିକୁଳେ ଇୟମ୍ ॥**

ପାର- ଗୃହ୍ୟ- ୨-୨-୧୧ ॥

"ହେ ବରାନନେ ! ଯେପରି ସୂର୍ଯ୍ୟଙ୍କ କାନ୍ତି ତଥା ବିଦ୍ୟୁତ୍ ସୂର୍ଯ୍ୟଲୋକ ପୃଥିବୀ ଆଦିରେ ନିଷ୍କଳ ଅଟେ, ଯେପରି ଭୂମି ନିଜ ସ୍ୱରୂପରେ ସ୍ଥିର ଅଟେ । ଯେପରି ଏହି ସବୁ ସଂସାର ପ୍ରବାହ ସ୍ୱରୂପରେ ସ୍ଥିର ଅଟେ, ସେହିପରି ତୁମ୍ଭେ ମୋର ପତ୍ନୀ, ମୋର କୁଳରେ ସର୍ବଦା ସ୍ଥିର ରହ ।"

**ଓଁ ଧ୍ରୁବମସି ଧ୍ରୁବନ୍ତ୍ୱା ପଶ୍ୟାମି ଧ୍ରୁବୈଧି ପୋଷ୍ୟେମୟି ।**
**ମହ୍ୟଂ ତ୍ୱାଦାଦ୍ ବୃହସ୍ପତିର୍ମୟା ପତ୍ୟା ପ୍ରଜାବତି ସଂଜୀବ ଶରଦଃ ଶତମ୍ ।**

ପାର-ଗୃହ୍ୟ ୧-୮-୧୯ ॥

ହେ ସ୍ୱାମୀ ! ଯେପରି ମୋ ନିକଟରେ ଆପଣ ଦୃଢ଼ ଓ ସ୍ଥିର ଅଟନ୍ତି, ଯେପରି ମୁଁ ଆପଣଙ୍କୁ ସ୍ଥିର-ଦୃଢ଼ ଦେଖୁଅଛି ସେହିପରି ଆପଣ ସର୍ବଦା ମୋ ସହ ଦୃଢ଼ ରହିବେ । ଯେହେତୁ ମୋର ମନଲାଖି ଆପଣଙ୍କୁ ପରମାତ୍ମା ମୋତେ ସମର୍ପଣ କରି ଅଛନ୍ତି । ପତି ମଧ୍ୟ ଏହି ମର୍ମରେ ପତ୍ନୀଙ୍କୁ ସମ୍ବୋଧନ କରନ୍ତି ।

ଏଥିରୁ ଅନୁମେୟ ହୁଏ ଯେ ବର - ବଧୂଙ୍କ ମିଳନ ପରମାତ୍ମାଙ୍କ କୃପାରୁ ତଥା ପ୍ରେରଣାରୁ ହିଁ ହୋଇଥାଏ । ପତି -ପତ୍ନୀ ସମ୍ବନ୍ଧ ଅଟେ । ଏହା କୌଣସି ବ୍ୟବସାୟ କିମ୍ବା କଣ୍ଟ୍ରାକ୍ଟ ନୁହେଁ ; ଏହା ଜନ୍ମ ଜନ୍ମର ସାଥି ଅଟେ । କେତେ ପବିତ୍ର ଭାବନାରେ ଓତଃପ୍ରୋତ ହେଲେଯାଇ ପତି-ପତ୍ନୀ ହୋଇପାରନ୍ତି ।

"ସଂସ୍କାରବିଧିରେ ବିବାହ" ତଥା ଗୃହସ୍ଥାଶ୍ରମ ପ୍ରକରଣ ଏତେ ମହତ୍ୱପୂର୍ଣ୍ଣ ଅଟେ ଯେ ପ୍ରତ୍ୟେକ ପରିବାର ବର୍ଷ ମଧ୍ୟରେ ଥରେହେଲେ ପାଠ କରିବା ନିତାନ୍ତ ଉଚିତ ଅଟେ । ଏଠାରେ ମାତ୍ର କେତୋଟି ମନ୍ତ୍ର ଦିଆଯାଇ ଅଛି । ସଂପୂର୍ଣ୍ଣ ଉପକାର ପାଇଁ ସଂସ୍କାର ବିଧି ଅଧ୍ୟୟନ କରିବା ଉଚିତ ।

**ପରିବାର ମଧ୍ୟରେ ଏକତା :-**

ପରିବାର ମଧ୍ୟରେ ସୁଖ-ଶାନ୍ତି ତଥା ଏକତା ରଖିବାକୁ ହେଲେ ନିମ୍ନ ମନ୍ତ୍ର ଧ୍ୟାନ ଦେବା ଉଚିତ ।

**ସହୃଦୟଂ ସାଂମନସ୍ୟମବିଦ୍ୱେଷଂ କୃଣୋମି ବଃ ।**
**ଅନ୍ୟୋ ଅନ୍ୟମଭି ହର୍ଯ୍ୟତ ବତ୍ସଂ ଜାତମିବାଘ୍ନ୍ୟା ॥** ଅ. ୩-୩୦-୧ ॥

"ମୁଁ ତୁମ ପାଇଁ ସମାନ ହୃଦୟ, ସମାନ ମନ ହେବାପାଇଁ ତଥା ଦ୍ୱେଷ ଶୂନ୍ୟ ହେବାପାଇଁ ଚେଷ୍ଟିତ ଅଛି । ତୁମେ ଜଣେ ଅନ୍ୟକୁ ଏପରି ସ୍ନେହକର ଯେପରି ଗାଇ ତାର ନବଜାତ ବାଛୁରୀକୁ ସ୍ନେହ କରେ ।"

ସ୍ନେହକୁ କେତେ ସୁନ୍ଦର ଉପମା ଦିଆଯାଇଅଛି । ବାଛୁରୀ ଦ୍ୱାରା ଗାଇର କିଛି ସ୍ୱାର୍ଥ ସିଦ୍ଧ ହୁଏ ନାହିଁ । ଗାଇ ବୁଢ଼ୀ ହେଲେ ବାଛୁରୀ ତାର ସେବା କରେ ନାହିଁ । ତଥାପି ଗାଇ ବାଛୁରୀକୁ କେତେ ସ୍ନେହ କରେ । ପରିବାର ମଧ୍ୟରେ ଜଣେ ଅନ୍ୟକୁ ଏହି ପ୍ରକାର ନିଃସ୍ୱାର୍ଥ ସ୍ନେହ କରିବା ଉଚିତ ।

**ଅନୁବ୍ରତଃ ପିତୁଃ ପୁତ୍ରୋ ମାତ୍ରା ଭବତୁ ସଂମନାଃ ।**
**ଜାୟା ପତ୍ୟେ ମଧୁମତୀଂ ବାଚଂ ବଦତୁ ଶାନ୍ତିବାମ୍ ॥** ଅ. ୩-୩୦-୪ ।

"ପୁତ୍ର ପିତାର ଆଜ୍ଞାକାରୀ ହେଉ, ମାତା ସହ ଏକ ମନା ହେଉ, ପତ୍ନୀ ପତିକୁ ଏହିପରି ବଚନ କହୁ ଯାହା ଅତ୍ୟନ୍ତ ମଧୁର ଓ ହିତକାରୀ ହେଉ ।"

**ମା ଭ୍ରାତା ଭ୍ରାତରଂ ଦ୍ୱିକ୍ଷନ୍ମା ସ୍ୱସାରମୁତ ସ୍ୱସା ।**
**ସମ୍ୟଞ୍ଚଃ ସବ୍ରତା ଭୂତ୍ୱା ବାଚଂ ବଦତ ଭଦ୍ରୟା ॥** ଅ. ୩-୩୦-୪ ॥

"ଭାଇ ଭାଇ ମଧ୍ୟରେ ଦ୍ୱେଷ କର ନାହିଁ । ଭଉଣୀ ଭଉଣୀ ମଧ୍ୟରେ ଦ୍ୱେଷ କର ନାହିଁ । ଜଣେ ଅନ୍ୟ ସହ ଏକ ମତ ହୋଇ, ଅନ୍ୟର କାର୍ଯ୍ୟରେ ସାଥୀ ହୋଇ କଲ୍ୟାଣମୟୀ ମୁଖରେ ବାର୍ତ୍ତାଳାପ କର ।

**ଯେନ ଦେବା ନ ବିଦ୍ୟନ୍ତି ନୋ ଚ ବିଦ୍ୱିଷତେ ମିଥଃ ।**
**ତତ୍ କୃଣ୍ମୋ ବ୍ରହ୍ମ ଗୃହେ ବୋ ଗୃହେ ସଂଜ୍ଞାନଂ ପୁରୁଷେଭ୍ୟଃ ॥**
ଅ. ୩-୩୦-୩ ॥

"ଯେପରି ଦେବତା (ସାତ୍ୱିକ ବୃତ୍ତି ବିଦ୍ୱାନ୍) ନିଜ ନିଜ ଭିତରେ

ଅଲଗା ଅଲଗା ହୁଅନ୍ତି ନାହିଁ ଏବଂ ଅନ୍ୟ ପ୍ରତି ବିଦ୍ୱେଷ କରନ୍ତି ନାହିଁ, ସେହି (ବ୍ରହ୍ମଦେବ) ତୁମ୍ଭର ଗୃହରେ ସ୍ଥାପନା କରୁଅଛି ଯାହା ତୁମ୍ଭର ସମସ୍ତ ପୁରୁଷ (ସମସ୍ତ ମାନବ)ଙ୍କ ପାଇଁ ସମାନ ଭକ୍ତି ଉତ୍ପନ୍ନକାରୀ ଅଟେ ।"

**ଜ୍ୟାୟସ୍ୱନ୍ତଶ୍ଚିତ୍ତିନୋ ମା ବି ଯୌଷ୍ଟସଂରାଧୟନ୍ତଃ ମଧୁରାଶ୍ଚରନ୍ତଃ । ଅନ୍ୟୋ ଅନ୍ୟସ୍ମୈବଲ୍‌ଗୁ ବଦନ୍ତି ଏତେ ସଧ୍ରୀଚୀନାନ୍ ନଃ ସଂମନସସ୍କୃଣୋମି ॥** ଅ. ୩-୩୦-୫ ॥

ଜ୍ୟେଷ୍ଠଙ୍କ ଆଜ୍ଞାକାରୀ ହୋଇ ଉଦାର ହୃଦୟବାନ୍ ହୁଅ । ଏକାଠି ରହ, ଆପଣା ଅପଣା ମଧ୍ୟରେ ବିଭେଦ ନ ହେଉ । ଗୃହସ୍ଥାଶ୍ରମ ରୂପକ ଗାଡ଼ିକୁ ଏକାଠି ମିଳି ମିଶି ଟାଣ । ସୁନ୍ଦର ପ୍ରିୟ ବଚନ କହି ମୋର ଆଡ଼କୁ ଅଗ୍ରସର ହୁଅ । ଜଣେ ଅନ୍ୟସହ ସହଯୋଗୀ ଓ ଏକ ମନ ହେବାପାଇଁ ମୁଁ ତୁମ୍ଭଙ୍କୁ ଆଜ୍ଞା ଦେଉଅଛି ।

**ସମାନୀ ପ୍ରପା ସହ ବୋଽନ୍ନଭାଗଃ ସମାନେ ଯୋକ୍ତ୍ରେ ସହ ବୋ ୟୁନଜ୍ମି । ସମ୍ୟଞ୍ଚୋଽଗ୍ନିଂ ସପର୍ଯ୍ୟତାରା ନାଭୀମିବାଭିତଃ ॥**

ଅ. ୩-୩୦-୩୬ ॥

ତୁମ୍ଭର ପିଇବା ଓ ଖାଇବା ସ୍ଥାନ ଏକତ୍ର ହେଉ (ପ୍ରେମରେ ଏକତ୍ର ପାନ ଭୋଜନ କର) । ଗୋଟିଏ ଦଉଡ଼ିରେ ତୁମ୍ଭେମାନେ ବାନ୍ଧିହେବାକୁ ଆଜ୍ଞା ଦେଉଅଛି । ତୁମେ ସବୁ ମିଶି ଅଗ୍ନିର ସେବନ କର (ମିଳି ମିଶି ଅଗ୍ନିହୋତ୍ର କର) । ଚକର ଅର ଯେପରି କାର୍ଯ୍ୟ କରେ ସେପରି ଏକାଠି କାର୍ଯ୍ୟ କର ।

**ସଧ୍ରୀଚୀନାନ୍ ବଃ ସଂମନସସ୍କଣୋମ୍ୟେକ ଶ୍ରୁଷ୍ଟାନ୍ତ୍ସଂବନେନ ସର୍ବାନ୍ । ଦେବା ଇବାମୃତଂ ରକ୍ଷାମଣାଃ ସାୟଂ ପ୍ରାତଃ ସୌମନସୋ ବୋଅସ୍ତୁ ॥** ଅ. ୩-୩୦-୭ ॥

"ମୁଁ ତୁମ୍ଭ ସମସ୍ତଙ୍କୁ ଏକାଠି ମିଳିମିଶି ପରିଶ୍ରମୀ ହେବା ପାଇଁ ଏବଂ ପ୍ରେମର ସମାନ ଭାଗ ବଣ୍ଟନକାରୀ ହେବାପାଇଁ ଆଜ୍ଞା ଦେଉଅଛି । ଦେବତାଙ୍କ ପରି ଆମର ଜୀବନ ରକ୍ଷା କର, ସକାଳ ଓ ସଂଧ୍ୟାରେ ତୁମ୍ଭର ପ୍ରୀତି ଓ ଶୁଭ ଚିନ୍ତନ ଭାବ ଜାଗ୍ରତ ହେଉ ।"

**ଅଭିତ୍ୱାମନୁଜାତେନ ଦଧାମି ମମ ବାସସା ।**
**ଯଥାସୋ ମମ କେବଲୋ ନାନ୍ୟାସାଂ କୀର୍ତୟାଶ୍ଚନ ॥**

ଅ. ୭-୩୧-୧ ॥

**ଅହଂ ବଦାମି ନେତ୍ ତ୍ୱଂ ସଭାୟାମହ ତ୍ୱଂ ବଦ ।**
**ମମେଦସସ୍ତ୍ୱଂ କେବଲୋ ନନ୍ୟାସାଂ କୀର୍ତୟାଶ୍ଚନ ॥**

ଅ. ୭-୩୮-୪ ॥

"ହେ ମନନଶୀଳ ପୁରଷ ! ମୁଁ ତୁମକୁ ମୋର (ପ୍ରେମ) ବସ୍ତ୍ରରେ ବାନ୍ଧୁଅଛି ଯେପରି ତୁମେ ମୋର ହୋଇ ରହ ଏବଂ ଅନ୍ୟ ସ୍ତ୍ରୀର କଥା ମଧ୍ୟ କହ ନାହିଁ । ମୁଁ ପ୍ରତିଜ୍ଞା କରୁଅଛି ଏବଂ ଏହି ସଭାରେ ତୁମ୍ଭେ ମଧ୍ୟ ପ୍ରତିଜ୍ଞା କର ଯେ ମୋର ହୋଇ ରହିବ ।"

**ଉତ୍କଳ ସାହିତ୍ୟ ସଂସ୍ଥାନ ଦ୍ୱାରା ପ୍ରକାଶିତ ପଠନୀୟ ଶିକ୍ଷଣୀୟ ସଂଗ୍ରହଣୀୟ ଉପାଦେୟ ଜୀବନୋପଯୋଗୀ କେତୋଟି ମହନୀୟ ଗ୍ରନ୍ଥ..........**

**ସତ୍ୟାର୍ଥ ପ୍ରକାଶ ପୂର୍ବାର୍ଦ୍ଧ ଓ ଉତ୍ତରାର୍ଦ୍ଧ........**

ଧର୍ମ-କର୍ମ, ପୂଜା-ପାଠ, ତୀର୍ଥ-ବ୍ରତ, କର୍ତ୍ତବ୍ୟ-ଅକର୍ତ୍ତବ୍ୟର ପ୍ରକୃତ ରହସ୍ୟ ଜାଣିବାକୁ ହେଲେ, ସର୍ବୋପରି ଈଶ୍ୱରଙ୍କ ସ୍ୱରୂପ ସମ୍ପର୍କରେ ଅବଗତ ହୋଇ ଧର୍ମମାର୍ଗରେ ପରିଚାଳିତ ହୋଇ ପ୍ରକୃତ ଧାର୍ମିକ ହେବାକୁ ହେଲେ ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ବିରଚିତ ଅମରଗ୍ରନ୍ଥ ସତ୍ୟାର୍ଥ ପ୍ରକାଶକୁ ଅବଶ୍ୟ ପଢ଼ନ୍ତୁ ।

ମୂଲ୍ୟ-୧୨୦ ଟଙ୍କା ମାତ୍ର

ଅନୁବାଦକ : ପଣ୍ଡିତ ବିଶିକେସନ ଶାସ୍ତ୍ରୀ

**ବ୍ରହ୍ମଚର୍ଯ୍ୟ ହିଁ ଜୀବନ...........**

ମନୁଷ୍ୟ ଜୀବନର ସୁଖ-ଶାନ୍ତି-ଆନନ୍ଦର ଆଧାରଭୂତ ହେଉଛି ଏକମାତ୍ର ବ୍ରହ୍ମଚର୍ଯ୍ୟ । ବ୍ରହ୍ମଚର୍ଯ୍ୟ ଦ୍ୱାରା ମନୁଷ୍ୟ ଦୀର୍ଘଜୀବୀ ହୋଇ ଅଲୌକିକ କାର୍ଯ୍ୟକୁ ମଧ୍ୟ ଅନାୟାସରେ କାର୍ଯ୍ୟକାରୀକରି ଆତ୍ମିକ-କଲ୍ୟାଣ କରିବାରେ ସମର୍ଥ ହୋଇଥାଏ । ଏହାରି ଅଭାବରେ ମନୁଷ୍ୟ ହାହୁତାଶମୟ ଜୀବନଯାପନ କରେ । ଏସବୁର ତଥ୍ୟ ଜାଣିବାକୁ ହେଲେ ପଢ଼ନ୍ତୁ ।

ମୂଲ୍ୟ-୧୫ ଟଙ୍କା ମାତ୍ର ।

ଲେଖକ-ବ୍ର. ସୁଦର୍ଶନଦେବାର୍ଯ୍ୟ ବ୍ରତୀ ।

**ବୈଦିକ ଗଳ୍ପମାଳା.............**

ବେଦର ମହନୀୟ ତଥ୍ୟକୁ ଉପଲବ୍ଧି କରିବା ସହଜସାଧ୍ୟ ବିଷୟ ନୁହେଁ । ସେହି ବେଦର ନିଗୂଢ଼ ରହସ୍ୟକୁ ଉତ୍ତମରୂପେ ଉପଲବ୍ଧି

କରି ସତ୍‌ପଥର ପଥିକ ହୋଇ ନିଜ ଜୀବନକୁ ସରସ ସୁନ୍ଦର କରିବାକୁ ହେଲେ ପୂଜ୍ୟ ସ୍ୱାମୀ ଧର୍ମାନନ୍ଦ ସରସ୍ୱତୀଙ୍କ ଲିଖିତ, ସରଳ ତରଳ ଭାଷାରେ ପ୍ରକାଶିତ ପୁସ୍ତକ ପଢ଼ନ୍ତୁ ।

ମୂଲ୍ୟ-୮ ଟଙ୍କା ମାତ୍ର

ଅନୁବାଦକ : ବ୍ର. ସତ୍ୟପ୍ରିୟ ଆର୍ଯ୍ୟ ସାମଶ୍ରବା ।

**କନ୍ୟା ଓ ବ୍ରହ୍ମଚର୍ଯ୍ୟ..............**

ଆଜିକାଲିର ନବଯୁବତୀମାନେ ପାଶ୍ଚାତ୍ୟଶିକ୍ଷାର ବଶବର୍ତ୍ତୀ ହୋଇ ନିଜର ଜୀବନ-କଳିକାକୁ ପ୍ରସ୍ଫୁଟିତ ହେବା ପୂର୍ବରୁ ନଷ୍ଟଭ୍ରଷ୍ଟ କରି ଦେଉଛନ୍ତି । ସେମାନେ ନିଜ ଜୀବନ ପଥକୁ ଯଦି କୁସୁମିତ ଓ ସୁରଭିତ କରି ଗଢ଼ିବାକୁ ଚାହୁଁଥାନ୍ତି ତେବେ ସ୍ୱାମୀ ଆତ୍ମାନନ୍ଦ ସରସ୍ୱତୀଙ୍କ ଲିଖିତ ପୁସ୍ତକ ସାଇତି ରଖନ୍ତୁ ।

ମୂଲ୍ୟ-୫ ଟଙ୍କା ମାତ୍ର ।

ଅନୁବାଦକ :-ପଣ୍ଡିତ ବିଶିକେସନ ଶାସ୍ତ୍ରୀ

**ସରଳ ଚିକିତ୍ସା ପଦ୍ଧତି.............**

"ସ୍ୱାସ୍ଥ୍ୟ ହିଁ ସମ୍ପଦ" ଏହାରି ଅଭାବରେ ସବୁଥାଇ ମଧ୍ୟ ମନୁଷ୍ୟ ଅସହାୟ ହୋଇପଡ଼େ । ସଂଯମ ଜୀବନ-ଯାପନ ନ କରି ଆଜି ମନୁଷ୍ୟସମାଜ ଏକାଧିକ ରୋଗରେ ହନ୍ତସନ୍ତ ହୋଇ ଅକାଳରେ ମୃତ୍ୟୁ ବରଣ କରିବାକୁ ବାଧ୍ୟ ହେଉଅଛି । ଦୁଃସାଧ୍ୟ ରୋଗମୁକ୍ତ ହେବାକୁ ହେଲେ ନିଜ ନିକଟରେ ସାଇତି ରଖନ୍ତୁ ।

ମୂଲ୍ୟ-୧୦ ଟଙ୍କା ମାତ୍ର ।

ଲେଖକ- ସ୍ୱାମୀ ବ୍ରତାନନ୍ଦ ସରସ୍ୱତୀ ॥

**ଯୋଗାସନ ଓ ପ୍ରାଣାୟାମ..........**

**"ଶରୀରମାଦ୍ୟଂ ଖଳୁ ଧର୍ମ ସାଧନମ୍"** ଶରୀର ସୁସ୍ଥ ଶବଳ ନ ରହିଲେ କୌଣସି କାର୍ଯ୍ୟ ସୁଚାରୁ ରୂପେ କରାଯାଇ ନ ପାରେ । ତେଣୁ ଶରୀରକୁ ସୁସ୍ଥ ଶବଳ ଓ ନିରୋଗ ରଖିବାକୁ ହେଲେ ପ୍ରାଚୀନ ମୁନି ଋଷିଙ୍କ ପ୍ରବର୍ତ୍ତିତ ଆସନ, ପ୍ରାଣାୟାମ ପ୍ରଭୃତି ପ୍ରତ୍ୟହ ନିୟମିତରୂପେ କରିବା ଏକାନ୍ତ ଆବଶ୍ୟକ । ରୋଗାକ୍ରାନ୍ତ ଶରୀରକୁ ଆସନ ଦ୍ୱାରା କିପରି ସୁସ୍ଥ ନିରାମୟ କରାଯାଇପାରେ ସେସବୁକୁ ଜାଣିବା ପାଇଁ ଅବଶ୍ୟ ଥରେ ପଢ଼ନ୍ତୁ ।

ମୂଲ୍ୟ-୧୫ ଟଙ୍କା ।

ଲେଖକ-ସ୍ୱାମୀ ବ୍ରତାନନ୍ଦ ସରସ୍ୱତୀ ।

**ବୈଦିକ ଭଜନ ରତ୍ନାବଳୀ..........**

ଈଶ୍ୱରଙ୍କ ନିକଟରେ ଭକ୍ତି ଗଦ୍‌ଗଦ ଚିତ୍ତରେ ଆତ୍ମ ସମର୍ପଣ କରିବାକୁ ହେଲେ ଭକ୍ତଗଣଙ୍କ ହୃଦୟରେ ତଲ୍ଲୀନତା ସହିତ ଭାବ ବିହ୍ୱଳିତ ହୋଇ ହୃଦୟ ସ୍ପର୍ଶୀ ଭଜନ, ଜଣାଣ ତଥା ପ୍ରାର୍ଥନା ପ୍ରଭୃତିର ପ୍ରାସଙ୍ଗିକତା ମଧ୍ୟ ଯେ ରହିଛି ଏହା ଯେକେହି ସ୍ୱୀକାର କରିବାକୁ ବାଧ୍ୟ ହେବେ । ଆର୍ଯ୍ୟ ସମାଜରେ ବହୁଳ ଭାବେ ପ୍ରଗ୍ଚରିତ ଓ ପ୍ରଚଳିତ ନିରାକାର ଉପାସନା ସଂପର୍କୀୟ ଓଡ଼ିଆ, ସଂସ୍କୃତ ଓ ହିନ୍ଦୀ ଭାଷାର ଭଜନାଦି ଯଦି ଜାଣିବାକୁ ଗ୍ଚହାନ୍ତି ତେବେ ଆଜି ହିଁ ସଂଗ୍ରହ କରନ୍ତୁ ।

ମୂଲ-୩୦ ଟଙ୍କା ମାତ୍ର ।

ସଂକଳକ :- ପଣ୍ଡିତ ବିଶିକେସନ ଶାସ୍ତ୍ରୀ

**ଆଧ୍ୟାତ୍ମିକ ସନ୍ଦେଶ...........**

ଆଧ୍ୟାତ୍ମ ଜଗତର ନିଗୂଢ଼ ରହସ୍ୟ ଯାହାକି ସିଦ୍ଧସାଧକମାନେ ସାଧନା ମାଧ୍ୟମରେ ଆୟତ୍ତ କରିଥାନ୍ତେ ସେହି ଆଧ୍ୟାତ୍ମ ମାର୍ଗରେ ପରିଚାଳିତ ହୋଇ ସୁସଂଯମ ଜୀବନ-ଯାପନ କରିବାକୁ ହେଲେ ଓ ନିଜର ଜୀବନ କଳିକାକୁ ପ୍ରସ୍ଫୁଟିତ କରି ଆତ୍ମିକ କଲ୍ୟାଣରେ ବ୍ରତୀ ହେବାକୁ ହେଲେ ବ୍ର. ସୁମେରୁ ପ୍ରସାଦ ଦର୍ଶନାଚାର୍ଯ୍ୟଙ୍କ ଲିଖିତ ପୁସ୍ତକକୁ ଅବଶ୍ୟ ପଢ଼ନ୍ତୁ ।

ମୂଲ୍ୟ-୩୦ ଟଙ୍କାମାତ୍ର ।

ଅନୁବାଦିକା-କୁ. ବୀଣାବେଦବାଦିନୀ ।

**ଆଧ୍ୟାତ୍ମିକ ଗଳ୍ପମାଳା-ପ୍ରଥମ ଭାଗ...........**

ଆଧ୍ୟାତ୍ମିକ ଜଗତର ଅତି ଗହନରୁ ଗହନ ବିଷୟବସ୍ତୁକୁ ସମସ୍ତଙ୍କ ବୋଧଗମ୍ୟ ହେବାପରି ଅତି ସାବଲୀଳ ଢଙ୍ଗରେ କାହାଣୀ ମାଧ୍ୟମରେ ପରିବେଷଣ କରିଛନ୍ତି ମହାତ୍ମା ଆନନ୍ଦସ୍ୱାମୀ ସ୍ୱବିରଚିତ "**ବୋଧ କଥାଏଁ**" ପୁସ୍ତକରେ ସେସବୁ ବିଷୟବସ୍ତୁ ସହିତ ଓଡ଼ିଆ ପାଠକ-ପାଠିକାମାନେ ସହଜରେ ଯେପରି ପରିଚିତ ହୋଇପାରିବେ ସେହି ସୁମହତ୍ ଲକ୍ଷ୍ୟକୁ ଆଖିଆଗରେ ରଖି ଓଡିଆ ଭାଷାର ଭାବ, ଭଙ୍ଗୀ ଶୈଳୀକୁ ଅକ୍ଷୁର୍ଣ୍ଣ ରଖି ଅତନ ସରଳ ଭାଷାରେ ପ୍ରକାଷିତ ହୋଇଛି ତୃତୀୟ ସଂସ୍କରଣ । ଯେ କୌଣସି ବ୍ୟକ୍ତି ହୁଅନ୍ତୁ ନା କାହିଁକି ନିଜ ଜୀବନକୁ ସରସ ସୁନ୍ଦର କରିବାକୁ ଚାହୁଁଥିଲେ ନିଜ ନିକଟରେ ସାଇତି ରଖିବାର ଏକ ମାତ୍ର ଉପାଦେୟ ପୁସ୍ତକ ।

ମୂଲ୍ୟ-୨୫ ଟଙ୍କାମାତ୍ର ।

ଅନୁବାଦକ :- ପଣ୍ଡିତ ବିଶିକେସନ ଶାସ୍ତ୍ରୀ

ଓ୩ମ୍

# ଉତ୍କଳ ସାହିତ୍ୟ ସଂସ୍ଥାନ

## ଗୁରୁକୁଳ ଆଶ୍ରମ ଆମସେନା ଦ୍ୱାରା ପ୍ରକାଶିତ ପୁସ୍ତକ ସୂଚୀ

| | | |
|---|---|---|
| ୧- | ସତ୍ୟାର୍ଥ ପ୍ରକାଶ (ପୂର୍ବାର୍ଦ୍ଧ ,ଉତ୍ତରାର୍ଦ୍ଧ) | - ୧୧୦.୦୦ |
| ୨- | ଋଗ୍ୱେଦାଦି ଭାଷ୍ୟଭୂମିକା | - ୧୦୦.୦୦ |
| ୩- | ସଂସ୍କାର ବିଧିଃ | - ୩୦.୦୦ |
| ୪- | ବ୍ୟବହାର ଭାନୁ | - ୧୦.୦୦ |
| ୫- | ଆଧ୍ୟାତ୍ମିକ ଗଳ୍ପମାଳା (୧ ଭାଗ) | - ୨୫.୦୦ |
| ୬- | ସୁଖୀ ଗୃହସ୍ଥ | - ୨୦.୦୦ |
| ୭- | ଯୋଗାସନ ଓ ପ୍ରାଣାୟାମ | - ୧୫.୦୦ |
| ୮- | ଭାରତ ଅବନତିର ସାତୋଟି କାରଣ | - ୧୫.୦୦ |
| ୯- | ମାଂସ କ'ଣ ମନୁଷ୍ୟର ଭୋଜନ ? | - ୬.୦୦ |
| ୧୦- | ବୈଦିକ ଗଳ୍ପମାଳା | - ୮.୦୦ |
| ୧୧- | ସ୍ୱାସ୍ଥ୍ୟର ମହାନ୍ ଶତ୍ରୁ ଅଣ୍ଡା | - ୫.୦୦ |
| ୧୨- | ବ୍ରହ୍ମଚର୍ଯ୍ୟ ହିଁ ଜୀବନ | - ୧୫.୦୦ |
| ୧୩- | ବୈଦିକ ଧର୍ମ -ଆର୍ଯ୍ୟ ସମାଜ ପ୍ରଶ୍ନୋତ୍ତରୀ | - ୧୦.୦୦ |
| ୧୪- | ଗୃହୋପବନର ଦୁଇଟି ମାଳି | - ୨୦.୦୦ |
| ୧୫- | ଈଶ୍ୱର ସିଦ୍ଧି | - ୧୫.୦୦ |
| ୧୬- | ଯଜୁର୍ବେଦ ଅଧ୍ୟାୟ ୩୧ ସବ୍ୟାଖ୍ୟା | - ୧୦.୦୦ |
| ୧୭- | ବେଦ ହିଁ ଈଶ୍ୱରୀୟ ଜ୍ଞାନ | - ୧୦.୦୦ |
| ୧୮- | ମନର ବୈଦିକ ସ୍ୱରୂପ | - ୧୫.୦୦ |
| ୧୯- | ବୀର ହନୁମାନ ବାନର ନ ଥିଲେ | - ୮.୦୦ |
| ୨୦- | ପ୍ରଣବ ଉପାସନା | - ୮.୦୦ |
| ୨୧- | ଈଶ୍ୱରଙ୍କ ପ୍ରକୃତ ସ୍ୱରୂପ | - ୧୫.୦୦ |
| ୨୨- | ପାପ ପୁଣ୍ୟ ମୀମାଂସା | - ୧୦.୦୦ |